ବର୍ଷ-୨୪, ସଂଖ୍ୟା-୨୭୪
ଭୁବନେଶ୍ୱର
୦୭ ନଭେମ୍ବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 274
Bhubaneswar
07 November, 2024 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଦୁବାଇ ଅନ୍ତର୍ଜାତୀୟ ଯୁବ ସମ୍ମିଳନୀରେ ଲିଟିଲ ମିସ ୟୁନିଭର୍ସ ପଦ୍ମାଳୟା ନନ୍ଦ ନିମନ୍ତ୍ରିତ

# ଟ୍ରମ୍ପଙ୍କ ଚମତ୍କାର ବିଜୟ

**ରିପବ୍ଲିକାନ ୨୭୭**

**ଡେମୋକ୍ରାଟିକ ୨୨୪**



**ୱାଶିଂଟନ୍,୬।୧୧(ମହାଭାରତ):** ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି ଡୋନାଲ୍ଡ ଟ୍ରମ୍ପ। ଆମେରିକାର ରାଷ୍ଟ୍ରପତି ନିର୍ବାଚନ ରେସରେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ବାଜି ମାରିଛନ୍ତି। ସେ ସମସ୍ତ ୭ଟି ଯାକ ସ୍ୱିଙ୍ଗ ଷ୍ଟେଟରେ ଡେମୋକ୍ରାଟିକ ପାର୍ଟିର କମଳା ହାରିସଙ୍କୁ ମାତ୍ ଦେଇଛନ୍ତି। ଆମେରିକାର ମୋଟ ୫୩୮ ଇଲେକ୍ଟୋରାଲ ଭୋଟ ମଧ୍ୟରୁ ଟ୍ରମ୍ପ ଏଯାଏ ୨୭୭ଟିରେ ଜିତିଥିବା ବେଳେ କମଳା ୨୨୪ରେ ଅଟକି ଯାଇଛନ୍ତି। ରାଷ୍ଟ୍ରପତି ହେବା ପାଇଁ ୨୭୦ଟି ଇଲେକ୍ଟୋରାଲ ଭୋଟ ଆବଶ୍ୟକ। ଗଣତି ଶେଷ ହେବା ପୂର୍ବରୁ ଟ୍ରମ୍ପ ହାସଲ କରି ନେଇଛନ୍ତି। ୪ ବର୍ଷ ପରେ ପୁଣି ଥରେ ଟ୍ରମ୍ପଙ୍କ ସ୍ୱପ୍ନ ସାକାର ହୋଇଛି। ସେ ପୁଣି ଥରେ ଦଖଲ କରିଛନ୍ତି ହ୍ୱାଇଟ୍ ହାଉସ।

ଟ୍ରମ୍ପ ଆମେରିକାରେ ଐତିହାସିକ ବିଜୟ ହାସଲ କରି ଦମଦାର ଢଙ୍ଗରେ କମବ୍ୟାକ କରିଥିବାବେଳେ ଏକାଧିକ ରେକର୍ଡ କରିଛନ୍ତି। ଆମେରିକା ଇତିହାସରେ ଟ୍ରମ୍ପ ଦ୍ୱିତୀୟ ରାଷ୍ଟ୍ରପତି ଯିଏ ୪ ବର୍ଷ ବ୍ୟବଧାନ ପରେ ପୁଣି ଶୀର୍ଷ ସ୍ଥାନକୁ ଫେରିଛନ୍ତି। ପୂର୍ବରୁ ଏପରି ଘଟଣା ଗ୍ରୋଭର କ୍ଲେଭେଲାଣ୍ଡଙ୍କ ସହ ଘଟିଥିଲା। ତେବେ ଗ୍ରୋଭର ୧୩୨ ବର୍ଷ ତଳେ ଏପରି ଇତିହାସ ରଚିଥିଲେ। ଗ୍ରୋଭର ଆମେରିକାର ୨୨ତମ ଓ ୨୪ତମ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ। ପ୍ରଥମେ ସେ ୧୮୮୫ରୁ ୧୮୮୯ ଓ ପରେ ୧୮୯୩ରୁ ୧୮୯୭ ଯାଏ ହ୍ୱାଇଟ ହାଉସକୁ ଦଖଲ କରିଥିଲେ। ଟ୍ରମ୍ପ ପ୍ରଥମଥର ପାଇଁ ୨୦୧୬ରୁ ୨୦୨୦ ଯାଏ ରାଷ୍ଟ୍ରପତି ହୋଇଥିଲେ। ୨୦୨୦ରେ ସେ ନିର୍ବାଚନ ଲଢ଼ିଥିଲେ ହେଁ ଜୋ ବାଇଡେନଙ୍କ ଠାରୁ ହାରି ଯାଇଥିଲେ। ଏବେ ସେ ୨୦୨୪ରେ କମଳା ହାରିସଙ୍କୁ ପରାସ୍ତ କରି ରାଷ୍ଟ୍ରପତି ହେବାକୁ ଯାଉଛନ୍ତି।

ଆମେରିକା ଇତିହାସରେ ୭୮ ବର୍ଷୀୟ ଟ୍ରମ୍ପ ବୟସ୍କ ବ୍ୟକ୍ତି ଭାବେ ରାଷ୍ଟ୍ରପତି ହୋଇଛନ୍ତି। ଜୋ ବାଇଡେନଙ୍କୁ ନଭେମ୍ବର ୨୦ରେ ୮୨ ବର୍ଷ ବୟସ ହେବ। ସେ ଦେଶର କାର୍ଯ୍ୟରତ ବୟସ୍କ ରାଷ୍ଟ୍ରପତି ହେବାର କୀର୍ତ୍ତିମାନ ହାସଲ କରିବେ। ଏହାବାଦ ଟ୍ରମ୍ପ ଦୀର୍ଘ ଦୁଇ ଦଶନ୍ଧି ମଧ୍ୟରେ ରିପବ୍ଲିକାନର ପ୍ରଥମ ପ୍ରାର୍ଥୀ ଭାବେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପପୁଲାର ବା ଲୋକପ୍ରିୟ ଭୋଟ ପାଇବାକୁ ସକ୍ଷମ ହୋଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ ରିପବ୍ଲିକାନର ପ୍ରାର୍ଥୀ ଜର୍ଜ ଡବ୍ଲ୍ୟୁ ବୁଶଙ୍କ ପରେ ଲୋକପ୍ରିୟ ଭୋଟ ପାଇ ହ୍ୱାଇଟ ହାଉସକୁ ଯାଉଛନ୍ତି। ୨୦୦୪ରେ ବୁଶ ଲୋକପ୍ରିୟ ଭୋଟ ପାଇ ରାଷ୍ଟ୍ରପତି ହୋଇଥିଲେ। ଲୋକପ୍ରିୟ ଭୋଟର ଅର୍ଥ ଦେଶର ମୋଟ ଭୋଟ ସଂଖ୍ୟା। ଏହାର ସମ୍ପର୍କ ଇଲେକ୍ଟୋରାଲ କଲେଜ ସହ ନାହିଁ। ଜଣେ ପ୍ରାର୍ଥୀ ଅଧିକ ଭୋଟ ବା ଲୋକପ୍ରିୟ ଭୋଟ ପାଇଥିଲେ ମଧ୍ୟ ଯଦି ତାଙ୍କର ଇଲେକ୍ଟୋରାଲ କଲେଜ ବା ଭୋଟ ସଂଖ୍ୟା କମ ରହିଥିବ, ତାହେଲେ ସେ ରାଷ୍ଟ୍ରପତି ହୋଇପାରିବେ ନାହିଁ।

୨୦୧୬ରେ ସମାନ ଘଟଣା ଘଟିଥିଲା। ଡେମୋକ୍ରାଟିକ ପ୍ରାର୍ଥୀ ହିଲାରୀ କ୍ଲିଣ୍ଟନ ଲୋକପ୍ରିୟ ଭୋଟ ପାଇଥିଲେ ହେଁ ଇଲେକ୍ଟୋରାଲ କଲେଜ ଆଧାରରେ ଟ୍ରମ୍ପ ବିଜୟୀ ହୋଇଥିଲେ। ୨ଟି ଅନାସ୍ଥା ପ୍ରସ୍ତାବ ସାମ୍ନା କରିବା ପରେ ରାଷ୍ଟ୍ରପତି।

## ଲଭ୍ ୟୁ ଆମେରିକା : ଟ୍ରମ୍ପ

**ଫ୍ଲୋରିଡ଼ା,୬।୧୧(ମହାଭାରତ):** ସଂଯୁକ୍ତ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନଦାର ପ୍ରଦର୍ଶନ କରି ନିଜର ବିଜୟର ଘୋଷଣା କରିଛନ୍ତି । ଟ୍ରମ୍ପ ଏଠାରେ ୱେଷ୍ଟ ପାମ ବିଚ୍ ରେ ନିଜ ଅଭିଯାନର ବାଂଚ ପାର୍ଟିରେ ଦେଶକୁ ସମ୍ବୋଧନ କରିଛନ୍ତି। ସେ କହିଛନ୍ତି ଯେ, ଏହି ବିଜୟ ଅବିଶ୍ୱସନିୟ ଏବଂ ଐତିହାସିକ ଅଟେ। ଏଥିସହ ଦେଶର ସମସ୍ତ ମତଦାତାଙ୍କ ନିକଟରେ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ଅବସରରେ ୱେଷ୍ଟ ପାମ ବିଚ୍‌ରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଜୋରଦାର ସ୍ୱାଗତ କରାଯାଇଥିଲା। ତାଙ୍କ ସହିତ ମଂଚ ଉପରେ ଜେଡି ଭାନ୍ସ, ତାଙ୍କ ପତ୍ନୀ ମେଲାନିୟା ଏବଂ ଅଭିଯାନର କର୍ମଚାରୀ ଉପସ୍ଥିତ ଥିଲେ । ଟ୍ରମ୍ପ ଆହୁରି ମଧ୍ୟ କହିଥିଲେ ଯେ, ଏହା ବଡ଼ ରାଜନୈତିକ ବିଜୟ ଅଟେ ।ଏହି ଅବସରରେ ସେ ଜେଡି ବେଂସଙ୍କୁ ଆଗାମୀ ଉପରାଷ୍ଟ୍ରପତି ନିମନ୍ତେ ଅଭିନନ୍ଦନ ଜଣାଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଆମେରିକାବାସୀ ମୋତେ ବିଶ୍ୱାସକୁ ନେଇଥିବାରୁ ଧନ୍ୟବାଦ। ଜବରଦସ୍ତ ବିଜୟ ଦେଇଥିବାରୁ ଆମେରିକାବାସୀଙ୍କ ପ୍ରତି କୃତଜ୍ଞ। ବିଜୟ ଯାତ୍ରାପଥ ଆଦୌ ସହଜ ନଥିଲା। ଏଥିସହ ପତ୍ନୀ ମେଲାନିଆ ଓ ପରିବାର ସଦସ୍ୟଙ୍କୁ ବି ଧନ୍ୟବାଦ ଦେଇଛନ୍ତି।

## ମୋଦୀଙ୍କ ସହ ଶୁଭେଚ୍ଛା ଜଣାଇଲେ ବିଶ୍ୱ ନେତା

**ନୂଆଦିଲ୍ଲୀ,୬।୧୧(ମହାଭାରତ):** ଟ୍ରମ୍ପଙ୍କ ବିଜୟ ପରେ ବିଶ୍ୱର ବିଭିନ୍ନ ଦେଶ ନିଜ ନିଜ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡୋନାଲ୍ଡ ଟ୍ରମ୍ପଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ତାଙ୍କ ବନ୍ଧୁ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟକୁ ନେଇ ସେ ଏକ ନିଆରା ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି, ମୁଁ ମୋର ବନ୍ଧୁ ଡୋନାଲ୍ଡ ଟ୍ରମ୍ପଙ୍କୁ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ବିଜୟ ପାଇଁ ଅଭିନନ୍ଦନ ଜଣାଉଛି। ଏହି ବିଜୟ ତାଙ୍କର ନୀତି ଏବଂ ନେତୃତ୍ୱର ଶକ୍ତିକୁ ପ୍ରମାଣିତ କରେ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆମେରିକାର ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ମ୍ୟାଜିକ୍ ପୁଣି ଥରେ ଦେଖିବାକୁ ମିଳିଛି। ଯେଉଁଥିରେ ସେ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କମଳା ହାରିସଙ୍କୁ ପରାସ୍ତ କରି ଏକ ଗୁରୁତ୍ୱପୂର୍ଣ୍ଣ ରାଜନେତିକ ପଦବୀ ହାସଲ କରିଛନ୍ତି। ଏହି ନିର୍ବାଚନ ଫଳାଫଳଗୁଡିକ ଫକ୍ସ ନ୍ୟୁଜ୍ ଦ୍ୱାରା ରିପୋର୍ଟ କରାଯାଇଛି, ଯାହା ଅନୁଯାୟୀ ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକୀୟ ରାଜନୀତିର ଦିଗ ନିର୍ଣ୍ଣୟ କରାଯିବ। ଏହି ବିଜୟକୁ ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବ କାର୍ଯ୍ୟକାଳର ସଫଳତାର ଫଳାଫଳ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମୋଦୀ ଆଶା କରିଛନ୍ତି ଯେ ସେ ଆଗାମୀ କାର୍ଯ୍ୟକାଳରେ ଅଧିକ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିବେ।

ଚୀନ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି, ଆପୋସ ସମ୍ମାନ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ ପରସ୍ପର ସହଯୋଗ ଭିତ୍ତିରେ ଚୀନ-ଆମେରିକା ସମ୍ପର୍ଗ ଜାରି ରହିବ ଆମେରିକାର ନାଗରିକଙ୍କ ପସନ୍ଦକୁ ଆମେ ସମ୍ମାନ ଜଣାଉଛୁ।



ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଡୋନାଲ୍ଡ ଟ୍ରମ୍ପଙ୍କୁ ତାଙ୍କର ଐତିହାସିକ ୨ୟ ପାଳି ବିଜୟ ପାଇଁ ଶୁଭେଚ୍ଛା ଜଣାଇ କହିଛନ୍ତି, ପାକିସ୍ତାନ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ମଜଭୁତ ହେବ ବୋଲି ଆଶାବାଦୀ ଅଛୁ।ନୂଆ। ପ୍ରଶାସନ ସହିତ ଘନିଷ୍ଠତାର ସହିତ କାର୍ଯ୍ୟ କରିବାକୁ ଆମେ ପ୍ରସ୍ତୁତ ରହିଛୁ ଦୁଇ ଦେଶ ମଧ୍ୟରେ ସହଭାଗିତା ଆଗକୁ ସୁଦୃଢ଼ ହେବ।

ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର ଜେଲେନ୍‌ସ୍କି ମଧ୍ୟ ଟ୍ରମ୍ପକୁ ଶୁଭେଚ୍ଛା ଜଣାଇଛନ୍ତି।ସେ ଲେଖିଛନ୍ତି, ଟ୍ରମ୍ପଙ୍କ ନିଷ୍ପତ୍ତିମୂଳକ ନେତୃ ଆମେରିକାକୁ ଅଧିକ ଶକ୍ତିଶାଳୀ କରିବ ୟୁକ୍ରେନ ପାଇଁ ଆମେରିକାର ସମର୍ଥନ ଉପରେ ଭରସା ରହିଛି ଦୁଇଦେଶ ପାଇଁ କଲ୍ୟାଣକାରୀ ରାଜନୈତିକ ଏବଂ ଅର୍ଥନୈତିକ ସହଯୋଗ ପ୍ରତି ଆମେ ଆଗ୍ରହୀ ଅଛୁ।

ବ୍ରିଟିଶ ପ୍ରଧାନମନ୍ତ୍ରୀ କେଇର୍ ଷ୍ଟାର୍ମର କହିଛନ୍ତି, ଟ୍ରମ୍ପଙ୍କ ସମୟରେ ଆମେରିକା-ବ୍ରିଟେନ ମଧ୍ୟରେ ସମ୍ପର୍କ ଦୃଢ଼ ହେବ। ଦୁଇ ଦେଶ ମଧ୍ୟରେ ରହିଥିବା ସ୍ୱତନ୍ତ୍ର ସମ୍ପର୍କ ଦୀର୍ଘସ୍ଥାୟୀ ହେବ।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, ହ୍ୱାଇଟହାଉସକୁ ଟ୍ରମ୍ପଙ୍କ ଐତିହାସିକ ପ୍ରତ୍ୟାବର୍ତ୍ତନ ହୋଇଛି। ଏହା ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ବୃହତ ମେଣ୍ଟ ଦିଗରେ ନୂତନ ଅଧ୍ୟାୟର ଆରମ୍ଭ।

ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ ସୁକ୍ ୟିଓଲ ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ଆପଣଙ୍କ ଦୃଢ଼ ନେତୃତ୍ୱରେ କୋରିଆ ଗଣରାଜ୍ୟ-ଆମେରିକା ମେଣ୍ଟର ଭବିଷ୍ୟତ ଉଜ୍ଜ୍ୱଳ ହେବ। ଆପଣଙ୍କ ସହିତ କାର୍ଯ୍ୟ କରିବାକୁ ଆଗ୍ରହ ସହକାରେ ଅପେକ୍ଷା କରିଛୁ।

ୟୁରୋପୀୟ ସଂଘ ପରିଷଦ ସଭାପତି ଚାର୍ଲ୍ସ ମିଶେଲ ଟ୍ରମ୍ପଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଛନ୍ତି। ୟୁରେପୀୟ ସଂଘ ଏବଂ ଆମେରିକା ମଧ୍ୟରେ ଦୀର୍ଘକାଳୀନ ମେଣ୍ଟ ଏବଂ ଐତିହାସିକ ସମ୍ପର୍କ ଦୃଢ଼ ହେବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

ଆୟର୍ଲାଣ୍ଡ ପ୍ରଧାନମନ୍ତ୍ରୀ ସାଇମନ ହ୍ୟାରିସ ଟ୍ରମ୍ପଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଆୟର୍ଲାଣ୍ଡ ଏବଂ ଆମେରିକା ମଧ୍ୟରେ ଥିବା ଐତିହାସିକ ସମ୍ପର୍କ ଅଧିକ ଗଭୀର ହେବ। ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଧିକ ମଜଭୁତ ହେବ ବୋଲି ଆମେରିକାବାସୀ ନିର୍ଣ୍ଣୟ ନେଇଛନ୍ତି।

## ଭିଜିଲାନ୍ସ ଜାଲରେ ଇଡ୍‌କୋ ମ୍ୟାନେଜର

**ଭୁବନେଶ୍ୱର,୬।୧୧(ମହାଭାରତ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଇଡକୋର ଜୁନିୟର ମ୍ୟାନେଜର ବିଜୟ କୁମାର ଉଦୟସିଂହ। ଅଳଜି ତାଙ୍କ ଘର ସମେତ ମୋଟ ୬ ଠିକଣାରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚାଉ କରାଯାଇଥିବା ବେଳେ ଠାବ ହୋଇଛି ଅଚଳାଚଳ ସଂପତ୍ତି।

ଭୁବନେଶ୍ୱରର ରାଜାରାଣୀ ମୌଜାର ଆର୍ଯ୍ୟ ବିହାରରେ ତାଙ୍କର ଏକ ଚାରି ମହଲା କୋଠା ରହିଛି। ଏହାର ଦାମ ୩.୨୨ କୋଟି ବୋଲି ଆକଳନ କରିଛି ଭିଜିଲାନ୍ସ। ପାଖାପାଖି ୭୫୦୦ ବର୍ଗଫୁଟ ଜମିରେ ଛିଡ଼ା ହୋଇଥିବା ଏହି ୪ ମହଲା କୋଠାଟି କୌଣସି ରାଜକୀୟ ବଙ୍ଗଳାଠାରୁ କମ୍ ନୁହେଁ। ଏହି କୋଠାର ସମସ୍ତ ଦ୍ୱାରରେ ସେନ୍ସର ଲାଗିଛି। ଡ୍ରଇଂ ରୁମଠାରୁ ଆରମ୍ଭ କରି ବେଡ୍ ରୁମ୍- ସବୁଠି ରହିଛି ସେନ୍ସର ଲକିଂ ବ୍ୟବସ୍ଥା। ଘରର ଡିଜାଇନ ଆଖି ଖୋସିଲା ଭଳି ହୋଇଛି। ଘର ସାରା ଇମ୍ପୋର୍ଟେଡ୍ ଉପକରଣ ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ, ବାବୁଙ୍କ ଏହି ଆଲିଶାନ ବଙ୍ଗଳାରେ ୩୨ଟି ଫ୍ୟାନ ଓ ୧୨ଟି ଏସି ଲାଗିଛି ।ପୁରୀ ଜିଲ୍ଲାର ବାଲୁଖଣ୍ଡ ମୌଜାରେ ଶ୍ରୀ ଉଦୟସିଂହଙ୍କର ଏକ ଫ୍ଲାଟ ଅଛି। ଭୁବନେଶ୍ୱର ଓ ଖୋର୍ଦ୍ଧାରେ ତାଙ୍କର ମୋଟ ୩ଟି ପ୍ଲଟ ଅଛି। ସେଥିରୁ ଦୁଇଟି ଭୁବନେଶ୍ୱରର ପ୍ରମୁଖ ସ୍ଥାନରେ ରହିଛି। ତାଙ୍କର ୩ଟି ଜମି ଅଛି। ସେଥିରୁ ଦୁଇଟି ଭୁବନେଶ୍ୱରର ରାଜରାଣୀ ମୌଜାରେ ରହିଛି। ଆଉ ଗୋଟିଏ ଖୋର୍ଦ୍ଧାର ପ୍ରତାପ ଶାସନରେ ଅଛି। ଏଗୁଡ଼ିକ ଦର ବେଶ୍ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତାଙ୍କର ଏହି ସବୁ ପ୍ଲଟ ଓ ଜମିର ପ୍ରକୃତ ମୂଲ୍ୟ ଜାଣିବା ପାଇଁ ମାପଚୂପ କରିଛି ଭିଜିଲାନ୍ସ।



ବିଜୟ କୁମାର ଉଦୟସିଂହ ବ୍ୟାଙ୍କରେ ୩୩ ଲକ୍ଷ ଟଙ୍କା ଜମା ରଖିଛନ୍ତି। ତାଙ୍କ ଘରୁ ନଗଦ ୪ ଲକ୍ଷ ୫୦ ହଜାର ଜବତ କରାଯାଇଛି। ସେହିପରି ତାଙ୍କର ଗୋଟିଏ ଦୁଇ ଚକିଆ। ଗାଡ଼ି ରହିଛି। ସୁନା ଅଳଙ୍କାର ମଧ୍ୟ ଜବତ କରାଯାଇଛି। ତାଙ୍କର ଅନ୍ୟାନ୍ୟ ଜମା ଓ ନିବେଶ ସଂପର୍କରେ ଜାଣିବା ପାଇଁ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଛି। ଗତ ୪ ମାସରେ ଭିଜିଲାନ୍ସ ବିଭାଗ ପକ୍ଷରୁ ହୋଇଥିବା ଚଢ଼ାଉରେ ୭ ଇଞ୍ଜିନିୟରଙ୍କ ଘରୁ ପୁଳା ପୁଳା ପ୍ଲଟ ଓ କେଜି କେଜି ସୁନା ଜବତ ହୋଇଛି। ଏହା ଦେଖି ସାଧାରଣ ଲୋକଙ୍କୁ ଜୋରଦାର ଝଟକା ଲାଗିଥିବା ବେଳେ ବାବୁମାନେ ଏବେ ଆଇନ ଜାଲରେ ଛନ୍ଦି ହୋଇ ଜେଲରେ ରହିଛନ୍ତି।

## ଖାଦ୍ୟ ନିଗମରେ ୧୦,୭୦୦ କୋଟି ନିବେଶ

**ନୂଆଦିଲ୍ଲୀ,୬।୧୧(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ରେ କାର୍ଯ୍ୟଶୀଳ ପୁଞ୍ଜି ନିମନ୍ତେ ୧୦,୭୦୦ କୋଟି ଟଙ୍କାର ଇକ୍ୱିଟି ନିବେଶକୁ ଅନୁମୋଦନ କରିଛି। କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଦେଶବ୍ୟାପୀ କୃଷକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ। ଏହି ରଣନୀତିକ ପଦକ୍ଷେପ କୃଷକମାନଙ୍କୁ ସମର୍ଥନ କରିବା ଏବଂ ଭାରତର କୃଷି ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି।

ଏଫସିଆଇ ୧୯୬୪ ମସିହାରେ ୧୦୦ କୋଟି ଟଙ୍କାର ଅଧିକୃତ ପୁଞ୍ଜି ଏବଂ ୪ କୋଟି ଟଙ୍କାର ଇକ୍ୱିଟି ସହିତ ଏହାର ଯାତ୍ରା ଆରମ୍ଭ କରିଥିଲା। ଏଫସିଆଇର ପରିଚାଳନାରେ ବହୁଗୁଣ ବୃଦ୍ଧି ହୋଇଥିଲା, ଫଳରେ ୨୦୨୪ ଫେବୃଆରୀରେ ଅନୁମୋଦିତ ପୁଞ୍ଜି ପରିମାଣ ୧୧,୦୦୦ କୋଟି ଟଙ୍କାରୁ ୨୧,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ଏଫସିଆଇର ଇକ୍ୱିଟି ୪,୪୯୬ କୋଟି ଟଙ୍କା ଥିଲା ଯାହାକି ୨୦୨୩-୨୪ ଆର୍ଥିକ ବର୍ଷରେ ୧୦,୧୫୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତ ସରକାର ଏଫସିଆଇ ପାଇଁ ୧୦,୭୦୦ କୋଟି ଟଙ୍କାର ଉଲ୍ଲେଖନୀୟ ପରିମାଣରେ ଇକ୍ୱିଟି ଅନୁମୋଦନ କରିଛନ୍ତି ଯାହା ଏହି ସଂସ୍ଥାକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବ ଏବଂ ଏହାର ରୂପାନ୍ତର ପାଇଁ ନିଆଯାଇଥିବା ପଦକ୍ଷେପକୁ ବ୍ୟାପକ ପ୍ରୋତ୍ସାହନ ଦେବ।

ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)ରେ ଖାଦ୍ୟଶସ୍ୟ କ୍ରୟ, ରଣନୀତିକ ଖାଦ୍ୟଶସ୍ୟ ଷ୍ଟକ୍ ରକ୍ଷଣାବେକ୍ଷଣ, କଲ୍ୟାଣମୂଳକ ପଦକ୍ଷେପ ପାଇଁ ଖାଦ୍ୟଶସ୍ୟ ବଣ୍ଟନ ଏବଂ ବଜାରରେ ଖାଦ୍ୟଶସ୍ୟ ମୂଲ୍ୟ ସ୍ଥିରତା ଜରିଆରେ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବାରେ ଏଫସିଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଫସିଆଇର ପରିଚାଳନା ଦକ୍ଷତାକୁ ପ୍ରଭାବଶାଳୀ ଭାବରେ ପୂରଣ କରିବା ଦିଗରେ ଇକ୍ୱିଟି ନିବେଶ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପାଣ୍ଠି ଆବଶ୍ୟକତାର ବ୍ୟବଧାନକୁ ପୂରଣ କରିବା ପାଇଁ ଏଫସିଆଇ ସ୍ୱଳ୍ପକାଳୀନ ଋଣର ଆଶ୍ରୟ ନେଇଥାଏ। ଏହି ନିବେଶ ଦ୍ୱାରା ସୁଧ ବୋଝ ହ୍ରାସ ପାଇବାରେ ସହାୟତା ମିଳିବ ଏବଂ ଶେଷରେ ଭାରତ ସରକାରଙ୍କ ସବସିଡିକୁ ହ୍ରାସ କରିବ।

## ରାଗିଂ ଅଭିଯୋଗରେ ୫ ଛାତ୍ର ଗିରଫ

**କେନ୍ଦୁଝର,୫।୧୧(ମହାଭାରତ):** କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ଜଣେ ଜୁନିୟର ଛାତ୍ରଙ୍କୁ ରାଗିଂ ଅଭିଯୋଗରେ ୫ ଜଣ ସିନିୟର ଛାତ୍ରଙ୍କୁ ଗିରଫ କରିଛି ଟାଉନ ଥାନା ପୁଲିସ। ଏଥି ସହିତ ସେମାନଙ୍କୁ ୧ ବର୍ଷ ପାଇଁ କଲେଜର ବାସନ୍ଦ ମଧ୍ୟ କରାଯାଇଛି। ଗତକାଲି ରାତିରେ ତୃତୀୟ ବର୍ଷର ୫ ଜଣ ଛାତ୍ର ଠେଙ୍ଗା ଓ ରଡ଼ରେ ଜଣେ ଜୁନୀୟର ଛାତ୍ରଙ୍କୁ ଆକ୍ରମଣ କରିଥିଲେ। ରାତି ପ୍ରାୟ ୨ଟା ୪୫ରେ ଏହି ଘଟଣା ଘଟିଥିଲା। ଦ୍ୱିତୀୟ ବର୍ଷର ଛାତ୍ର ଜଣଙ୍କ ହଷ୍ଟେଲରେ ତାଙ୍କ ରୁମରେ ଶୋଇଥିବା ବେଳେ ଏହି ୫ ଛାତ୍ର ତାଙ୍କୁ ଆକ୍ରମଣ କରିଥିଲେ।

## ୨୦୨୭ ସୁଦ୍ଧା ମେଟ୍ରୋ ପ୍ରକଳ୍ପ

ଭୁବନେଶ୍ୱର,୬।୧୧(ମହାଭାରତ): ରାଜଧାନୀ ଭୁବନେଶ୍ୱରରେ ଗଡ଼ିବ ମେଟ୍ରୋ ଟ୍ରେନ୍। ୨୦୨୭ ସୁଦ୍ଧା ସରିବ ମେଟ୍ରୋ ପ୍ରକଳ୍ପ କାମ ସରିବ। ପ୍ରତି ୧୦ ମିନିଟ୍ ବ୍ୟବଧାନରେ ଗଡ଼ିବ ମେଟ୍ରୋ। ଆଜି ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷ।

ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷ କହିଛନ୍ତି, ୨୦୨୭ ଡିସେମ୍ବର ସୁଦ୍ଧା ସରିବ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାମ।



ଭୂମିଠାରୁ ୧୩ ମିଟର ଉପରେ ଚାଲିବ ମେଟ୍ରୋ ଟ୍ରେନ୍। ତେବେ ରାଜମହଲ, ଜୟଦେବ ବିହାର ଓଭରବ୍ରିଜ ତଥା ବାରଙ୍ଗ ରେଲୱେ ଲାଇନ୍ ଉପରେ ଏହାର ଉଚ୍ଚତା ଅଧିକ ରହିବ। ପ୍ରତି ୧୦ ମିନିଟ ବ୍ୟବଧାନରେ ଚାଲିବ ମେଟ୍ରୋ। ସେଥିପାଇଁ ୩ କୋଚ୍ ବିଶିଷ୍ଟ ୧୩ଟି ମେଟ୍ରୋ ଟ୍ରେନ୍ କିଣିବାକୁ ଯୋଜନା ହୋଇଛି ବୋଲି ପ୍ରକଳ୍ପ କର୍ତ୍ତୃପକ୍ଷ କହିଛନ୍ତି।

ପ୍ରକଳ୍ପ କର୍ତ୍ତୃପକ୍ଷ ଆହୁରି ମଧ୍ୟ କହିଛନ୍ତି, ଏବେ ମେଟ୍ରୋ ପ୍ରକଳ୍ପ ପାଇଁ ଚାଲିଛି ମାଟି ପରୀକ୍ଷା। ବିଭିନ୍ନ ସ୍ଥାନରୁ ୫୦-୬୦ ମିଟର ତଳୁ ମାଟି ନେଇ ଦିଲ୍ଲୀ ଓ କଟକ ଲାବୋରେଟରୀରେ କରାଯାଉଛି ମାଟି ପରୀକ୍ଷା। ୨ ମାସ ମଧ୍ୟରେ ମାଟି ପରୀକ୍ଷା ସରିବ। ସେହିପରି ସଡ଼କ ଯାତ୍ରୀଙ୍କ ଯାତାୟତ ସୁବିଧା ଲାଗି ଏବେ ଶିଶୁ ଭବନ ଛକଠାରୁ ରଘୁନାଥପୁର ଜାଲି ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାମ ମଧ୍ୟ ଚାଲିଛି। ୨ ମାସ ମଧ୍ୟରେ ରାସ୍ତା ପ୍ରଶସ୍ତିକରଣ କାମ ସରିବ। ମାଟି ପରୀକ୍ଷା ରିପୋର୍ଟ ସରିବା ପରେ ଆରମ୍ଭ ହେବ ଫାଉଣ୍ଡେସନ ଡିଜାଇନ।ମେଟ୍ରୋ ପ୍ରକଳ୍ପ ଲାଗି ଭୁବନେଶ୍ୱର ଘାଟିକିଆଠାରେ କାଷ୍ଟିଂ ୟାର୍ଡ ତିଆରି ଚାଲିଛି। ଏଠାରେ ମେଟ୍ରୋ ରେଳ ଲାଇନ୍ ପାଇଁ ତିଆରି ହେବ କାଷ୍ଟିଂ ଉପକରଣ। ସେହିପରି ତ୍ରିଶୁଳିଆ ଫୁଲପୋଖରୀ ରତାଗଡ଼ଠାରେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ମେଣ୍ଟେନାନ୍ସ ଡିପୋ ତିଆରି କାମ ମଧ୍ୟ ଚାଲୁ ରହିଛି ବୋଲି ମେଟ୍ରୋ ପ୍ରକଳ୍ପ କର୍ତ୍ତୃପକ୍ଷ କହିଛନ୍ତି।

## ୪୨୩ କୋଟିର ବାତ୍ୟା ସହାୟତା ରାଶି ପ୍ରଦାନ

**ଭୁବନେଶ୍ୱର,୬।୧୧(ମହାଭାରତ):** ସାମୁଦ୍ରିକ ବାତ୍ୟା ଦାନା ଯୋଗୁଁ ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ମିଳିବ। ରାଜ୍ୟ ସରକାର ଏଥି ପାଇଁ ଜିଲ୍ଲାମାନଙ୍କୁ କ୍ଷତିପୂରଣ ସହାୟତା ପଠାଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ମୋଟ ୪୨୩ କୋଟି ଟଙ୍କାର ସହାୟତା ରାଶି ପଠାଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ବାଣ୍ଟିବେ।

## ସମ୍ପତ୍ତି ପାଇଁ ମା-ଝିଅଙ୍କୁ ହତ୍ୟା

**ସମ୍ବଲପୁର,୬।୧୧(ମହାଭାରତ):** ସମ୍ବଲପୁରର ମାନେଶ୍ୱରରେ ଜଘନ୍ୟ ଘଟଣା ସାମନାକୁ ଆସିଛି। ସମ୍ପତ୍ତି ଲୋଭରେ ମା' ଓ ଝିଅଙ୍କୁ ଜାଳିଦେବା ଘଟଣାରେ ୪ ଜଣଙ୍କୁ ଗିରଫ କରିଛି ପୋଲିସ। ସ୍ଥାନୀୟ ହାଟପଦାର ଏକ ଘରେ ଭୟାବହ ଅଗ୍ନିକାଣ୍ଡ ଘଟି ମା ଓ ଝିଅ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ମୃତା ହେଲେ ମା' ହେଉଛନ୍ତି ସ୍ନେହଲତା ଦୀକ୍ଷିତ ଓ ଝିଅ ସୈରିନ୍ଦ୍ରୀ ଦୀକ୍ଷିତ। ମାଆଙ୍କ ବୟସ ୯୦ ହୋଇଥିବା ବେଳେ ଝିଅ ୬୨ ବର୍ଷ ବୟସ୍କା ବୋଲି ଜଣାପଡିଛି। ତେବେ ଏହି ଘଟଣାରେ ମୃତ ମହିଳା ସ୍ନେହଲତା ଦୀକ୍ଷିତଙ୍କ ସାନ ଝିଅ ମୁହଁ ଖୋଲିବା ପରେ ଘଟଣାର ମୋଡ଼ ବଦଳିଥିଲା। ସେ କହିଛନ୍ତି, ସମ୍ପତ୍ତି ପାଇଁ ଭାଇ ବା ପୁତୁରା ଉଭୟଙ୍କୁ ହତ୍ୟା କରିଛନ୍ତି। ମାଆଙ୍କ ପାଖରେ କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା ହେତୁ ଭାଇ ବା ପୁତୁରା ହତ୍ୟା କରିଛନ୍ତି। ଏହି ଅଭିଯୋଗ ଆସିବା ପରେ ଏସଡିପିଓ ମଧ୍ୟ ଉକ୍ତ ଅଭିଯୋଗ ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି। ଅଭିଯୋଗ ଆଧାରରେ ୪ ଜଣଙ୍କୁ ଥାନାରେ ଅଟକ ରଖାଯାଇଛି। ଏସଡିପିଓ କହିଛନ୍ତି ଯେ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ତଦନ୍ତ ସରିବା ପରେ ପ୍ରକୃତ ଘଟଣା ଜଣାଯିବ।

## ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପିଏମ୍ ବିଦ୍ୟାଲକ୍ଷ୍ମୀ ଯୋଜନା

**ନୂଆଦିଲ୍ଲୀ,୬।୧୧(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ନାମକ ଏକ ନୂତନ କେନ୍ଦ୍ରୀୟ କ୍ଷେତ୍ର ଯୋଜନାକୁ ଅନୁମୋଦନ କରାଯାଇଛି। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଯାହାଫଳରେ ଆର୍ଥିକ ଅଭାବ କାରଣରୁ କେହି ଜଣେ ଉଚ୍ଚ ଶିକ୍ଷା ଗ୍ରହଣ କରିବାରୁ ବଞ୍ଚିତ ହେବେ ନାହିଁ । ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଯୋଜନା ଜାତୀୟ ଶିକ୍ଷା ନୀତି, ୨୦୨୦ ଅଧୀନରେ ଗ୍ରହଣ କରାଯାଇଥିବା ଅନ୍ୟତମ ପ୍ରମୁଖ ପଦକ୍ଷେପ।

ଉପରୋକ୍ତ ବ୍ୟତୀତ ବାର୍ଷିକ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାରିବାରିକ ଆୟ ଥିବା ଏବଂ ଅନ୍ୟ କୌଣସି ସରକାରୀ ବୃତ୍ତି କିମ୍ବା ସୁଧ ଛାଡ଼ ଯୋଜନାର ସୁବିଧା ପାଇବାକୁ ଯୋଗ୍ୟ ନଥିବା ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଋଣସ୍ଥଗନ ଅବଧି ବା ମୋରେଟୋରିୟମ ପିରିୟଡ୍ ମଧ୍ୟରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ୩ ପ୍ରତିଶତ ସୁଧ ରିହାତି ପ୍ରଦାନ କରାଯିବ।ପ୍ରତିବର୍ଷ ୧ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସୁଧ ରିହାତି ସହାୟତା ପ୍ରଦାନ କରାଯିବ। ସରକାରୀ ଅନୁଷ୍ଠାନରୁ ଆସିଥିବା ଏବଂ ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ବାଛିଥିବା ଛାତ୍ରଛାତ୍ରୀଙ୍କୁ ପ୍ରାଥମିକତା ଦିଆଯିବ। ୨୦୨୪-୨୫ରୁ ୨୦୩୦-୩୧ ମଧ୍ୟରେ ଏହି ଯୋଜନା ଲାଗି ୩,୬୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଏବଂ ଏହି ସମୟ ମଧ୍ୟରେ ୭ ଲକ୍ଷ ନୂତନ ଛାତ୍ରଛାତ୍ରୀ ଏହି ସୁଧ ଛାଡ଼ର ଲାଭ ପାଇବେ ବୋଲି ଆଶା କରାଯାଉଛି।ଉଭୟ ସରକାରୀ ଏବଂ ବେସରକାରୀ



ଉଚ୍ଚଶିକ୍ଷାନୁଷ୍ଠାନରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଉପଲବ୍ଧ କରାଇବା ପାଇଁ ଏନଇପିରେ ସୁପାରିସ କରାଯାଇଥିଲା। ଏହାକୁ ଗ୍ରହଣ କରି ପିଏମ୍ ବିଦ୍ୟାଲକ୍ଷ୍ମୀ ଯୋଜନା ଅଣାଯାଇଛି। ଏହାଦ୍ୱାରା ଗୁଣାତ୍ମକ ଉଚ୍ଚଶିକ୍ଷା ଅନୁଷ୍ଠାନରେ ନାମ ଲେଖାଇଥିବା ଯେକୌଣସି ଛାତ୍ରଛାତ୍ରୀ ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନରୁ ସମ୍ପୂର୍ଣ୍ଣ ପରିମାଣର ଟ୍ୟୁସନ୍ ଫି' ଏବଂ ପାଠ୍ୟକ୍ରମ ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବା ପାଇଁ ବନ୍ଧକ ମୁକ୍ତ, ଗ୍ୟାରେଣ୍ଟର ମୁକ୍ତ ଋଣ ପାଇବାକୁ ଯୋଗ୍ୟ ହେବେ। ଏହି ଯୋଜନା ଏକ ସରଳ, ସ୍ୱଚ୍ଛ ଏବଂ ବିଦ୍ୟାର୍ଥୀ ଅନୁକୂଳ ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେବ ଏବଂ ଏହା ଆନ୍ତଃପରିଚାଳନାଯୋଗ୍ୟ (ଇଣ୍ଟର-ଅପରେବଲ) ତଥା ସମ୍ପୂର୍ଣ୍ଣ ଡିଜିଟାଲ ହେବ।

ଏହି ଯୋଜନା ଦେଶର ଉଚ୍ଚକୋଟୀର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ। ଏନଆଇଆରଏଫ ମାନ୍ୟତାରେ ବର୍ଗଆଧାରିତ ଏବଂ ଡୋମେନ୍ଆଧାରିତ ରେଙ୍କିଙ୍ଗ୍ ସହିତ ଶୀର୍ଷ ୧୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଥିବା ଶିକ୍ଷାନୁଷ୍ଠାନ, ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାନୁଷ୍ଠାନ ମାନ୍ୟତାରେ ୧୦୧-୨୦୦ ମଧ୍ୟରେ ସ୍ଥାନ ପାଇଥିବା ଅନୁଷ୍ଠାନ ଏବଂ କେନ୍ଦ୍ରସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ଯୋଜନା ଲାଗୁ ହେବ। ସଦ୍ୟତମ ଏନଆଇଆରଏଫ ମାନ୍ୟତା ବ୍ୟବହାର କରି ଏହି ତାଲିକାକୁ ପ୍ରତିବର୍ଷ ସଂଶୋଧନ ବା ଅପଡେଟ୍ କରାଯିବ ଏବଂ ୮୬୦ଟି ଯୋଗ୍ୟତାପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁନେଇ ଏହିଯୋଜନା ଆରମ୍ଭ ହେବ, ଯେଉଁଥିରେ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କର ଆବଶ୍ୟକତା ଅନୁଯାୟୀ, ପିଏମ-ବିଦ୍ୟାଲକ୍ଷ୍ମୀର ସମ୍ଭାବ୍ୟ ଲାଭ ଉଠାଇବାରେ ସକ୍ଷମ ହେବେ।

### ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/୬।୧୧(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ମୋଟ ୩,୬୦୦ କୋଟି ଟଙ୍କା ବ୍ୟୟରେ ପିଏମ ବିଦ୍ୟାଲକ୍ଷ୍ମୀ ଯୋଜନାକୁ ମଞ୍ଜୁର ମିଳିଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ଏହି ଯୋଜନାକୁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏ ସମ୍ପର୍କରେ ଟ୍ୱିଟ୍ କରିଛନ୍ତି ଯେ ଭାରତର ପ୍ରତିଭାବାନ ଯୁବକ ଯୁବତୀମାନଙ୍କ ପାଇଁ ଏକବିଂଶ ଶତାବ୍ଦୀର ସାର୍ବଜନୀନ ଉଚ୍ଚଶିକ୍ଷା ଉପଲବ୍ଧି କରାଇବା ହେଉଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଂଟି ।୩,୬୦୦ କୋଟି ଟଙ୍କା ବ୍ୟୟରେ ପିଏମ ବିଦ୍ୟାଲକ୍ଷ୍ମୀକୁ ମଞ୍ଜୁର ଦେବା ଦ୍ୱାରା ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର ହେବ ଏବଂ ଆମ ଯୁବଶକ୍ତି ସେମାନଙ୍କ ସ୍ୱପ୍ନ ପୂରଣ କରିବାରେ ସକ୍ଷମ ହେବେ ।



## ମାଛ ମୁସ୍କା



**ଆବଶ୍ୟକୀୟ ସାମଗ୍ରୀ :** ମାଛ ୫୦୦ ଗ୍ରାମ, ଛୋଟ ଛୋଟ କଟା ଅଦା ୧ ଚାମଚ, କଟା ରସୁଣ ୧ ଚାମଚ, ୨ଟି କଟା ପିଆଜ, ଗୋଟେ ସିଝା ଆଳୁ, ୧ ଛୋଟ ଚାମଚ ହଳଦି ଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ, ୧ ଚାମଚ ଗୋଲ ମରିଚ ଗୁଣ୍ଡ, ୨ କପ୍ ତେଲ, ଲୁଣ ସ୍ୱାଦ ଅନୁସାର, ଭଜା ବ୍ରେଡ ଗୁଣ୍ଡ, ଧନିଆ ପତ୍ର ଓ କର୍ନଫ୍ଲୋର।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଏକ ବାଉଲରେ ଦୁଇ କପ୍ ପାଣି ପକାନ୍ତୁ। ସେଥିରେ ଲୁଣ ଏବଂ ହଳଦୀ ପକାଇ ୧୦ ମିନିଟ୍ ମାଛକୁ ସିଝାଇ ଦିଅନ୍ତୁ। ଏହାପରେ ସିଝା ମଛରୁ କଣ୍ଟାକୁ ଭଲଭାବେ ବାହାର କରି ଦିଅନ୍ତୁ। ତା'ପରେ ମଛରେ ସିଝା ଆଳୁ, କଟା ପିଆଜ, ରୁଷଣ, ଅଦା, ଲଙ୍କା ଗୁଣ୍ଡ, ଗୋଳ ମରିଚ ଗୁଣ୍ଡ, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗୋଳା ହଆାଇଥିବା ମାଛକୁ ଛୋଟ ଛୋଟ ଆାକାରରେ ଗୋଲ କରିଦିଅନ୍ତୁ। ଏହାପରେ ଆଉ ଗୋଟିଏ ପାତ୍ରରେ ୨ କପ୍ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଲ ଆାକାର ଦିଆାଯାଇଥିବା ମାଛକୁ କର୍ନଫ୍ଲୋରରେ ବୁଡାଇବା ପରେ ସେଥିରେ ବ୍ରେଡ କ୍ରମ୍ବସ୍ ଲଗାଇ ତେଲରେ ଛାଣି ଦିଅନ୍ତୁ। ଅଳ୍ପ ନାଲି ହେବା ପରେ ମାଛକୁ ପ୍ଲେଟକୁ ବାହାର କରି ପରଷନ୍ତୁ।

### ଖବର

## ବିଦେଶରେ କମାଲ କଲା 'ପୁଷ୍ପା ୨'




ଜାତୀୟ ପୁରସ୍କାର ବିଜେତା ଟଲିଉଡ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ୨' ରିଲିଜକୁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ସୁକୁମାରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଡିସେମ୍ବର ୫ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବଫ ଏହି ଚଳଚ୍ଚିତ୍ରଟି ୬ଟି ଭାଷାରେ ମୁକ୍ତିଲାଭ କରିବ ଫିଲ୍ମଟି ରିଲିଜ୍ ପୂର୍ବରୁ କୋଟି କୋଟି ଟଙ୍କା ଆୟ କରିଥିବା ବେଳେ ଏବେ ଅଲ୍ଲୁ ଅର୍ଜୁନ ଫିଲ୍ମ ଆମେରିକାରେ ଧମାଲ କରିଥିବା ଜଣାଯାଇଛି।'ପୁଷ୍ପା ୨: ଦି ରୁଲ୍' ଭାରତରେ ରିଲିଜ୍ ହେବା ପୂର୍ବରୁ ଅନେକ ରେକର୍ଡ ଭାଙ୍ଗିଛି। ଆମେରିକାରେ ଏହି ଚଳଚ୍ଚିତ୍ରର ୧୫,୦୦୦ରୁ ଅଧିକ ଟିକେଟ ବିକ୍ରି ହୋଇଥିବା ଜଣାଯାଇଛି। ଏଭଳି କରିବାରେ 'ପୁଷ୍ପା ୨: ଦି ରୁଲ୍' ଦ୍ରୁତତମ ଭାରତୀୟ ଚଳଚ୍ଚିତ୍ର ହୋଇପାରିଛି ନିର୍ମାତାମାନେ ଏହାର ଘୋଷଣା ସହିତ ଏକ ନୂତନ ପୋଷ୍ଟର ସେୟାର କରିଛନ୍ତି ଏବଂ ଲେଖିଛନ୍ତି - 'ଗୋଟିଏ ପରେ ଗୋଟିଏ ରେକର୍ଡ ଭାଙ୍ଗୁଛ। ପୁଷ୍ପା ୨ ଆମେରିକାରେ ୧୫ହଜାରରୁ ଅଧିକ ଟିକେଟ୍ ବିକ୍ରି କରିବାରେ ଦ୍ରୁତତମ ଭାରତୀୟ ଚଳଚ୍ଚିତ୍ର ହୋଇପାରିଛି। ଡିସେମ୍ବର ୪ରେ ଆମେରିକାରେ ପ୍ରିମିୟର୍ ହେବ ଏବଂ ଡିସେମ୍ବର ୫,୨୦୨୪ରେ ବିଶ୍ୱସ୍ତରୀୟ ରିଲିଜ୍ ହେବ ଯଦି ଆମେ 'ପୁଷ୍ପା-୨'ର ଟ୍ରାକ୍ ରେକର୍ଡକୁ ଦେଖିବା, ତେବେ ଏହି ଚଳଚ୍ଚିତ୍ରର ରିଲିଜ୍ ତାରିଖ ଅନେକ ଥର ପରିବ□ନ କରାଯାଇଛି ପ୍ରଥମେ ଏହି ଚଳଚ୍ଚିତ୍ର ଜୁନ୍ ୨୦୨୪ରେ ମୁକ୍ତିଲାଭ କରିବାର ଥିଲା କିନ୍ତୁ ଏହା ପରେ ଅଗଷ୍ଟକୁ ଘୁଞ୍ଚିଥିଲା ହେଲେ କାମ ନସରିବାରୁ ଏହା ପୁଣି ଡିସେମ୍ବର ୬କୁ ଘୁଞ୍ଚିଥିଲା ହେଲେ ଏବେ ଆହୁରି ଆଗକୁ ନ ଘୁଞ୍ଚାଇ ନିର୍ମାତା ଏହାକୁ ଧାର୍ଯ୍ୟ ତାରିଖର ଗୋଟେ ଦିନ ଆଗୁଆ ରିଲିଜ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

## ଶୁଭଫଳ ପାଇଁ ୫ଟି ଗୁଜୁରାତି





ଅନେକ ସମୟରେ ଛୋଟ ଛୋଟ ଜିନିଷ ଅନେକ ଉପକାର କରିଥାଏ। ଏପରି ହିଁ ଏକ ଜିନିଷ ହେଉଛି ଗୁଜୁରାତି। ଏହାର କିଛି ସ୍ୱତନ୍ତ୍ର ବ୍ୟବହାର ଆାଶ୍ଚର୍ଯ୍ୟଜନକ ଲାଭ ଦେଇଥାଏ। ଏହା ଖାଦ୍ୟର ସ୍ୱାଦ ଓ ବାସ୍ନା ଯେପରି ବୃଦ୍ଧି କରିଥାଏ, ସେହିପରି ଭାଗ୍ୟରେ ମଧ ସୁପରିବର୍ତ୍ତନ ଆଣିଥାଏ।

୧- ଯଦି ଆପଣ ଧନ ବୃଦ୍ଧି ଓ ପର୍ସରେ ସର୍ବଦା ଟଙ୍କା ରଖିବାକୁ ଚାହୁଁଛନ୍ତି, ତେବେ ନିଜ ପର୍ସରେ ୫ଟି ଗୁଜୁରାତି ନିଶ୍ଚୟ ରଖନ୍ତୁ।

୨- ଯଦି ଉତ୍ତମ ଗୁଣ ଓ ସୁନ୍ଦର ପତ୍ନୀ ପାଇଁ ଇଚ୍ଛା ତେବେ ୫ଟି ଗୁଜୁରାତି ହଳଦିଆ ବସ୍ତ୍ର ସହ କୌଣସି ଅସହାୟଙ୍କୁ ଗୁରୁବାର ଦାନ କରନ୍ତୁ।

୩- ବହୁ ପରିଶ୍ରମ ପରେ ମଧ ଆାଶାନୁରୂପ ରୋଜଗାର ନହେଉଥିଲେ କିମ୍ୱା କର୍ମକ୍ଷେତ୍ରରେ ପଦୋନ୍ନତି ହେଉନଥିଲେ ପ୍ରତ୍ୟେକ ଦିନ ରାତିରେ ଏକ ହଳଦିଆ କପଡ଼ାରେ ଗୁଜୁରାତିକୁ ବାନ୍ଧି ତକିଆ ତଳେ ରଖି ଶୁଅନ୍ତୁ। ସକାଳେ ସେହି ଗୁଜୁରାତିକୁ ଦାନ କରନ୍ତୁ।

୪- ପାଠ ପଢାରେ ଉନ୍ନତି ପାଇଁ କ୍ଷିରରେ ଏକ ଗୁଜୁରାତି ପକାଇ ପ୍ରତ୍ୟେକ ଦିନ ପିଅନ୍ତୁ।

୫- ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ପତ୍ନୀ ନିଜ ପତିଙ୍କୁ ଖାଦ୍ୟ, ମିଠାଦ୍ରବ୍ୟ, ଯେ କୌଣସି ବ୍ୟଞ୍ଜନରେ ଗୁଜୁରାତି ପକାଇ ଖୁଆନ୍ତୁ।

## ତ୍ୱଚା ସୁନ୍ଦର କରାଇବାର ଉପାୟ



ତ୍ୱଚାର ସୁନ୍ଦରତା ବଜାୟ ରଖିବା ପାଇଁ ସଭିଏଁ ବହୁ ଉପାୟ ଆପଣେଇ ଥାଆନ୍ତି । ଏହାଛଡ଼ା ଅଧିକାଂଶ ସମୟ ଅଭାବ କାରଣରୁ ତ୍ୱଚା ଉପରେ ଅଧିକ ଧ୍ୟାନ ମଧ ଦେଇ ପାରି ନଥାଆନ୍ତି। ମାତ୍ର ଏପରି କେତେକ ଉପାୟ ରହିଛି ଯାହାକୁ ଆପଣେଇ ମୁହଁର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବା।

ନଡ଼ିଆ ତେଲ -
ଯଦି ଆପଣଙ୍କ ତ୍ୱଚା ଅଧିକ ଶୁଷ୍କ ତେଲିଆ ନୁହେଁ ତେବେ ନିୟମିତ ନଡ଼ିଆ ତେଲର ମୁହଁରେ ମାଲିସ କରନ୍ତୁ । ରାତିରେ ଶୋଇବା ସମୟରେ ତୁଳାର ବ୍ୟବହାର କରି ମୁହଁରେ ଲଗାନ୍ତୁ। ସକାଳେ ଆପଣ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ।

ଗ୍ରୀନ ଟି ପ୍ୟାକ୍ -
ପେଷା ହୋଇଥିବା ଗ୍ରୀନ ଟିରେ ଅଳ୍ପ ପାଣି ମିଶାଇ ତୁଳାର ବ୍ୟବହାର କରି ଏହି ପେଷ୍ଟକୁ ରାତି ଯାକ ମୁହଁରେ ଲଗାଇ ରଖନ୍ତୁ । ସକାଳେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।



## ଲାଲ୍ ଅଙ୍ଗୁର ସ୍ୱାସ୍ଥ୍ୟ ସହ ତ୍ୱଚ ପାଇଁ ହୋଇଥାଏ ଖୁବ୍ ଲାଭକାରୀ



ନାଲି ଅଙ୍ଗୁର ଖାଇବା ଦ୍ୱାରା ଶରୀରକୁ ଅନେକ ଉପକାର ମିଳିଥାଏ। ବିଶେଷ କରି ଏହା ଚେହେରା ପାଇଁ ଅଧିକ ଲାଭଦାୟକ ହୋଇଥାଏ। ସୁସ୍ଥ ଖାଦ୍ୟ ଖାଇବା ଦ୍ୱାରା ତ୍ୱଚକୁ ଚମକ ଆଣିଥାଏ। ତ୍ୱଚକୁ ଚମକାଇବା ଏବଂ ଉଜ୍ଜ୍ୱଳ ପାଇଁ ଅଙ୍ଗୁର ଅତ୍ୟନ୍ତ ଲାଭଦାୟକ । ଏପରି ପରିସ୍ଥିତିରେ, ଆପଣ ନିଜ ଖାଦ୍ୟରେ ନାଲି ଅଙ୍ଗୁରକୁ ସାମିଲ୍ ନିହାତି ଆବଶ୍ୟକ। ଯାହା ଖାଇବା ଦ୍ୱାରା ଚେହେରାରେ ଥିବା ଦାଗକୁ ସମ୍ପୂର୍ଣ୍ଣ ରୂପେ ସଫା କରିଥାଏ । ନାଲି ଅଙ୍ଗୁର ବ୍ୟବହାର କରିବାର ଅନେକ ଉପାୟ ଅଛି । ଯଦି ଆପଣ ଚାହାଁନ୍ତି, ତେବେ ଏହାକୁ ନିଜ ଖାଦ୍ୟରେ ନେଇ ଖାଇପାରିବେ କିମ୍ବା ଫେସ୍ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାଇ ପାରିବେ।

### ନାଲି ଅଙ୍ଗୁରର ଉପକାର:

■ ଅକ୍ସିଡେଟିଭ୍ ଷ୍ଟ୍ରେସ୍ ବା ଅତ୍ୟଧିକ ଚାପ ଚର୍ମ ରୋଗର କାରଣ ହୋଇପାରେ। ତେଣୁ ଲାଲ୍ ଅଙ୍ଗୁର ଏଥିରେ ବହୁତ ଉପକାରୀ। ଅମ୍ଳଜାନ ଚାପକୁ କମାଇବାରେ ଲାଲ୍ ଅଙ୍ଗୁର ବହୁତ ସହାୟକ ହୋଇଥାଏ।

■ ନାଲି ଅଙ୍ଗୁରରେ ଭିଟାମିନ୍ ସି ଭରପୂର ମାତ୍ରାରେ ରହିଥାଏ। ଭିଟାମିନ୍-ସି ଚର୍ମକୁ ସୁନ୍ଦର କରିଥାଏ।

■ ଚର୍ମରେ ଥିବା ଦାଗ ଏବଂ ବ୍ରଣକୁ ଭଲ କରିବାରେ ଲାଲ୍ ଅଙ୍ଗୁର ମଧ୍ୟ ସହାୟକ ହୋଇଥାଏ।

■ ନାଲି ଅଙ୍ଗୁରରେ ରେସଭାଟ୍ରୋଲ୍ ଥାଏ, ଯାହା ବାର୍ଦ୍ଧକ୍ୟର ଲକ୍ଷଣ ତଥା ବୟସ ବଢୁଥିବା ଲକ୍ଷଣକୁ ହ୍ରାସ କରିଥାଏ । ରେସଭାଟ୍ରୋଲ୍ ଏକ ଆଣ୍ଟିଅକ୍ସିଡା□, ଯାହା ସୁସ୍ଥ ଚର୍ମକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ।

■ ଲାଲ୍ ଅଙ୍ଗୁରରେ ଆଣ୍ଟି-ବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲର ଗୁଣ ମଧ୍ୟ ରହିଥାଏ । ଏହି ଗୁଡିକ ଚର୍ମ ସଂକ୍ରମଣରୁ ରକ୍ଷା କରିଥାଏ।

### କିପରି ବ୍ୟବହାର କରିବେ:

■ ଯଦି ଆପଣ ଚାହାଁନ୍ତି, ଆପଣ ନିଜ ଖାଦ୍ୟରେ ନାଲି ଅଙ୍ଗୁର ମଧ୍ୟ ଅନ୍ତର୍ଭୁକ୍ତ କରିପାରିବେ। ଯେମିତିକି ଫଳ ଆକାରରେ ଖାଇ ପାରିବେ । ନଚେତ ସାଲାଡ୍ ଆକାରରେ । ଏଥିରେ ଥିବା ଭିଟାମିନ୍ ସି, ଭିଟାମିନ୍ ଇ ଏବଂ ଆଣ୍ଟିଅକ୍ସିଡା□ ତ୍ୱଚ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ।

■ ଲାଲ୍ ଅଙ୍ଗୁରକୁ ଆପଣ ଫେସ୍ ପ୍ୟାକ୍ ଭାବରେ ମଧ୍ୟ ବ୍ୟବହାର କରିପାରିବେ । ଏଥିପାଇଁ ଆପଣ ଟମାଟୋ ଏବଂ ଅଙ୍ଗୁରକୁ ମିଶାଇ ଉଭୟକୁ ଭଲ ଭାବରେ ମାଲିସ୍ କରନ୍ତୁ ଏବଂ ତା'ପରେ ୨୦ ମିନିଟ୍ ପରେ ପାଣିରେ ଧୋଇ ଦିଅନ୍ତୁ। ଏହି କାରଣରୁ ଚେହେରାର ଥିବା ବ୍ରଣ ଏବଂ ଦାଗ ଭଲ ହୋଇଯାଏ।

## ହୃଦରୋଗୀ ପ୍ରତିଦିନ ଖାଆନ୍ତୁ ଶିମ୍ବ

ଶୀତଦିନେ ମିଳୁଥିବା ପରିବା ହେଉଛି ଶିମ୍ବ । ଏହା ଖାଇବାକୁ ସ୍ୱାଦିଷ୍ଟ ଏବଂ ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।



ଏଥିରେ ପ୍ରୋଟିନ୍,ଭିଟାମିନ୍ ଓ ମନେରାଲ୍ସ ରହିଛି,ଯାହା ଓଜନ ହ୍ରାସ କରିବା ସହିତ ପାର୍କିନସନ ପରି ରୋଗକୁ ଭଲ କରିବା ପାଇଁ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଶିମ୍ବ କୋଲେଷ୍ଟ୍ରଲର ସ୍ତର ନିୟନ୍ତ୍ରଣ କରିଥାଏ । ତେବେ ଆସନ୍ତୁ ଜାଣିବା ଶିମ୍ବ ଖାଇଲେ ଅନ୍ୟ କେଉଁସବୁ ସ୍ୱାସ୍ଥ୍ୟ ଉପକାରୀ ଲାଭ ମିଳିଥାଏ।

ଶିମ୍ବରେ ଥିବା ଭିଟାମିନ୍ ବି,ଫୋଲେଟ୍,କ୍ୟାଲସିୟମ୍,ଆଇରନ ଓ ସେଲେନିୟମ୍ ହିମୋଗ୍ଲୋବିନ୍ ବୃଦ୍ଧି କରିଥାଏ ଏବଂ ଫାଇବର ପାଚନ ତନ୍ତ୍ରକୁ ଠିକ୍ ରଖିଥାଏ।

ଶିମ୍ବ ନିୟମିତ ଭାବରେ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଏହା ଏପରି ଏକ ପରିବା ଯାହା ଶରୀରରେ ଆଣ୍ଟି-ଅକ୍ସିଡାଣ୍ଟକୁ ସକ୍ରିୟ କରିଥାଏ, ଯାହା ଯୋଗୁଁ ସେଲ୍‌ରେ ଫ୍ରି ରାଡିକାଲ୍ସ ହୋଇନଥାଏ।

ଏଥିରେ ଥିବା ମ୍ୟାଗ୍ନେସିୟମ୍ ହାଡକୁ ମଜବୁତ କରିଥାଏ । ଏକ ଗବେଷଣାରୁ ଜଣାପଡିଛି ଯେ ମ୍ୟାଗ୍ନେସିୟମର ଅଭାବରୁ ହାଡ ଉପରେ ଖରାପ ପ୍ରଭାବ ପଡିଥାଏ । ହାଡକୁ ମଜବୁତ୍ ରଖିବା ପାଇଁ ପ୍ରତିଦିନ ଶିମ୍ବଖାନ୍ତୁ ।

ଓଜନ ବୃଦ୍ଧି ଯୋଗୁଁ ଅନେକ ଲୋକ ଚିନ୍ତାରେ ରହନ୍ତି। ଓଜନ କମ୍ କରିବା ପାଇଁ ପ୍ରତିଦିନ ଶିମ୍ବ ଖାଆନ୍ତୁ। ଗୋଟିଏ କପ୍ ଶିମ୍ବରେ ୧୮୭ କିଲୋ କ୍ୟାଲୋରୀ,୧୩ ଗ୍ରାମ ପ୍ରୋଟିନ୍ ଓ ୯ ଗ୍ରାମ ଫାଇବର ରହିଛି । ଏଥିପାଇଁ ଶିମ୍ବ ଖାଇଲେ ପେଟ ପୂରିଲା ଭଳି ଲାଗିଥାଏ ଏବଂ ଭୋକ କମ୍ ହୋଇଥାଏ ।

ଶିମ୍ବ ହାର୍ଟ ପାଇଁ ବହୁତ ଭଲ । ଏହା ହାର୍ଟକୁ ସୁସ୍ଥ ରଖିବା ସହିତ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । ଏଥିରେ ଥିବା ମ୍ୟାଗ୍ନେସିୟମ ଓ ପୋଟାସିୟମ୍ ରକ୍ତ ବାହିକାକୁ ଆରାମ ଦେଇଥାନ୍ତି । ଏହାଦ୍ୱାରା ଉଚ୍ଚ ରକ୍ତଚାପ କମ୍ ହୋଇଥାଏ । ଏଥିପାଇଁ ହୃଦରୋଗୀ ଏହାକୁ ପ୍ରତିଦିନ ଖାନ୍ତୁ ।

# ଆରମ୍ଭ ହେବ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

**ଭୁବନେଶ୍ୱର,୬।୧୧ (ମହାଭାରତ):** ପ୍ରାଣୀ ସମ୍ପଦର ବିକାଶ ପାଇଁ ରାଜ୍ୟ ସରକାର ୬୯୭କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ଏବଂ ଏହି ଯୋଜନା ଅନୁଯାୟୀ ରାଜ୍ୟରେ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି।

ଭୁବନେଶ୍ୱର ଜୟଦେବ ଭବନ ଠାରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ପ୍ରାଣୀ ସମ୍ପଦର ବିକାଶ କ୍ଷେତ୍ରରେ ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଗ୍ରାମାଞ୍ଚଳଠୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଶେଷ କରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀଧନ ନିରୀକ୍ଷକ ଓ ବିଭାଗୀୟ ଅନ୍ୟ କର୍ମଚାରୀ ମାନେ ନିରନ୍ତର ଭାବେ ପ୍ରାଣୀ ସେବା ଯୋଗାଇଥାନ୍ତି। ଆମ ଏହି ବିଭାଗର କର୍ମଚାରୀ ମାନଙ୍କ ବୈଷୟିକ ଜ୍ଞାନ ଚାଷୀ ଭାଇ ମାନଙ୍କ ରୋଜଗାର ବୃଦ୍ଧି ପାଇଁ ଖୁବ୍ ସହାୟକ ହୋଇଥାଏ। ପ୍ରାଣୀ ପାଳନ ମନୁଷ୍ୟ ସମାଜର ସବୁଠାରୁ ପୁରାତନ ଜୀବିକା। ଆଜି ସମୟ ବଦଳି ଯାଇଛି, ମଣିଷ ସମାଜ ବର୍ତ୍ତମାନ ବିଭିନ୍ନ ପ୍ରକାର ବୃତ୍ତିଗତ ବ୍ୟବସାୟରେ ଜଡିତ ହୋଇ ଆଗକୁ ବଢୁଛି। କୃଷି ଓ ପଶୁ ପାଳନ କ୍ଷେତ୍ରରେ ଯୁବବର୍ଗଙ୍କ ମଧ୍ୟରେ ଫାର୍ମ ହାଉସ କରିବାର ଆଗ୍ରହ ବୃଦ୍ଧି ପାଉଛି। ଯଦି ଯୁବ ସମାଜ କୃଷି ଓ ପଶୁ ପାଳନ କ୍ଷେତ୍ରକୁ ବ୍ୟାପକ ଭାବେ ଆସିବେ ଏବଂ ଏହାକୁ ନିଜର ମୁଖ୍ୟ ବୃତ୍ତି ଭାବେ ଗ୍ରହଣ କରିବେ ତେବେ କୃଷି ଓ କୃଷକଙ୍କ ଆର୍ଥିକ ସ୍ଥିତିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।




ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଓଡିଶା ରାଜ୍ୟ ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ୨୩ତମ ସାଧାରଣ ଅଧିବେଶନରେ ଭାଷଣ ଦେଇ ଏହି ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଉପସ୍ଥିତ କର୍ମଚାରୀ ମାନେ ଏହି ବୃତ୍ତିକୁ ଏକ ସାଧାରଣ ଚାକିରୀ ବୋଲି ଭାବିବା ଉଚିତ୍ ନୁହେଁ। କର୍ମଚାରୀ ମାନଙ୍କର ଜ୍ଞାନ ଯେପରି ଲୋକଙ୍କ ଉପକାରରେ ଆସିବ, ସେମାନେ ଯେପରି ପଶୁ ପାଳନ ବୃତ୍ତିକୁ ଏକ ଲାଭ ଜନକ ତଥା ସମ୍ମାନଜନକ ବୃତ୍ତି ଭାବେ ଗ୍ରହଣ କରିବେ ସେଥିପାଇଁ ଉଦ୍ୟମ କରନ୍ତୁ। ଆପଣ ମାନେ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖେ ପହଞ୍ଚାନ୍ତୁ ଏବଂ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରନ୍ତୁ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଣୀ ପାଳନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଅନେକ ସହାୟତା ଓ ରିହାତିର ବ୍ୟବସ୍ଥା କରାଯାଇଛି। ଆମ ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହେଲେ ସାଧାରଣ ଲୋକ ଓ ଯୁବବର୍ଗ ଏ କ୍ଷେତ୍ର ପ୍ରତି ଅଧିକ ଆକର୍ଷିତ ହେବେ।

ପ୍ରାଣୀ ସମ୍ପଦର ବିକାଶ ପାଇଁ ଚଳିତ ବର୍ଷ ବଜେଟରେ ୬୯୭ କୋଟି ଟଙ୍କା ରଖାଯାଇଛି। ଆମ ନୂଆ। ସରକାରଙ୍କ ଦ୍ୱାରା ନୂତନ ଯୋଜନା ମଧ୍ୟ ଆରମ୍ଭ ହେବାକୁ ଯାଉଛି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଏବଂ ପ୍ରାଣୀ ମଙ୍ଗଳ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଆରମ୍ଭ କରାଯିବ ବୋଲି ସେ କହିଥିଲେ। ରାଜ୍ୟବାସୀ ଓଡ଼ିଶାକୁ ଡବଲ ଇଞ୍ଜିନ ସରକାର ଦେଇଛନ୍ତି। ଆମକୁ ମଧ୍ୟ ବିକାଶକୁ ଡବଲ ସ୍ପିଡ଼ରେ କରିବାକୁ ପଡିବ। ଏ ବିଭାଗକୁ ଆହୁରି ସଶକ୍ତ କରିବାକୁ ପଡିବ ବୋଲି କହି ସେ ଏ କ୍ଷେତ୍ରରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। କର୍ମଚାରୀ ମାନେ ୨୦୩୬ ବିକଶିତ ଓଡିଶା ଗଠନର ମୁଖ୍ୟ ବିନ୍ଧାଣୀ ହେବା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୪ଜଣ ସଫଳ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ।

ବିଧାୟକ ତଥା ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଶାରଦା ପ୍ରସାଦ ପ୍ରଧାନ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ବସନ୍ତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ସଭାପତି ଉପେନ୍ଦ୍ର ନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଯାତ୍ରାରେ ଅଶ୍ଳୀଳତାକୁ ପ୍ରଶୟ ଦିଆଯିବ ନାହିଁ

**ଭୁବନେଶ୍ୱର,୬।୧୧ (ମହାଭାରତ):** ଆଇନ ମନ୍ତ୍ରୀଙ୍କୁ ଭେଟିଲା ଯାତ୍ରା କମିଟି ମହାସଂଘ। ଯାତ୍ରାକୁ ପ୍ରୋତ୍ସାହନ ବଦଳରେ ବ୍ୟବସାୟୀକରଣ କରୁଥିବାରୁ ଯାତ୍ରା ଅନୁଷ୍ଠାନକୁ ଯାତ୍ରା ପରିବେଷଣ ପାଇଁ ଏକ ସ୍ୱତନ୍ତ୍ର ନିୟମ ପ୍ରସ୍ତୁତ କରିବା ସହ ଯାତ୍ରାରେ ଅଶ୍ଳୀଳତା, ଦିଅର୍ଥବୋଧକ ଶବ୍ଦ ଓ ସମାଜ ପ୍ରତି ଖରାପ ପ୍ରଭାବ ପକାଉଥିବା କିଛି ନାଟକ ଓ ବିଷୟକୁ ବିରୋଧ ନିମନ୍ତେ ଦାବିପତ୍ର ପ୍ରଦାନ କଲା ସଂଘ। ବର୍ତ୍ତମାନ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ନେଇ ବିବାଦ ଚରମ ସୀମାରେ ପହଂଚିଛି। ବ୍ୟବସାୟିକ ଫାଇଦା ପାଇଁ ଯାତ୍ରା ଆୟୋଜକମାନେ ନଗ୍ନ ନୃତ୍ୟକୁ ପ୍ରଶ୍ରୟ ଦେଉଥିବା ସାଧାରଣରେ ଅଭିଯୋଗ ହେବା ପରେ ଏହା ଏବେ ବିତର୍କର ପ୍ରସଙ୍ଗ ପାଲଟିଛି। ଏନେଇ ଏପଟେ ଯାତ୍ରା ମାଲିକଙ୍କୁ ସିଧାସଳଖ ଦାୟୀ କଲା ଯାତ୍ରା କମିଟି ମହାସଂଘ। ଯାତ୍ରାର ରାତ୍ର ପିଛା ମୂଲ୍ୟ ସହିତ ଟିକେଟ ମୂଲ୍ୟ ବୃଦ୍ଧି ହେବାରୁ ଏଭଳି ପରିସ୍ଥିତି ଉପୁଜିଛି। ପ୍ରତ୍ୟକ୍ଷରେ ଯାତ୍ରାକୁ ନେଇ ମାଲିକ ମାନେ ଚାପ ପକାଉଛନ୍ତି। ଯାହାକୁ ନେଇ ଅଶ୍ଳୀଳତା ବୃଦ୍ଧି ପାଉଛି। ସରକାର ଯାତ୍ରା ପରିବେଷଣ ପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ଆଣିଲେ ଏହି ଅଶ୍ଳୀଳତାରେ ଅଙ୍କୁଶ ଲଗା ଯାଇପାରିବ। ଅନ୍ୟପଟେ ଆଇନ ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, କୌଣସି ପ୍ରକାରରେ ଯାତ୍ରାରେ ଏଭଳି କଥାକୁ ପ୍ରଶ୍ରୟ ଦିଆଯିବ ନାହିଁ। ସଂସ୍କୃତିର ସୁରକ୍ଷା ଦିଗରେ ଖୁବଶୀଘ୍ର ଏକ ନିର୍ଦ୍ଦେଶାବଳୀ ଜାରି କରାଯିବ।



# ଭାରତ ଅଟା ଏବଂ ଚାଉଳର ଦ୍ୱିତୀୟ ପର୍ଯ୍ୟାୟ ବିକ୍ରି ଆରମ୍ଭ

**ଭୁବନେଶ୍ୱର,୬।୧୧ (ମହାଭାରତ):** କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ଏବଂ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଜି ରାଜ୍ୟମନ୍ତ୍ରୀ ବିଏଲ ବର୍ମାଙ୍କ ଉପସ୍ଥିତିରେ ଏନସିସିଏଫ, ନାଫେଡ ଏବଂ କେନ୍ଦ୍ରୀୟ ଭଣ୍ଡାରର ମୋବାଇଲ ଭ୍ୟାନକୁ ପତାକା ଦେଖାଇ ଭାରତ ଅଟା ଏବଂ ଭାରତ ଚାଉଳର ଖୁଚୁରା ବିକ୍ରିର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରାହକଙ୍କୁ ଅଟା କିଲୋ ପିଛା ସର୍ବାଧିକ ୩୦ ଟଙ୍କା ଏବଂ ଭାରତ ଚାଉଳ କିଲୋ ପିଛା ସର୍ବାଧିକ ୩୪ ଟଙ୍କାରେ ଉପଲବ୍ଧ କରାଯାଉଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଯୋଶୀ କହିଥିଲେ ଉପଭୋକ୍ତାଙ୍କୁ ରିହାତି ମୂଲ୍ୟରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଇବା ଦିଗରେ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରମାଣିତ କରୁଛି। ଭାରତ ବ୍ରାଣ୍ଡ ଅଧୀନରେ ଚାଉଳ, ଅଟା ଓ ଡାଲି ଭଳି ମୌଳିକ ଖାଦ୍ୟ ସାମଗ୍ରୀର ଖୁଚୁରା ବିକ୍ରି ମାଧ୍ୟମରେ ସିଧାସଳଖ ସ୍ଥିର ମୂଲ୍ୟ ବ୍ୟବସ୍ଥା ବଜାୟ ରଖିବାରେ ସହାୟକ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ପର୍ଯ୍ୟାୟରେ ଖୁଚୁରା ବିକ୍ରି ପାଇଁ ୩.୬୯ ଲକ୍ଷ ମେଟ୍ରିକ ଟନ୍ ଗହମ ଓ ୨.୯୧ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉପଲବ୍ଧ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୫.୨୦ ଲକ୍ଷ ମେଟ୍ରିକ ଟନ୍ ଭାରତ ଅଟା ଓ ୧୪.୫୮ ଲକ୍ଷ ମେଟ୍ରିକ ଟନ୍ ଭାରତ ଚାଉଳ ସାଧାରଣ ଉପଭୋକ୍ତାଙ୍କୁ ରିହାତି ଦରରେ ଉପଲବ୍ଧ କରାଯାଇଥିଲା।କେନ୍ଦ୍ରୀୟ ଭଣ୍ଡାର, ନାଫେଡ୍ ଏବଂ ଏନସିସିଏଫ ଏବଂ ଇ-କମର୍ସ/ବିଗ୍ ଚେନ୍ ରିଟେଲରଙ୍କ ଷ୍ଟୋର ଏବଂ ମୋବାଇଲ ଭ୍ୟାନ୍‌ରେ ଭାରତ ଅଟା ଏବଂ ଭାରତ ଚାଉଳ ଉପଲବ୍ଧ ହେବ। ଦ୍ୱିତୀୟ ପର୍ଯ୍ୟାୟରେ 'ଭାରତ' ବ୍ରାଣ୍ଡ୍ ଅଟା ଏବଂ ଚାଉଳ ୫ କେଜି ଓ ୧୦ କେଜି ବ୍ୟାଗରେ ବିକ୍ରି ହେବ।



ପଞ୍ଜାବରେ ଧାନ କ୍ରୟ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପଞ୍ଜାବରେ ୧୮୪ ଲକ୍ଷ ମେଟ୍ରିକ ଟନ୍ ଧାର୍ଯ୍ୟ କ୍ରୟ ଆକଳନ ହାସଲ କରିବା ଏବଂ କୃଷକମାନଙ୍କ ଦ୍ୱାରା ମଣ୍ଡିକୁ ଅଣାଯାଇଥିବା ପ୍ରତ୍ୟେକ ଶସ୍ୟ କିଣିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ୨୦୨୪ ନଭେମ୍ବର ୪ତାରିଖରେ ପଞ୍ଜାବ ମଣ୍ଡିରେ ସମୁଦାୟ ୧୦୪.୬୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ପହଞ୍ଚିଥିବା ବେଳେ ସେଥିରୁ ୯୮.୪୨ ଲକ୍ଷ ମେଟ୍ରିକ୍ ଟନ୍ ଧାନ ରାଜ୍ୟ ଏଜେନ୍ସି ଓ ଏଫସିଆଇ କ୍ରୟ କରିଛନ୍ତି।

# ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ବିୟୋଗରେ ଶୋକ

**ଭୁବନେଶ୍ୱର,୬।୧୧ (ମହାଭାରତ):** ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୋରାପୁଟ ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ଦେହାନ୍ତ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି। ଓଁ ଶାନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ୍ସରେ କହିଛନ୍ତି, କୋରାପୁଟ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଜନପ୍ରତିନିଧି ଭାବରେ ନିଜ ନିର୍ବାଚନମଣ୍ଡଳୀ ପ୍ରତି ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇରହିବ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସରେ କହିଛନ୍ତି ଯେ, ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ପରଲୋକ ଖବର ବିଷୟରେ ଜାଣି ମୁଁ ଦୁଃଖିତ।

# ମଣ୍ଡି ଜଗିବ ବିଜେପି କୃଷକ ମୋର୍ଚ୍ଚା




**ଭୁବନେଶ୍ୱର,୬।୧୧ (ମହାଭାରତ):** ଆସନ୍ତା ଖରିଫ ଧାନ କିଣା ନଭେମ୍ବର ୨୧ ତାରିଖରୁ ଓଡ଼ିଶାରେ ଆରମ୍ଭ ହେବ। ଏହି ଧାନ କିଣା କାରବାରରେ ସ୍ୱଚ୍ଛତା ଆଣିବା ସହ କଟନୀ ଛଟନୀ ବନ୍ଦ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ସାରା ରାଜ୍ୟର ସମସ୍ତ ଧାନମଣ୍ଡି ଜଗିବେ ଓ ତଦାରଖ କରିବେ। ଓଡ଼ିଶାର ଚାଷୀମାନଙ୍କୁ ସମୃଦ୍ଧ କରିବା ସହ ସେମାନଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ମୋହନ ମାଝି ସରକାର ଅନେକ କୃଷକ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି। ଏହାର ସଫଳ ରୁପାୟନ କରିବାରେ କୃଷକ ମୋର୍ଚ୍ଚା ଅଗ୍ରଣୀ ଭୂମିକା ଗ୍ରହଣ କରିବ। ଧାନ କିଣାବେଳେ ରାଜ୍ୟର ୪,୧୯୩ ମଣ୍ଡିରେ କାର୍ଯ୍ୟକର୍ତ୍ତାମାନେ ଚାଷୀମାନଙ୍କୁ ସହଯୋଗ କରିବେ। ଏଥିପାଇଁ ରାଜ୍ୟର ବିଭିନ୍ନ ନେତୃବୃନ୍ଦଙ୍କୁ ଜିଲା ଓ ମଣ୍ଡି ଦାୟିତ୍ୱ ବଣ୍ଟନ କରାଯାଇଛି। ଓଡ଼ିଶାରେ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଓ ବିକାଶ କରିବା ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ଧାନ ସଂଗ୍ରହ ଅଭିଯାନର ସଫଳ ରୁପାୟନ ପାଇଁ ଭୁବନେଶ୍ୱରଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ କ୍ଷୁଦ୍ର ଶିଳ୍ପ, ମତ୍ସ୍ୟ ଚାଷ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଲୋକସଭା ସାଂସଦ ଡ. ରବିନାରାୟଣ ବେହେରା ଓ ବରିଷ୍ଠ ବିଜେପି ନେତା ସଜ୍ଜନ ଶର୍ମା ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ସୂର୍ଯ୍ୟ ନାରାୟଣ ମହାପାତ୍ର, ଅମରେଶ୍ୱର ମିଶ୍ର, ହଳପାଣି ମାଝି, ପୁଲିନ୍ ପ୍ରକାଶ ପୁହାଣ, ବିପଦଭଞ୍ଜନ ଦାସ, ମନୋଜ କୁମାର ସାହୁ, ଅଶୋକ କୁମାର ରଥ, ବିକ୍ରମ କେଶରୀ ରାଉତରାୟ, ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ଜଗନ୍ନାଥ ମହାପାତ୍ର, କୌଶିକ ଚାନ୍ଦ, ମଧୁସୂଦନ ଶର୍ମା, ରାଜକିଶୋର ମେଣ୍ଡଲୀ, ବିକ୍ରମ ରାଉତ ପ୍ରମୁଖଙ୍କ ସମେତ ରାଜ୍ୟରୁ ଆସିଥିବା ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ନେତା ଉପସ୍ଥିତ ଥିଲେ।

# ୭ରେ ଛାତ୍ର ବିଜେଡିର ସଭ୍ୟ ସଂଗ୍ରହ କର୍ମଶାଳା

**ଭୁବନେଶ୍ୱର,୬।୧୧ (ମହାଭାରତ):** ଆସନ୍ତା ନଭେମ୍ବର ୭ ତାରିଖରେ ଛାତ୍ର ବିଜେଡିର ସଭ୍ୟ ସଂଗ୍ରହ କର୍ମଶାଳା ଅନୁଷ୍ଠିତ ହେବ। ଏ ନେଇ ସୂଚନା ଦେଇଛନ୍ତି ଛାତ୍ର ବିଜେଡିର ସଭାପତି ଦେବୀ ରଂଜନ ତ୍ରିପାଠୀ। ସେ କହିଛନ୍ତି ଯେ ଗାଁ ଗାଁରେ ବିଜେଡି ସହ ଛାତ୍ରଛାତ୍ରୀଙ୍କୁ ଯୋଡ଼ା ଯିବ। ନିଯୁକ୍ତି ପାଇଁ କଣ କରାଯିବ, ସେ ନେଇ ବି ଆଲୋଚନା ହେବ। ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟକ୍ରମ ନେଇ ଜନଜାଗରଣ କରାଯିବ। କର୍ମଶାଳା ଶଙ୍ଖ ଭବନରେ ହେବ।

# 'ମୋ ବସ୍'ରେ ଲାଗିବ ସ୍ପିଡ ବ୍ରେକର

**ଭୁବନେଶ୍ୱର,୬।୧୧ (ମହାଭାରତ):** ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲୁଥିବା ମୋ ବସ୍‌ର ଗତି ସହର ମଧ୍ୟରେ ୪୦ କିଲୋମିଟର ଏବଂ ସହର ବାହାରେ ୫୦ କିଲୋମିଟରରୁ ଅଧିକ ହେବ ନାହିଁ ବୋଲି ରାଜ୍ୟ ସରକାର କଡା ନିର୍ଦ୍ଦେଶ ଦେଇଛନ୍ତି। 'ମୋ ବସ୍' ଡ୍ରାଇଭର ମାନେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏହା ମଧ୍ୟରେ ବହୁ ଧନ ଜୀବନ କ୍ଷୟକ୍ଷତି ଘଟିଛି। ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି।

ରାଜ୍ୟ ସରକାର ହୃଦୟଙ୍ଗମ କରିଛନ୍ତି ଯେ, 'ମୋ ବସ'ର ଦ୍ରୁତଗତି ପାଇଁ ଅନେକ ସ୍ଥାନରେ ଦୁର୍ଘଟଣା ଘଟୁଛି। ତେଣୁ ଏହାର ଗତି ନିୟନ୍ତ୍ରଣ ପାଇଁ ଖୁବ୍ ଶୀଘ୍ର ପଦକ୍ଷେପ ନେଇଛନ୍ତି। ତାହା ସହିତ ପ୍ରତି 'ମୋ ବସ୍'ରେ ସ୍ପିଡ ବ୍ରେକର ଲାଗିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଯେଉଁ 'ମୋ ବସ୍' ଡ୍ରାଇଭର ମାନେ ମଦ ପିଇ ଗାଡି ଚଳାଉଛନ୍ତି ସେମାନଙ୍କ ବିରୁଦ୍ଧରେ ମଧ୍ୟ ସରକାର କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବସ୍‌ରେ ଡ୍ରାଇଭର ମାନେ ଯିବା ପୂର୍ବରୁ ଏବଂ ଫେରିବା ପରେ ସେମାନେ ମଦ୍ୟପାନ କରିଛନ୍ତି କି ନାହିଁ ତାହା ପରୀକ୍ଷା କରାଯିବ। ଆବଶ୍ୟକ ସ୍ଥଳେ ସ୍ପେଶାଲ ଟାସ୍କ ଫୋର୍ସ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଅଚାନକ ଭାବେ ବସ୍ ଉପରେ ଚଢ଼ାଉ କରାଯାଇ ଡ୍ରାଇଭର ମାନଙ୍କର ମଦ୍ୟପାନ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଗତ ୨ ତାରିଖ ଦିନ ମୋ ବସ୍ ଜଣେ ଯୁବତୀଙ୍କୁ ଧକ୍କା ଦେଇଥିଲା। ରାଜଧାନୀ ଭୁବନେଶ୍ୱରରେ ଘଟିଥିବା ଏହି ଘଟଣା ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ୧୫ଟି ମୋ ବସକୁ ଅଟକ ରଖିଥିଲେ। ଫଳରେ ନନ୍ଦନକାନନ-ଜୟଦେବ ବିହାର ରାସ୍ତାରେ ସାଢେ ୩ ଘଣ୍ଟା ମୋ ବସ୍ ଚଳାଚଳ ବନ୍ଦ ରହିଥିଲା। ଚନ୍ଦ୍ରଶେଖରପୁର ଭାରତ ପେଟ୍ରୋଲ ପମ୍ପ ସାମ୍ନାରେ ଗତ ୨ ତାରିଖ ସକାଳେ ଜଣେ ଯୁବତୀ ରାସ୍ତା ପାର ହେଉଥିବା ବେଳେ ମୋ ବସ୍ ଧକ୍କା ଦେଇଥିଲା। ଫଳରେ ଯୁବତୀ ଜଣଙ୍କ ଗୁରୁତର ଆହତ ହୋଇ ଗୋଟିଏ ହାତ ହରାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ସମ୍ବଲପୁରର ଏହି ଯୁବତୀ ଝିଲି ଷୋହଲା ଭୁବନେଶ୍ୱରସ୍ଥିତ ଏକ ବିୟୁଟି ପାର୍ଲରରେ କାମ କରନ୍ତି। ତାଙ୍କୁ 'ମୋ ବସ୍' ଧକ୍କା ଦେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଯୁବତୀଙ୍କୁ କ୍ଷତିପୂରଣ ଓ କୁଟରେ ସରକାରୀ ନିଯୁକ୍ତି ଦେବାକୁ ଦାବି କରାଯାଇଥିଲା।



# ରାଜ୍ୟପାଳଙ୍କୁ ଭେଟିଲେ ଡିଜିପି

**ଭୁବନେଶ୍ୱର,୬।୧୧ (ମହାଭାରତ):** ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଡିଜିପି। ଏନେଇ ରାଜ୍ୟପାଳ ରଘୁବର ଦାସ ଏକ୍ସ ହ୍ୟାଣ୍ଡେଲରେ ସୂଚନା ଦେଇଛନ୍ତି। ରାଜ୍ୟପାଳ କହିଛନ୍ତି ଯେ, ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଆଜି ରାଜଭବନରେ ଔପଚାରିକ ସାକ୍ଷାତ କରିଛନ୍ତି।



ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ଟ୍ରେନି ଆଇପିଏସ ଅଫିସର। ଏନେଇ ରାଜ୍ୟପାଳ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରି କହିଛନ୍ତି ଯେ, ଆଜି ରାଜଭବନରେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଭୁବନେଶ୍ୱରରୁ ୭୬ତମ ଓଡିଶା କ୍ୟାଡରର ସାତଜଣ ଟ୍ରେନି ଆଇପିଏସ୍ ଅଧିକାରୀଙ୍କ ସହ ଶିଷ୍ଟାଚାର ଭେଟ ହୋଇଛି। ଯୁବ ଆଇପିଏସ୍ ଅଧିକାରୀ ପ୍ରଶିକ୍ଷୁଙ୍କୁ ତାଙ୍କର କ୍ୟାରିୟରରେ ସଫଳ ହେବା ପାଇଁ ଲୋକଙ୍କ ସହିତ ଅଧିକ ଯୋଡ଼ାଯିବାର ଉପଦେଶ ଦେଇଛି। ମୁଁ ପ୍ରସ୍ତାବ ଦେଇଛି ଯେ, ପୋଲିସକୁ ଜନତାର ଭରସା ହାସଲ କରିବା ପାଇଁ ପ୍ରତ୍ୟେକ ପଦକ୍ଷେପ ନେବା ଉଚିତ୍। ପୋଲିସକୁ ପିପୁଲ୍ ଫ୍ରେଣ୍ଡଲି ହେବା ଆବଶ୍ୟକ। ଏହାଦ୍ୱାରା ସକାରାତ୍ମକ ଛବି ତିଆରି ହେବା ସହିତ ଲୋକଙ୍କର ଭରସା ବୃଦ୍ଧି ପାଇବ। ମୁଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରୁଛି।

# ଅନ୍ତର୍ଜାତୀୟ ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ ଦିବସ ପାଳିତ

**ଭୁବନେଶ୍ୱର,୬।୧୧ (ମହାଭାରତ):** ଭୁବନେଶ୍ୱରରେ ପାଳିତ ହୋଇଯାଇଛି ଅନ୍ତର୍ଜାତୀୟ ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ ଦିବସ। ଏହି ଅବସରରେ ସ୍ଥାନୀୟ ଜୟଦେବ ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ।

ଶାରୀରିକ ଭିନ୍ନକ୍ଷମ ଓ ଅସ୍ଥିସ୍ନାୟୁ ବ୍ୟାଧି ପୀଡ଼ିତମାନଙ୍କୁ କ୍ରିୟାଶୀଳ, ସ୍ୱାବଲମ୍ବୀ ଓ ସର୍ଜନଶୀଳ କରିବା ଉଦ୍ଦେଶ୍ୟରେ ଏହି ଦିବସଟିକୁ ପ୍ରତିବର୍ଷ ନଭେମ୍ବର ୫ ପାଳନ କରାଯାଉଛି। ଏହି ଅବସରରେ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଓ ସହାୟକ ଉପକରଣ ବାବଦରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥାଏ। ଚଳିତ ବର୍ଷ ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ ଦିବସ ଅବସରରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରୁ ରାମମନ୍ଦିର ଛକ ପର୍ଯ୍ୟନ୍ତ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଓ ଜନସାଧାରଣ ସାମିଲ ହୋଇଥିଲେ।

ବର୍ତ୍ତମାନ ସମୟରେ ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର କରି ଲୋକଙ୍କଠାରେ ଅଙ୍ଗ ପ୍ରତ୍ୟାରୋପଣ କରାଯାଇପାରୁଛି। ଏହା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଏକ ବରଦାନ ସ୍ୱରୂପ। ସେମାନଙ୍କୁ ସାଧାରଣ ଲୋକଙ୍କ ଭଳି ଜୀବନଯାପନ କରିବାରେ ସହାୟକ ହେଉଛି। ଏ ବିଷୟରେ ସମସ୍ତେ ସଚେତନ ହେବା ଜରୁରୀ, କହିଛନ୍ତି ସୁରେଶ ପୂଜାରୀ।




ଏହି କାର୍ଯ୍ୟକ୍ରମରେ ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ କ୍ଷେତ୍ରରେ ସଫଳତା ପାଇଥିବା ଭିନ୍ନକ୍ଷମ ବ୍ୟକ୍ତି ଓ କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ନିଜର ସଂଘର୍ଷ ଓ ସଫଳତାର ଅନୁଭୂତି ବ୍ୟକ୍ତ କରିଥିଲେ।

# ଖୋର୍ଦ୍ଧା ରୋଡ଼ ମଣ୍ଡଳକୁ ପରିବେଶ ପରିଚାଳନା ସିଷ୍ଟମ ଷ୍ଟାଣ୍ଡାର୍ଡ ପ୍ରମାଣପତ୍ର

**ଭୁବନେଶ୍ୱର,୬।୧୧ (ମହାଭାରତ):** ଉନ୍ନତ ପରିବେଶ ପ୍ରଦର୍ଶନ ପାଇଁ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ୯ଟି ରେଳ ଷ୍ଟେସନକୁ ପରିବେଶ ପରିଚାଳନା ସିଷ୍ଟମ ଷ୍ଟାଣ୍ଡାର୍ଡ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଷ୍ଟେସନ ଗୁଡ଼ିକ ହେଲା ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ପଲାସା, ବାଲୁଗାଁ, ଯାଜପୁର - କେନ୍ଦୁଝର ରୋଡ୍, ଭଦ୍ରକ, କଟକ, ବ୍ରହ୍ମପୁର ଷ୍ଟେସନ୍ ରହିଛି। ଏହି ଷ୍ଟେସନଗୁଡ଼ିକୁ ସ୍ୱଚ୍ଛ ଓ ସବୁଜ ପରିବେଶ ସହିତ ଯାତ୍ରୀମାନଙ୍କୁ ଆନୁଷଙ୍ଗିକ ସେବା ଯୋଗାଇ ଦିଆଯାଉଛି, ତାହା ସହ ପରିବେଶ ସହିତ ଷ୍ଟେସନ ପରିସରରେ ଅନ୍ୟାନ୍ୟ ସେବା ଯେପରିକି ଟ୍ରେନ୍ ପରିଚାଳନା, ସିଗନାଲ ଏବଂ ଟେଲିକମ୍, ଷ୍ଟେସନ ରକ୍ଷଣାବେକ୍ଷଣ, ସର୍ବସାଧାରଣଙ୍କ ଉପଯୋଗିତା ସହିତ ଯାତ୍ରୀ ଟିକେଟ୍ ବୁକିଂ ଏବଂ ଅନ୍ୟାନ୍ୟ ଯାତ୍ରୀ ସୁବିଧାକୁ ଅନ୍ତର୍ଭୁକ୍ତ କରାଯାଉଛି। ଆଇଏସଓ ୧୪୦୦୧: ୨୦୧୫ ପ୍ରମାଣପତ୍ର ହେଉଛି ପରିବେଶ ପରିଚାଳନା ସିଷ୍ଟମ ପାଇଁ ଏକ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ମାନକ ରେଳ ଷ୍ଟେସନରେ ଉନ୍ନତ ପରିବେଶ କାର୍ଯ୍ୟଦକ୍ଷତା ପାଇଁ, ବର୍ଜ୍ୟବସ୍ତୁ ହ୍ରାସ, ଶକ୍ତି ସଂରକ୍ଷଣ, ଉତ୍ସକୁ ଅଧିକ ଦକ୍ଷତାର ସହିତ ବ୍ୟବହାର ଏବଂ ବର୍ଜ୍ୟବସ୍ତୁ ପରିଚାଳନା ରଣନୀତିର ସହିତ ପୁନଃବ୍ୟବହାର, ହ୍ରାସ ଓ ଦାୟିତ୍ୱ ସମ୍ପନ୍ନ ନିଷ୍କାସନ ପାଇଁ ଏହି ଷ୍ଟେସନଗୁଡିକ ପ୍ରମାଣପତ୍ର ପ୍ରଦାନ କରାଯାଇଛି।




# ରାଗିଂ ଅଭିଯୋଗରେ କେନ୍ଦୁଝର କଲେଜର ୫ ଛାତ୍ର ଗିରଫ

**ଭୁବନେଶ୍ୱର,୬।୧୧ (ମହାଭାରତ):** କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ଜଣେ ଜୁନିୟର ଛାତ୍ରଙ୍କୁ ରାଗିଂ ଅଭିଯୋଗରେ ୫ ଜଣ ସିନିୟର ଛାତ୍ରଙ୍କୁ ଗିରଫ କରିଛି ଟାଉନ ଥାନା ପୁଲିସ। ଏଥି ସହିତ ସେମାନଙ୍କୁ ୧ ବର୍ଷ ପାଇଁ କଲେଜର ବାସନ୍ଦ ମଧ୍ୟ କରାଯାଇଛି। ଗତକାଲି ରାତିରେ ତୃତୀୟ ବର୍ଷର ୫ ଜଣ ଛାତ୍ର ଠେଙ୍ଗା ଓ ରଡ଼ରେ ଜଣେ ଜୁନୀୟର ଛାତ୍ରଙ୍କୁ ଆକ୍ରମଣ କରିଥିଲେ। ରାତି ପ୍ରାୟ ୨ଟା ୪୫ରେ ଏହି ଘଟଣା ଘଟିଥିଲା। ଦ୍ୱିତୀୟ ବର୍ଷର ଛାତ୍ର ଜଣଙ୍କ ହଷ୍ଟେଲରେ ତାଙ୍କ ରୁମରେ ଶୋଇଥିବା ବେଳେ ଏହି ୫ ଛାତ୍ର ତାଙ୍କୁ ଆକ୍ରମଣ କରିଥିଲେ।ଯ ଅଭିଯୁକ୍ତମାନେ ରୁମ କବାଟ ଭାଙ୍ଗି ଭିତରେ ପଶିଥିଲେ ଓ ଠେଙ୍ଗା ଏବଂ ଲୁହା ରଡ୍ରେ ତାଙ୍କୁ ଆକ୍ରମଣ କରିଥିଲେ। ସେ ପିନ୍ଧିଥିବା ସୁନା ମୁଦିକୁ ମଧ୍ୟ ଅଭିଯୁକ୍ତମାନେ ନେଇଯାଇଥିଲେ। ଅଚେତ ଅବସ୍ଥାରେ ପଡ଼ିଥିବା ଦ୍ୱିତୀୟ ବର୍ଷର ଛାତ୍ର ଜଣଙ୍କୁ ତାଙ୍କର ସାଙ୍ଗମାନେ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଦ୍ୱିତୀୟ ବର୍ଷର ଛାତ୍ରଙ୍କ ବାପା କେନ୍ଦୁଝର ଟାଉନ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ ଆଗରୁ ବାରମ୍ବାର ରାଗିଂ ହେଉଥିବା ବେଳେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ସେମାନେ କୌଣସି ପଦକ୍ଷେପ ଗ୍ରହଣ କରି ନଥିଲେ। ଅଭିଯୁକ୍ତ ଛାତ୍ରଙ୍କ ମଧ୍ୟରୁ ମୋହିତ ପାତ୍ରଙ୍କୁ ହଷ୍ଟେଲରୁ ବହିଷ୍କାର କରାଯାଇଥିଲେ ହେଁ ସେ ହଷ୍ଟେଲରେ ରହୁଥିଲେ। ରାଗିଂ ସମ୍ପର୍କରେ ଖବର ପାଇ କଲେଜ ଅଧ୍ୟକ୍ଷ ଡକ୍ତରଖାନାରେ ପହଞ୍ଚି ଉକ୍ତ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ପଚାରି ବୁଝିଥିଲେ ଓ ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଙ୍କ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାକୁ ନେଇ ଆଜି କଲେଜରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲେ। ସେଥିରେ ୫ ଅଭିଯୁକ୍ତ ଛାତ୍ରଙ୍କୁ ୧ ବର୍ଷ ପାଇଁ କଲେଜରୁ ବାସନ୍ଦ କରାଯାଇଛି। ଅନ୍ୟପକ୍ଷରେ କେନ୍ଦୁଝର ଟାଉନ ଥାନା ପୁଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଛାତ୍ରମାନେ ହେଉଛନ୍ତି- ମୋହିତ ପାତ୍ର, ସାଫଲ୍ୟ ମଲ୍ଲିକ, କୁସୁମ ହାସଦା, ଶେଖର ଓ ବାବୁ ଦାଶ।

# କୂଟନୈତିକ ବିଜୟ

ଶାସନ କ୍ଷମତାକୁ ଆସିବା ପରେ ମୁଇଜୁଙ୍କ ପ୍ରଥମ ନିର୍ଦ୍ଦେଶ ଥିଲା ମାଳଦ୍ୱୀପ ସୀମାରୁ ଭାରତୀୟ ସେନା ହଟିଯାଉ। ବାସ୍ତବରେ ଭାରତୀୟ ସେନା ସେଠାକୁ ସହାୟତା ପାଇଁ ଯାଇଥିଲା। ସେଠାରେ ନିଜର ଆଧିପତ୍ୟ ବିସ୍ତାର ପାଇଁ ଯାଇନଥିଲା। ଚୀନ ବିସ୍ତାରବାଦୀ ନୀତିରେ ବିଶ୍ୱାସ କରେ, ଭାରତ ନୁହେଁ। ଏହା ପରେ ମାଳଦ୍ୱୀପର ଜଣେ ମନ୍ତ୍ରୀ ଏବଂ ଆଉ କିଛି ବ୍ୟକ୍ତି ଭାରତକୁ ବିଦ୍ରୁପ କରି କିଛି ମନ୍ତବ୍ୟ ଦେଲେ ଯାହା ମାଳଦ୍ୱୀପ ପାଇଁ ମହଙ୍ଗା ପଡ଼ିଲା। ଭାରତ ସରକାର ଏଥିରେ କିଛି ପ୍ରତିକ୍ରିୟା ପ୍ରକାଶ କରିନଥିଲେ। କାରଣ ମାଳଦ୍ୱୀପ ଭାରତ ସହ କୌଣସି ଦୃଷ୍ଟିରୁ ସମାସ୍କନ୍ଧ ନୁହେଁ ବା କୌଣସି କ୍ଷେତ୍ରରେ ମଧ୍ୟ ଭାରତର ମୁକାବିଲା ମାଳଦ୍ୱୀପ ସହ ନାହିଁ। କିନ୍ତୁ ଏହାର ପ୍ରତିବାଦରେ ଅନେକ ଭାରତୀୟ ପର୍ଯ୍ୟଟକ ମାଳଦ୍ୱୀପକୁ ବର୍ଜନ କଲେ। କହିବା ବାହୁଲ୍ୟ ଯେ, ମାଳଦ୍ୱୀପର ଅର୍ଥନୀତି ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭର କରିଥାଏ। ଭାରତୀୟମାନେ ମାଳଦ୍ୱୀପକୁ ବର୍ଜନ କରିବା ପରେ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ମୁଇଜୁ ଯେଉଁ ଆଶା ନେଇ ଚୀନକୁ ଧାଇଁ ଯାଇଥିଲେ ତାହା ପୂରଣ ହେଲାନି। ଚୀନ ଟଙ୍କାଟିଏ ବି ସହାୟତା କଲାନି। ଶେଷରେ ମୁଇଜୁଙ୍କ ବାଧ୍ୟ ହୋଇ ଭାରତର ଶରଣାପନ୍ନ ହେବାକୁ ପଡ଼ିଲା। ଏହା ଭାରତର କୂଟନୈତିକ ବିଜୟ କହିଲେ ଭୁଲ ହେବନି। ମାଳଦ୍ୱୀପ ଅର୍ଥନୀତିର ଭିତ୍ତିଭୂମି ହେଲା ପର୍ଯ୍ୟଟନ ଶିଳ୍ପ। ଦେଶର ମୋଟ ରାଜସ୍ୱର ୭୦ ପ୍ରତିଶତ ପର୍ଯ୍ୟଟନ ଶିଳ୍ପରୁ ଆସିଥାଏ। ଏଥିରେ ଭାରତର ଭୂମିକା ସବୁଠାରୁ ଅଧିକ। ଭାରତ ଏକ ବିଶାଳ ଜନବହୁଳ ଦେଶ। ପ୍ରତିବର୍ଷ ବହୁ ଭାରତୀୟ ମାଳଦ୍ୱୀପକୁ ପର୍ଯ୍ୟଟକ ଭାବେ ଯାଇଥାଆନ୍ତି। ସେମାନଙ୍କ ଅର୍ଥରେ ହିଁ ମାଳଦ୍ୱୀପର ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ। କେବଳ ସେତିକି ନୁହେଁ, ମାଳଦ୍ୱୀପର ଅନେକ ଛୋଟ ଶିଳ୍ପ ଏବଂ ବ୍ୟବସାୟକୁ ଭାରତୀୟ ମାନେ ପରିଚାଳନା କରୁଛନ୍ତି। ଦେଶରେ ପର୍ଯ୍ୟଟନ ଶିଳ୍ପର ବିକାଶ କେବଳ ଭାରତ ଯୋଗୁଁ ସମ୍ଭବ ହୋଇଛି। ସେଠାରେ ଭିତ୍ତିଭୂମିର ବିକାଶ ମଧ୍ୟ ଭାରତର ଆର୍ଥିକ ସହାୟତାରେ ହୋଇଛି। ଆଉ ମାଳଦ୍ୱୀପକୁ ଅଧିକାଂଶ ଅତ୍ୟାବଶ୍ୟକ ସାମଗ୍ରୀ ଭାରତରୁ ହିଁ ଯାଇଥାଏ। ଆଳୁ, ପିଆଜ, ତେଲଠାରୁ ଆରମ୍ଭ କରି ଗହମ, ଚାଉଳ ଏବଂ ଫଳ ଭାରତରୁ ଯାଇଥାଏ। ନେପାଳ ଓ ଭୁଟାନ ଭଳି ମାଳଦ୍ୱୀପ ନିଜ ସ୍ଥିତି ରକ୍ଷା ନିମନ୍ତେ ଭାରତ ଉପରେ ସର୍ବଦା ନିର୍ଭରଶୀଳ। କିନ୍ତୁ ଭାରତ କେବେ ନିଜର ବଡ଼ ଭାଇ ପଣିଆ ଦେଖାଏ ନାହିଁ କିମ୍ବା ସେଠାରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଆଗ୍ରହ କରିନାହିଁ। କାହାର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ଖେଳାଇବା ଭାରତର ଅଭ୍ୟାସ ନୁହେଁ। ରାଷ୍ଟ୍ରପତି ହେବା ପରେ ମୁଇଜୁ ପ୍ରଥମେ ବେଜିଂ ଗସ୍ତରେ ଯାଇ ଚୀନର ଭକ୍ତ ଭାବେ ନିଜକୁ ପ୍ରମାଣିତ କରିବାକୁ ଉଦ୍ୟମ କଲେ। ଚୀନ ଆମର ପ୍ରଥମ ବନ୍ଧୁ ବୋଲି ସେ ଘୋଷଣା କଲେ। ସାଧାରଣତଃ ମାଳଦୀପର ଯିଏ ଶାସନ ମୁଖ୍ୟ ହୁଅନ୍ତି ସେମାନେ ପ୍ରଥମେ ଭାରତ ଗସ୍ତରେ ଆସନ୍ତି। କାରଣ ଭାରତ ହେଉଛି ମାଳଦ୍ୱୀପର ପ୍ରଥମ ପଡ଼ୋଶୀ। ଭାରତ ଉପରେ ମାଳଦ୍ୱୀପର ଅର୍ଥନୀତି ନିର୍ଭରଶୀଳ। କିନ୍ତୁ ମୁଇଜୁ ଆଶା କରିଥିଲେ ଚୀନ ତାଙ୍କୁ ସମର୍ଥନ ପ୍ରତିବଦଳରେ ସହାୟତା ଅଜାଡ଼ିଦେବ। କିନ୍ତୁ ତାଙ୍କର ଏହି ସ୍ୱପ୍ନ ଅଳ୍ପ ଦିନରେ ତୁଟିଗଲା। ଅତୀତରେ ଶ୍ରୀଲଙ୍କା, ବାଂଲାଦେଶ ଏବଂ ନେପାଳ ମଧ୍ୟ ଏଭଳି ପରିସ୍ଥିତି ଅନୁଭବ କରିଛନ୍ତି। ମୁଇଜୁ ଭାବିଥିଲେ ଭାରତକୁ ବିରୋଧ କରି, ଭାରତକୁ ନିନ୍ଦା କରି ସେ ଚୀନର ପ୍ରିୟପାତ୍ର ହୋଇଯିବେ।

# “ ଜୀବନ ଯନ୍ତ୍ରଣାରେ ଅର୍ଥ ସାଜିଛି ବାଧକ

**॥ ପଙ୍କଜ କୁମାର ପାଣିଗ୍ରାହୀ ॥**

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ । ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧରେ । ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା'ନ୍ତି । କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି । ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ ବ୍ୟାପକ ଅର୍ଥ ବ୍ୟୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା'ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧମରେ । ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ । ନିସାଗ୍ରସ୍ତ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ । ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତକାୟ ରୋଗ ଶିକାର କରିପାରେ ନାହିଁ । ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା'ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା'ନ୍ତି କେତେ ରୋଜଗାର କଲେ ମଧ । କି'ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା'ନ୍ତି ।

ବିଭିନ୍ନ ଅନ୍ୟାନ୍ୟ ମାଧମ ଗୁଡିକ ମଧରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ । ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା'ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ । ପ୍ରଥମ ପରିବାର କି'ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଦୁରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା'ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧମରେ ଲୁଟି ନେଇଥା'ନ୍ତି ଲୋକଙ୍କ ଠାରୁ । ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା'ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା'ନ୍ତି ନିଜକୁ ନିଜେ । ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା'ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ । ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା'ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା'ନ୍ତି ।ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା'ନ୍ତି ସେଗୁଡିକୁ ବର୍ଜନ କରି ମଧ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ । ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଜ୍ଞା ନାହିଁ ।


ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.


# ଡାକ୍ତର ଫ୍ୟାକ୍ଟ୍ରି

**॥ ସମ୍ବିତ ସାଇ ନାରାୟଣ ଭୂୟାଁ ॥**

ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ। ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ। ଏସବୁ ସୁସ୍ପଷ୍ଟ ହୋଇଯାଇଛି ଋଷ, ୟୁକ୍ରେନ ଯୁଦ୍ଧ ସଂଘଠିତ ହେବା ପରେ। ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧି ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ)। କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା 'ନିଟ୍' ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି।

ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ। ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୁନ ଏକ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥାଏ। ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ। ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସ୍ୱଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ। ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ।

ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ଲକ୍ଷ ୨୦ ହଜାର। ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର। ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି। ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି। ଓଡ଼ିଶାରେ ମଧ ସମାନ ଅବସ୍ଥା। ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ। ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି। ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି। ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି। ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି। ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା। ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି। ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ। ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି। ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି। ରୁଷିଆରେ ମଧ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହୁଏ। ସେହିପରି ବିଦେଶରେ ମଧ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ। ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ ଯଥେଷ୍ଟ ଅଧିକ। ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ। ଏଥିପାଇଁ ସେମାନଙ୍କୁ ଏମ୍‌ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ। ବିଦେଶରେ ଏମବିବିଏସ ଅଧ୍ୟୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ। ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି। ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି। ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି। ବିଦେଶରେ ଡାକ୍ତରୀ ପଢ଼ି ମଧ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ। ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ। କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ। ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା। ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ ତାହା ହୋଇଯାଇଛି। ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ।


ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର


# ଚାରି ପ୍ରକାରର ଜୀବନ

**॥ ଶ୍ୟାମ ସୁନ୍ଦର ସାମଲ॥**

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୁନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, 'ବହୁଜନ ହିତାୟ ବହୁଜନ ସୁଖାୟ'କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧାତ୍ମିକ ସାଧନା କରୁଛି । ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ। ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା'ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ।

ପ୍ରେମ ହିଁ ଈଶ୍ୱର। ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ। ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି। ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ। ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି। ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି। ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ। ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ। ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ। ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି। ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ। ପ୍ରେମ ବିନା କେହି ରହିପାରିବେ ନାହିଁ। ପଶୁ ଓ ପକ୍ଷୀମାନଙ୍କର ମଧ ପ୍ରେମ ଅଛି। ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ। ସେ ବାଛୁରୀକୁ ସଫାକରି ଦିଏ। ନିର୍ମଳତା ହିଁ ଦିବ୍ୟତ୍ୱ। ନିର୍ମଳତା ବିକଶିତ ହେବା ଉଚିତ। ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ। କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି। ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ। ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ। ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ। ବୈଦିକ ଉପଦେଶ ହେଉଛି 'ସତ୍ୟଂ ବଦ, ଧର୍ମଂ ଚର।' ସତ କହିବା ସହଜ। ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ। ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ। ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର। ପ୍ରେମର ବିକାଶ କର। ପ୍ରେମ ହିଁ ଈଶ୍ୱର। ପ୍ରେମରେ ବାସକର।


ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬

## .ପାରାଦୀପ ରେ କଂଗ୍ରେସ ଦଳ ପକ୍ଷରୁ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ପାଳିତ



ପାରାଦୀପ (ମହାଭାରତ) ରାଜ୍ୟ କଂଗ୍ରେସ ଦଳର ଲୋକପ୍ରିୟ ଓ ଟାଣୁଆ ନେତା ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବିଭିନ୍ନ ଜରାଶ୍ରମରେ ସ୍ମୃତିଚାରଣ ସଭା ଏବଂ ଅନ୍ନଦାନ କାର୍ଯ୍ୟକ୍ରମ ହୋଇଯାଇଛି । ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ପିସିସି ସାଧାରଣ ସମ୍ପାଦକ ନିରଂଜନ ନାୟକ, ପାରାଦୀପ ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ, ଚନ୍ଦ୍ରଶେଖର ମହାପାତ୍ର, ସରୋଜ ପ୍ରଧାନ,ଜଗନ୍ନାଥ ଶତପଥୀ,କୃପାସିନ୍ଧୁ ଦାସ,ବିନୋଦ ପ୍ରଧାନ, ରତିକାନ୍ତ ନାୟକ, ଚିନ୍ମୟ ନାଥ, ଅରୁଣ ମଲିକ, ଗଦାଧର ମହାନ୍ତି, କୃଷ୍ଣ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପାରାଦୀପ ଉପକଣ୍ଠ ସ୍ଥିତ ନୁଆଗଡରେ ଥିବା ସାଇସେବା ଜରାଶ୍ରମ ଓ ବାଳିଝରା ସ୍ଥିତ ସନ୍ତୋଷୀ ଜରାଶ୍ରମରେ ଥିବା ଅନ୍ତେବାସୀମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା ।

## ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତାରେ କେନ୍ଦୁଝର ସ୍ୱର୍ଣ୍ଣ ପଦକ ଜିଣି ଚାମ୍ପିଅନ

ଯୋଡା,(ମହାଭାରତ): ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତାରେ ୭ଟି ସ୍ୱର୍ଣ୍ଣ ପଦକ ଜିଣି କେନ୍ଦୁଝର ଜିଲ୍ଲା ଚାମ୍ପିଅନ ହୋଇଛି । ନଭେମ୍ବର ମାସ ୨ ତାରିଖରୁ ୪ ତାରିଖ ମଧ୍ୟରେ ବଲାଙ୍ଗୀର ଜିଲ୍ଲା ପୃଥ୍ୱୀ ରାଜ ହାଇ ସ୍କୁଲ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଫେନ୍ସିଂ, ଉସୁ , ଥାଙ୍ଗଟା ଓ ଟେବୁଲ୍ ଟେନିସ ପ୍ରତିଯୋଗିତା ରେ ଉସୁ ଖେଳ ରେ କେନ୍ଦୁଝର ଜିଲ୍ଲା ୭ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି ।ଏହି ଉସୂ ଖେଳରେ ସମୁଦାୟ ୭ଜଣ ଖେଳାଳି କେନ୍ଦୁଝର ଜିଲ୍ଲାରୁ ଅଂଶ ଗ୍ରହଣ କରି ୭ଟି ସ୍ୱର୍ଣ୍ଣ ପଦକ ଜିଣି ଛନ୍ତି । ଏହି ୭ ଜଣ ଖେଳାଳିଙ୍କ ମଧ୍ୟରୁ ୩ ଜଣ ବାଳିକା ବିଭାଗ ର ମାଳିନୀ ମୁଣ୍ଡା(୩୬ କେଜି), ରାକ୍ଷୀ ସିଦୟରୀ(୪୦କେଜି),ଲକ୍ଷ୍ମୀ ମୁଣ୍ଡା(୪୫କେଜି), ଯସେହିପରି ବାଳକ ବିଭାଗ ରେ ରାଜେଶ୍ ନାଗ (୪୦ କେଜି),ମଦନ ମୁଣ୍ଡା(୪୫ କେଜି),ରମେଶ ମୁଣ୍ଡା(୪୮ କେଜି), ଓ ପର୍ବିଲ ମୁଣ୍ଡା(୪୮ କେଜି) ଯଏହି ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତାରେ ଉସୁ ଖେଳରେ ୭ଟି ସ୍ୱର୍ଣ୍ଣ ପଦକ ଜିତି ଚାମ୍ପିଅନ ହୋଇଥିବା ବେଳେ ରନର୍ସ ଅପ ଭାବେ ଅନୁଗୁଳ ଜିଲ୍ଲା ୩ଟି ସ୍ୱର୍ଣ୍ଣ ପଦକ ଓ ଦ୍ୱିତୀୟ ରନର୍ସ ଅପ ଭାବେ ବଲାଙ୍ଗୀର ଜିଲ୍ଲା ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି । ଆସନ୍ତା ନଭେମ୍ବର ମାସ ୨୨ତାରିଖରୁ ୨୬ ତାରିଖ ମଧ୍ୟରେ ଜମ୍ମୁ ରେ ହେବାକୁ ଥିବା ୬୮ତମ ଜାତୀୟ ସ୍ତରୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତାରେ ଏହି ୭ଜଣ ସ୍ୱର୍ଣ୍ଣ ବିଜେତା ଅଂଶ ଗ୍ରହଣ କରିବେ ବୋଲି କୋଚ ପଙ୍କଜ କୁମାର ମହାନ୍ତ ସୂଚନା ଦେଇଛନ୍ତି ।

## କୁଇ ସମାଜ ଯୁବପରିଷଦର କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

କନ୍ଧମାଳ (ମହାଭାରତ ): କନ୍ଧମାଳ ଜିଲ୍ଲାର କୁଇ ସମାଜ ଯୁବପରିଷଦ ତରଫରୁ କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଯ ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାରେ କୁଇ ସମାଜ ଯୁବ ପରିଷଦ ଦ୍ୱାରା ଆଦିବାସୀ ସମାଜର ସଚେତନ ଓ ମେଡିକାଲରେ ଜରୁରୀ ରକ୍ତ ଆବଶ୍ୟକ ହେଉଥିବା ସମୟରେ ରକ୍ତଦାନ କରି ବିଭିନ୍ନ ସମସ୍ୟା ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରୁଥିବା ବେଳେ ବର୍ତ୍ତମାନ ଜିଲ୍ଲାର ଯୁବକ ଯୁବତୀ ମାନେ କିପରି କ୍ରୀଡ଼ାରେ ଅଧିକ ରୁ ଅଧିକ ଉନ୍ନତି କରିବେ ସେଥିପାଇଁ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଆଜି ଫୁଲବାଣୀ କାର୍ଯ୍ୟାଳୟ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କୁଇ ସମାଜ ଯୁବପରିଷଦ କନ୍ଧମାଳ ସଭାପତି ଦେବାଶିଷ କହଁର, ସମ୍ପାଦକ ଅଚ୍ୟୁତ ଯାନୀ, କ୍ରୀଡ଼ା ସଭାପତି ସୁଜି କୁମାର ମଲିକ, କୁଇ ସମାଜ ସାଧାରଣ ସମ୍ପାଦକ ଅବନୀ କୁମାର କହଁର, ଟିଟ୍ରାପଙ୍ଗା ସରପଞ୍ଚ ସଂଜୀବ ଲୋଚନ ପ୍ରଧାନ,ଯୁବ ନେତା ଅନୁପମ କହଁର ନରସିଂହ ପ୍ରଧାନ, ଉତ୍ତମ କହଁର, ଗୋପାଳ ମାଝୀ ସମେତ ବହୁ କ୍ରୀଡ଼ା ପ୍ରେମୀ ଯୁବକ ଯୋଗ ଦେଇ ଥିଲେ ।

# ଧାନ ଅମଳ ସମୟରେ ବ୍ୟାପୁଛି ଚକଡ଼ା : ଚାଷୀଙ୍କ ମଧ୍ୟରେ ବଢୁଛି ଚିନ୍ତା



ଦଶପଲ୍ଲା, ( ମହାଭାରତ ) : ଧାନ ଅମଳ ସମୟ ଯେତିକି ପାଖେଇ ଆସୁଛି ଜମିରେ ଚକଡ଼ା ରୋଗର ପରିମାଣ ସେତିକି ବଢ଼ିବାରେ ଲାଗିଛି । ମୁଣ୍ଡ ଝାଳ ତୁଣ୍ଡରେ ମାରି ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷୀ ଧାନ ଫସଲ କରିଥିବା ବେଳେ ଏବେ ଚକଡ଼ା ପାଇଁ ଚିନ୍ତା ବଢ଼ିବାରେ ଲାଗିଛି । ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ମଧ୍ୟଖଣ୍ଡ ପ□ାୟତରେ ଏଭଳି ଚକଡ଼ା ରୋଗ ଦେଖିବାକୁ ମିଳିଛି । ଗତ ମାସରେ ମହାନ୍ତିପଲ୍ଲୀ ନିକଟରେ ପ୍ରଶାନ୍ତ ବାରିକଙ୍କ ଜମିରେ ଚକଡ଼ା ରୋଗ ଦେଖିବାକୁ ମିଳିଥିବା ବେଳେ ଏବେ ତାଙ୍କ ଜମିଠାରୁ ପ୍ରାୟ ୧ କିମି ଦୂର ବିଶ୍ୱନାଥ ପ୍ରଧାନଙ୍କ ଜମିରେ ଚକଡ଼ା ରୋଗ ବ୍ୟାପିଛି ଧାନ କେଣ୍ଡା ଧରି ସାରିଥିବା ବେଳେ ଏହି ରୋଗ ପାଇଁ ଏକର ଏକର ଚାଷ ଜମି ନଷ୍ଟ ହୋଇଚାଲିଛି । ଧାନ ଅମଳ ସମୟରେ ଏଭଳି ରୋଗ ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଉଥିବା ବେଳେ ଚାଷୀଙ୍କ ମଧ୍ୟରେ ଭାଳେଣୀ ପଡ଼ିଲାଣି । ବିଶେଷ କରି ପ୍ରତିବର୍ଷ ବଲାଙ୍ଗୀର ଓ ବରଗଡ଼ ଅ□ଳରେ ଏଭଳି ରୋଗ ଦେଖା ଦେଇଥାଏ । ଫଳରେ ଚାଷୀ ଋଣ ଭାରରେ ବୁଡ଼ିରହି ଆତ୍ମହତ୍ୟା କରିବା ଭଳି ପନ୍ଥା ଆପଣାଇଥାନ୍ତି । ମାତ୍ର ଚଳିତବର୍ଷ ଦଶପଲ୍ଲା ବ୍ଲକ୍ରେ ଏଭଳି ଚକଡ଼ା ବ୍ୟାପିବା ପ୍ରଥମ ଘଟଣା ବୋଲି କୁହାଯାଉଛି । ହେଲେ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରଖିବା ସହ ଚାଷ ସମ୍ପର୍କିତ ସୂଚନା ପାଇଁ ବିଭିନ୍ନ ଅଧିକାରୀ ନିଯୁକ୍ତି ହୋଇଥିବା ବେଳେ ସୂଚନା ମିଳିବା ତ ଦୂରର କଥା, କୌଣସି ଅଧିକାରୀଙ୍କ ଦେଖା ମିଳୁନଥିବା ଚାଷୀ ଅଭିଯୋଗ ଆଣିଛନ୍ତି । ଏସମ୍ପର୍କରେ ଭାରପ୍ରାପ୍ତ ବ୍ଲକ୍ କୃଷି ଅଧିକାରୀ ପଲ୍ଲବୀ ମହାପାତ୍ର କହିଛନ୍ତି, ଦଶପଲ୍ଲା ବ୍ଲକ୍ର କୌଣସି ପଞ୍ଚାୟତରେ ଏଭଳି ରୋଗ ଦେଖା ଯାଇନଥିବା ବେଳେ ମଧ୍ୟଖଣ୍ଡରେ ପ୍ରଥମ କରି ଦେଖାଦେଇଛି । ଏସମ୍ପର୍କରେ ସେ ଫଟୋ ପଠାଇଛନ୍ତି । ତାଙ୍କୁ ତୁରନ୍ତ ଜମିରେ ଔଷଧ ପକାଇବା ପାଇଁ କୁହାଯାଇଛି । ଆସନ୍ତା ତିନି ଦିନ ପୂର୍ବରୁ କ୍ଷତିଗ୍ରସ୍ତ ଜମିରେ ପହଞ୍ଚି ତଦନ୍ତ କରାଯାଇଛି । ଏଥିସହିତ ପୂର୍ବରୁ ପ୍ରଶାନ୍ତ ବାରିକଙ୍କ ଜମିରେ ଏଭଳି ରୋଗ ଦେଖା ଦେଇଥିଲା । ବୁଝିବା ବେଳକୁ ଭଲ ଅମଳ ପାଇଁ ସେ ବଲାଙ୍ଗିରରୁ ବିହନ ଆଣିଥିବା ଜଣାପଡ଼ିଥିଲା । ଯେହେତୁ ସେସବୁ ଅଞ୍ଚଳରେ ଏହି ରୋଗ ବ୍ୟାପିଥାଏ ସେଥିପାଇଁ ତାଙ୍କ ଜମିରେ ଏହି ରୋଗ ଦେଖାଯିବା ପ୍ରଥମ ଘଟଣା ବୋଲି କହିଛନ୍ତି ।

## ଲଡୁଗାଁ ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର



କୋକସରା, (ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଲଡୁଗାଁ ସହର ଭିତରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଗୁରୁତର ହେବାକୁ ଲାଗିଛି । ସହରରେ ପାର୍କିଂ ସୁବିଧା ନଥିବାରୁ ଲୋକେ ବାଧ୍ୟ ହୋଇ ରାସ୍ତା ଉପରେ ଗାଡି ମୋଟର ରଖୁଛନ୍ତି । ବିଭିନ୍ନ ସମୟରେ ହନୁମାନ ଛକ ଠାରୁ ଆମ୍ବେଦକର ପଡ଼ା ପର୍ଯ୍ୟନ୍ତ ରାସ୍ତାରେ ସାଂଘାତିକ ଟ୍ରାଫିକ ଜାମ୍ ରହୁଛି । ଜିଲ୍ଲାର ଲଡୁଗାଁ ସହର ଏକ ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳୀ ହୋଇଥିବା ବେଳେ ଜୟପାଟଣା, ଧର୍ମଗଡ଼, କୋକସରା, କଲମପୁର ଆଦିର ଲୋକେ ବ୍ୟବସାୟ ଉପରେ ନିର୍ଭର କରିଥାନ୍ତି । ସହର ବ୍ୟସ୍ତବହୁଳ ହୋଇଥିବା ବେଳେ ଉଭୟ ରାସ୍ତା ଉପରେ ଲୋକେ ବାଇକ୍,କାର,ଅଟୋ ପାର୍କିଂ କରି ଦୋକାନକୁ ଜିନିଷ କିଣିବାକୁ ଯାଉଥାନ୍ତି । ଯା ଦ୍ୱାରା ରାସ୍ତା ସଙ୍କୁଚିତ ହେଉ ଅନେକ ସମୟରେ ସହର ଭିତରେ ଏଭଳି ଟ୍ରାଫିକ ସମସ୍ୟା ଲାଗି ରହୁଛି ଯେ ,ରାସ୍ତାରେ ଆଉ ଏକ ୪ ଚକିଆ ଯାନ କିମ୍ବା ଟ୍ରକ୍ ,ବସ୍ ଆମ୍ବୁଲାନ୍ସ ଗାଡ଼ି ଟିଏ ବି ଗଡିବା କଷ୍ଟସାଧ ହୋଇପଡୁଛି । ଯାହା ଫଳରେ ଘୋର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ପ୍ରଶାସନ ତଥା ସରକାରଙ୍କୁ ଦାବି ଜଣାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ପ୍ରକାର ସମାଧାନ ହୋଇ ନଥିବା ଲୋକେ ଅଭିଯୋଗ କରିଛନ୍ତି । କେବଳ ସେତିକି ନୁହେଁ ବରଂ ଅନେକ ଦୋକାନୀ ନିଜ ଦୋକାନ ସମ୍ମୁଖରେ ରହିଥିବା ରାସ୍ତାର କିଛି ଅଂଶ କୁ ମଧ୍ୟ ଜବରଦଖଲ କରି ନେଇଛନ୍ତି । ତାହା ବି ଟ୍ରାଫିକ ସମସ୍ୟାର ଆଉ ଏକ ମୂଳ କାରଣ ବୋଲି ବୃଦ୍ଧିଜିବୀ ମାନେ କହୁଛନ୍ତି । ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ଟ୍ରାଫିକ ସମସ୍ୟାର ନିୟନ୍ତ୍ରଣ କରିବା ପାଇଁ ଅଞ୍ଚଳ ବାସି ଦାବି କରିଛନ୍ତି ।

## ଐତିହାସିକ ପିର ଜାହାନିଆଁ ବାଲିଯାତ୍ରା - ୨୦୨୪ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ, (ମହାଭାରତ) -ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପିର ଜାହାନିଆ ବେଳାଭୂମି ବାଲିଯାତ୍ରା ଓଡିଶା ର ଏକ ଅନନ୍ୟ ପର୍ବ, ଚଳିତ ବର୍ଷ ୧୫ ତାରିଖ ଶୁକ୍ରବାର ପବିତ୍ର ବୋଇତବନ୍ଦାଣ ଓ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏହି ପ୍ରସିଦ୍ଧ ବାଲିଯାତ୍ରା ଅନୁଷ୍ଠିତ ହୁଏ,ଚଳିତ ବର୍ଷ ୧୫ ଓ ୧୬ ତାରିଖ ୨ ଦିନିଆ କାର୍ଯ୍ୟକ୍ରମ ହେବ କ୍ଷଯାହାକୁ ନେଇ ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ କଲ୍ୟାଣମଣ୍ଡପ ପରିସରରେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଶ୍ରୀମତୀ ଆରତୀ ନାୟକ ଙ୍କ ସଭାପତିତ୍ୱ ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକ ରେ ଉପାଧକ୍ଷ ଦୁର୍ଜ୍ଜୟ ମିଶ୍ର, ବିଡ଼ିଓ ସସ୍ମିତା ବେହେରା, ଛୁରିଆନା ସରପ□ କ୍ଷୀରୋଦ କାଣ୍ଡି, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ନିମାପଡା ଏସଡିପିଓ ପ୍ରଭାତ ରଞ୍ଜନ ମଲ୍ଲିକ, ଅସ୍ତରଙ୍ଗ ଥାନା ସବଇନିସ୍ପେକ୍ଟର ଦୀପକ ବଳିୟାର ସିଂ, ସ୍ୱାସ୍ଥ୍ୟ ବିଭାଗ, ବନା□ଳ ବିଭାଗ, ଗ୍ରାମ୍ୟଉନ୍ନୟନ ବିଭାଗ, ପରିମଳ ଓ ଜଳସେଚନ ବିଭାଗ, ବିଦ୍ୟୁତ



ବିଭାଗ ର ଅଧିକାରୀ, ଅଗ୍ନିଶମ ବିଭାଗ ଅଧିକାରୀ ଙ୍କ ସମେତ ବିଭିନ୍ନ ପ୍ରଶାସନ ବିଭାଗ ର କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହିଥିଲେ, ଗତବର୍ଷ ବିଭିନ୍ନ ଉଠା ଦୋକାନ ମାନଙ୍କ ନିକଟରୁ କମିଟି ତରଫରୁ ଅତ୍ୟଧିକ ଖଜଣା ଆଦାୟ କରାଯାଇଥିଲା, ଯାହାକୁ ନେଇ ଅଧକ୍ଷା ଶ୍ରୀମତୀ ଆରତୀ ନାୟକ କ୍ଷୋଭ ପ୍ରକାଶ କରିବା ସହିତ ଉଠା ଓ କ୍ଷୁଦ୍ର ବ୍ୟବସାୟୀ ଙ୍କୁ ଏଭଳି ଅଧିକ ଖଜଣା ଆଦାୟ ନକରିବାକୁ ପରାମର୍ଶ ଦେଇଥିଲେ, ତା ସହିତ ଅମାନିଆ ଗାଡି ଚାଳକ, ଟ୍ରାଫିକ କ□ୋଲ, ପାଇଁ ଉପାଧକ୍ଷ ଏସଡିପିଓ ଙ୍କୁ ଅନୁରୋଧ କରିଥିଲେ, କିଭଳି ଶାନ୍ତିପୂର୍ଣ୍ଣ ହିସାବରେ ୧୫ ତାରିଖ ଶୁକ୍ରବାର ଓ ୧୬ ତାରିଖ ଶନିବାର ଏହି ପ୍ରସିଦ୍ଧ ଐତିହାସିକ ବାଲିଯାତ୍ରା ଅନୁଷ୍ଠିତ ହେବ ତାହାକୁ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କ ସହିତ ମଣ୍ଡଳ ଉନ୍ନୟନ ଅଧିକାରୀ, ବ୍ଲକ ଅଧକ୍ଷା ଆଲୋଚନା କରିବା ସହିତ ଏହି କାର୍ଯ୍ୟକ୍ରମ କୁ ବିଭିନ୍ନ ବିଭାଗ କିପରି ନିଜ ନିଜ ଦାୟିତ୍ୱ ରେ ସୁପରିଚାଳନା କରିବେ ସେଥିପାଇଁ ପରାମର୍ଶ କରିଥିଲେ ।

## ଭଙ୍ଗାଦଦରା ଜୟପାଟଣା ଗ୍ରାମପଞ୍ଚାୟତ – ଦୃଷ୍ଟି କେବେ ପଡିବ



ମୁଖୀଗୁଡା , ଜୟପାଟଣା(ମହାଭାରତ)- ରାଜ୍ୟ ହେଉ । କେନ୍ଦ୍ର ସରକାର ଗ୍ରାମପଞ୍ଚାୟତ କୁ ନେଇ ଶାସନ ଚଳେଇ ଥାନ୍ତି ।ଏହିଗ୍ରାମ ପଂଚାୟତ ଶାସନ କୁ ଆହୁରି ସରସ ସୁନ୍ଦର କରିବାକୁ ଯାଇ ପ୍ରତି ଗ୍ରାମପ□ାୟତ କାର୍ଯ୍ୟାଳୟ ମାନଙ୍କୁ ଆବଶକୀୟ ଭିତ୍ତିଭୂମି, ଅଫିସଗୃହ, ଗୋଦାମଗୃହ, ବିଶ୍ରାମ ଗୃହ, ପାନୀୟଜଳ, ବିଜୁଳି ବ୍ୟବସ୍ଥା ରହିଥିବାସହ, ଆବଶ୍ୟକୀୟ ଅଧିକାରୀ, କର୍ମଚାରୀ, ନିଯୁକ୍ତି ବ୍ୟବସ୍ଥା ରହିଅଛି । ଜନସାଧାରଣଙ୍କ ଅଧିକାଂଶ ସୋକାର୍ଯ୍ୟ ଗ୍ରାମପଞ୍ଚାୟତ ଉପରେ ନ୍ୟସ୍ତ ଥିବାଯୋଗୁ ଏହାର ସୁପରିଚାଳନା ନିମନ୍ତେ ଉପଯୁକ୍ତ ଭିତ୍ତି ଭୂମି ର ଆବଶ୍ୟକତା ରହିଅଛି ।ଜନ୍ମ ଠାରୁ ମୃତ୍ୟୁ, ରାସ୍ତାଘାଟ, ପାନୀୟଜଳ, ବିଜୁଳି, ଆବାସ ଯୋଜନା, ଚାଷୀଙ୍କନିମନ୍ତେ ସୁବିଧା, ପୋଖରୀ, ଡ୍ରେନେଜ, ଉତ୍ତାଯୋଜନା, ଖାଉଟିବଣ୍ଟନ ଭଳି ଅତ୍ୟାବଶକୀୟ ସେବା ଜନସାଧାରଣ ଙ୍କୁ ଉପଲବ୍ଧ ହେବାରେ ବ୍ୟାଘାତ ସୃଷ୍ଟି ହେଉଅଛି । ଭଙ୍ଗା ବଡଦୁଃଖରବିଷୟ ଏହି ଯେ ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୫ମିଟର ଦୂରତା ମଧ୍ୟରେଥିବା ଗ୍ରାମପଞ୍ଚାୟତର ଦୁରାବସ୍ଥା କୁ ନ ଦେଖିଲେ କେହି ବିଶ୍ୱାସ କରିପାରିବେନାହିଁ.ଯଦୀର୍ଘକାଳ ଧରି ଗ୍ରାମପଞ୍ଚାୟତଗୃହ ମାଟିରେ ମିଶିଯିବାକୁ ବସିଥିଲେ ହେଁ, ଏହାର ପ୍ରତିକାର ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କ ନଜରରେ ପଡୁନଥିବା ବିଷୟ ସର୍ବସାଧାରଣରେ ଚର୍ଚ୍ଚାର ବିଷୟ ପାଲଟି ସହ ସଦର ମହକୁମା ଗ୍ରାମପଞ୍ଚାୟତ ର ବାସ୍ତବ ଚିତ୍ର ଜଣାପଡି ଯାଉଛି । ନିକଟରେ ନିର୍ମିତ ରାଜୀବଗାନ୍ଧୀ ସେବାକେନ୍ଦ୍ର ଗୃହରେ ଗ୍ରାମପଞ୍ଚାୟତକାର୍ଯ୍ୟାଳୟ ପରିଚାଳିତ ହୋଇ ଆସୁଥିବାବେଳେ ଜାଗା ର ଅଭାବ ସମସ୍ୟା ସୃଷ୍ଟି କରିଛି । ଜୟପାଟଣାବ୍ଲକରେ ଅନ୍ୟପଂଚାୟତ ମାନଙ୍କ ତୁଳନାରେ ୨୦୦୦୦ ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସଦର ମହକୁମା ଗ୍ରାମପଞ୍ଚାୟତ ର ଏତା ଦୃଶ ଦୂରାବସ୍ଥା ପ୍ରତି ଦୃଷ୍ଟି ଦେବା ନିମନ୍ତେ ସର୍ବସାଧାରଣରେ ଦୃଢ଼ ଦାବୀ ହେଉଅଛି ।

## ୩୮ ଜଣ ନୂତନ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କରଞ୍ଜିଆ, (ମହାଭାରତ)ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଓ ଠାକୁରମୁଣ୍ଡା ପ୍ରାଥମିକ ଶିକ୍ଷକ ସଂଗଠନର ମିଳିତ ସହଯୋଗରେ ଠାକୁରମୁଣ୍ଡା ବ୍ଲକ ରେ ନୂତନ ଭାବରେ ଯୋଗ ଦେଇଥିବା ୩୮ ଜଣ କନିଷ୍ଠ ଶିକ୍ଷକ/ଶିକ୍ଷୟତ୍ରୀ ଙ୍କୁ ସ୍ୱାଗତ କରାଯାଇଛି ।ଏହି ଅବସର ରେ ଠାକୁରମୁଣ୍ଡା ବି ଇ ଓ କାର୍ଯ୍ୟାଳୟ ପରିସର ରେ ଅୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ଏ ବି ଇ ଓ ସନ୍ତୋଷ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବି ଇ ଓ ରାମଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭବରେ ସହ ଗୋଷ୍ଠୀ ଶିକ୍ଷାଧୀକାରୀ ଦିଲ୍ଲୀପ ଧଳ ଓ ସଂଯୁକ୍ତା ନାୟକ ଯୋଗ ଦେଇଥିଲେ । ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ସମସ୍ତ ନୂତନ କନିଷ୍ଠ ଶିକ୍ଷକ ମାନଙ୍କୁ ଅତିଥି ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।ଏଥି ସହିତ ନୂତନ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅତିଥି ମାନେ ମାର୍ଗଦର୍ଶନ କରିଥିଲେ । ଭଲ ଶିକ୍ଷକଟିଏ ହୋଇ ଠାକୁରମୁଣ୍ଡା ଅଂଚଳର ଗରିବ ଆଦିବାସୀ ହରିଜନ ପିଲାଙ୍କର ଉନ୍ନତିକଳ୍ପେ କାମ କରିବାକୁ ବକ୍ତାଗଣ ମତପୋଷଣ କରିଥିଲେ ।ଠାକୁରମୁଣ୍ଡାକୁ ବ୍ଲକ କୁ ଶିକ୍ଷା କ୍ଷେତ୍ର ରେ ଆଗେଇ ନେବାକୁ ନୂତନ ଶିକ୍ଷକ ଙ୍କ ଯୋଗଦାନ ସହାୟିକ ହେବ ବୋଲି ସଭାପତି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

## ଗିରୀରାଜ ମିଶନ ଶକ୍ତିର ମେଇଜ ପ୍ରଡ୍ୟୁସେର କମ୍ପାନୀର ପ୍ରଥମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ କ୍ଷ

ଉଦୟଗିରି(ମହାଭାରତ): ଗଜପତି ଜିଲ୍ଲା ରା, ଉଦୟଗିରି ବ୍ଲକ ଅନ୍ତର୍ଗତ ମହେନ୍ଦ୍ରଗଡ ଠାରେ ଥିବା କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ରାଜ୍ୟସରକାରଙ୍କ ମୁଖ୍ୟମନ୍ତ୍ରୀ ମକ୍କା ମିଶନ ମାଧମରେ ହେଉଥିବା ଗିରିରାଜ ମିଶନ ଶକ୍ତି ମେଇଜ୍ ପ୍ରଡ୍ୟୁସର କମ୍ପାନୀର ପ୍ରଥମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଞ୍ଚଳରେ ରହିଥିବା ଚାଷୀମାନେ ସାଧାରଣତଃ ମକା ଚାଷ ଉପରେ ନିର୍ଭର କରି ଚଳି ଆସୁଥିବା ବେଳେ, ରାଜ୍ୟ ସରକାର ଓ ମିଶନ ଶକ୍ତି ଦ୍ୱାରା ପରିଚାଳିତ ମୁଖ୍ୟମନ୍ତ୍ରୀ ମକା ମିଶନ ଦ୍ୱାରା ଗିରିରାଜ ମିଶନ ଶକ୍ତି ୱୋଇମେନ ମେଇଜ୍ ପ୍ରଡୁସର କମ୍ପାନୀ ତରଫରୁ ଅଂଚଳର ମହିଳା ମାନଙ୍କୁ ମକା ଚାଷ ନିମନ୍ତେ ପ୍ରୋତ୍ସାହନ ଦିଆଯାଇଥିଲା । ସେମାନେ କିଭଳି ଭାବେ ଉପକୃତ ହୋଇ ପାରିଛନ୍ତି କିମ୍ବା କ୍ଷତିର ସମ୍ମୁଖୀନ ହୋଇଛନ୍ତି ସେନେଇ ଏହି କାର୍ଯ୍ୟକ୍ରମ ମାଧମରେ ସମସ୍ତଙ୍କ ମତାମତ ନିଆଯିବା ସହ,ଅନ୍ୟ ମାନଙ୍କୁ ସଚେତନ କରାଯାଇଥିଲା । ତେବେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରା,ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ୍ ଖର୍ସେଲ୍ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାମକୃଷ୍ଣ ପାତ୍ର,ଓ ମୁଖ୍ୟମନ୍ତ୍ରୀ ମକ୍କା ମିଶନ୍ କମ୍ପାନୀର ରାଜ୍ୟ ସଂଯୋଜକ ରେଡିସ କୁମାର, ଆଞ୍ଚଳିକ ସଂଯୋଜକ ବିଶ୍ୱରଞ୍ଜନ ପରିଡା, ମାର୍କେଟିଙ୍ଗ ଏକ୍ସପୋର୍ଟ କେଦାର ଚନ୍ଦ୍ର ପ୍ରଧାନ, କମ୍ପାନୀର ସଭାପତି ଜମ୍ବୁବତୀ ରଇତ, ଉପସଭାପତି ରଂଜିତା ଶବର ପ୍ରଭୃତି ଯୋଗ ଦେଇଥିଲେ ଯ କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ସମ୍ମାନିତ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା, ଏବଂ ସୂର୍ଯ୍ୟ ନାରାୟଣ ପାତ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଂଚଳର ଏକ ହଜାରରୁ ଉର୍ଦ୍ଧ ମହିଳା



# ନକଲି ଚାଷୀଙ୍କୁ ଧରିବାକୁ ହେବ ସାଟେଲାଇଟ୍ ସର୍ଭେ
# ପଞ୍ଜୀକରଣ କରିଥିବା ୩୫ ଚାଷୀ ଦେଇପାରିଲେନି ଜମି ପ୍ରମାଣପତ୍ର



ନୟାଗଡ଼, ( ମହାଭାରତ ) : ଚଳିତ ବର୍ଷ ଖରିଫ ଚାଷ ପାଇଁ ଚାଷୀ ପଞ୍ଜୀକରଣ ଶେଷ ହୋଇଛି । ସମବାୟ ସମିତି ଜରିଆରେ ପଞ୍ଜୀକରଣ କରିଥିବା ଚାଷୀ ମାନଙ୍କର ଯା□ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି ଗାଁ ଗାଁ ରେ ପହଞ୍ଚି ସମିତିର କର୍ମଚାରୀ ମାନେ ବାସ୍ତବରେ ଚାଷୀମାନେ ଦେଇଥିବା ତଥ୍ୟର ତର୍ଜମା କରିଛନ୍ତି । ପଞ୍ଜୀକରଣ କରିଥିବା ଚାଷୀ ମାନଙ୍କ ମଧ୍ୟରୁ ୩୫ ଜଣ ନିଜ ଜମି ସମ୍ପର୍କିତ ପ୍ରମାଣପତ୍ର ଦେଖାଇ ପାରିନଥିଲେ । ଫଳରେ ସେମାନଙ୍କୁ ଏହି ତାଲିକାରୁ ବାଦ୍ ଦିଆଯାଇଛି । ବାକି ପଞ୍ଜୀକୃତ ଚାଷୀ ମାନଙ୍କ ପାଇଁ ଆସନ୍ତା ଡିସେମ୍ବରରୁ ସାଟେଲାଇଟ୍ ସର୍ଭେ କରାଯିବ । ଯେଉଁ ପ୍ରକ୍ରିୟାରେ ପ୍ରକୃତରେ ଜିଲ୍ଲାରେ କେତେ ଚାଷୀ ରହିଛନ୍ତି, ଏହା ଚିହ୍ନଟ ହୋଇପାରିବ ଏଣୁ ଚାଷୀ ଚିହ୍ନଟ ପ୍ରକ୍ରିୟାରେ ଯେପରି କୌଣସି ଜାଲିଆତି ନ ହୁଏ, ସେଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇଥିବା ଜଣାପଡ଼ିଛି । ଯୋଗାଣ ବିଭାଗ ଅଧିକାରୀ ବ୍ରଜେନ୍ଦ୍ର ମହାନ୍ତିଙ୍କ ସୂଚନା ମୁତାବକ, ଜିଲ୍ଲାରେ ଥିବା ୧୫୩ଟି ସମବାୟ ସମିତି ଜରିଆରେ ଚାଷୀ ମାନଙ୍କର ପଞ୍ଜୀକରଣ କାର୍ଯ୍ୟର ଯାଞ୍ଚ କରାଯାଉଛି । ପୂର୍ବରୁ ଚାଷୀ ମାନେ ପଞ୍ଜୀକରଣ କରିବା ପାଇଁ ସମିତି ଜରିଆରେ ଆବେଦନ କରିଥିଲେ । ପରେ ସମିତିର ସଦସ୍ୟ ମାନେ ଗାଁରେ ପହଞ୍ଚି ଚାଷୀ ମାନଙ୍କ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛନ୍ତି । ଏହି ପ୍ରକ୍ରିୟା ଏବେ ଶେଷ ହୋଇଛି । ଚଳିତ ବର୍ଷ ୫୩,୮୩୯ ଜଣ ଚାଷୀ ପଞ୍ଜୀକରଣ କରିଥିଲେ । ସେଥିମଧ୍ୟରୁ ୫୩,୮୦୪ ଜଣ ଚାଷୀଙ୍କ ଜମି ପ୍ରମାଣପତ୍ର ଠିକ୍ ଥିବା ଦେଖାଯାଇଛି । ଏହାପରେ ପ୍ରକୃତ ତଥ୍ୟ ଜାଣିବା ପାଇଁ ସାଟେଲାଇଟ୍ ସର୍ଭେ କରାଯିବ । ସେଥିରୁ ଚାଷୀ ମାନଙ୍କ ତାଲିକା ବାହାରି ପାରିବ । ସେମାନଙ୍କ ମଧ୍ୟରୁ କେତେ ଚାଷୀ ରହିବେ ଓ କଟିବେ, ତାହା ସାଟେଲାଇଟ୍ ସର୍ଭେ ପରେ ଜଣାପଡ଼ିବ । ସାଟେଲାଇଟ୍ ସର୍ଭେରୁ ଯଦି କୌଣସି ଚାଷୀଙ୍କର ଜମି ସଂକ୍ରାନ୍ତରେ କିଛି ସମସ୍ୟା ଥିବା ଜଣାପଡ଼େ, ତେବେ ସେମାନଙ୍କ ଜମି ପାଖରେ ସମିତିର କର୍ମଚାରୀ ପହଞ୍ଚି ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ । ଏଣୁ ଜଣେ ବି ହେଲେ ନକଲି ଚାଷୀ ଯେପରି ପଞ୍ଜୀକୃତ ନହେବେ, ସେଥିପ୍ରତି ଦୃଷ୍ଟି ଦିଆଯିବ ଗତବର୍ଷ ଜିଲ୍ଲାରେ ୫୮, ୮୨୧ ଜଣ ଚାଷୀ ଚିହ୍ନଟ ହୋଇଥିଲେ । ପ୍ରତ୍ୟେକ ବର୍ଷ ଜିଲ୍ଲାରେ ବହୁ ନକଲି ଚାଷୀ ପଞ୍ଜୀକରଣ କରୁଥିବା ଅଭିଯୋଗ ହେଉଛି । ସରକାରଙ୍କ ବିଭିନ୍ନ ଯୋଜନାକୁ ହାତେଇବା ପାଇଁ ଆଦୌ ଜମି ନଥିବା କିମ୍ବା ଚାଷ ସହ ଜଡ଼ିତ ନଥିବା ଲୋକମାନେ ପଞ୍ଜୀକରଣ କରନ୍ତି । ଫଳରେ ଚାଷ କାର୍ଯ୍ୟରେ ରିହାତି ପ୍ରଦାନ ହେଉ ଅବା ମଣ୍ଡିରେ ଧାନ ବିକ୍ରି, ସବୁଥିରେ ସମସ୍ୟା ସୃଷ୍ଟି ହୁଏ । ଏହି ନକଲିଙ୍କ ପାଇଁ ଅସଲି ଚାଷୀମାନେ ସମସ୍ୟାରେ ପଡ଼ନ୍ତି ଅନ୍ୟପଟେ ସର୍ଭେ ପରେ ବାଦ୍ ପଡୁଥିବା ଜାଲ୍ ଚାଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଫଳରେ ବର୍ଷକୁ ବର୍ଷ ନକଲି ଚାଷୀଙ୍କ ପଞ୍ଜୀକରଣ ବଢ଼ି ଚାଲିଛି । ଗତବର୍ଷ ବିପୁଳ ପରିମାଣରେ ନକଲି ଚାଷୀ ଚିହ୍ନଟ ହୋଇଥିଲେ । ଏଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛ ।

## ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ଋଙ୍ଗୁଡ଼ିଆ ଗ୍ରାମରେ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ ନେଇ କଟୁରୀ ଚୋଟରେ ଜଣେ ଯୁବକର ମୃତ୍ୟୁ ହୋଇଛି । ମୃତ ଯୁବକ ହେଲେ ଋଙ୍ଗୁଡିଆ ଗ୍ରାମର ଚିକୁନ ମାଝି । ସୂଚନା ଅନୁସାରେ ଋଙ୍ଗୁଡିଆ ଗାଁର ଚତୃଭୂଜ ମାଝିଙ୍କ ସହ ସକାଳେ ଚିକୁନ ମାଝି ଓ ତାଙ୍କ ପରିବାର ସହ ପୂଜା ମଣ୍ଡପକୁ ନେଇ ପାଟିତୁଣ୍ଡ ହୋଇଥିଲା । ତେବେ ସନ୍ଧ୍ୟାରେ ଗ୍ରାମରେ କାଳୀପୂଜା ଭଷାଣି ପାଇଁ ଚିକୁନୁ ମା'ଙ୍କ ମେଢ଼ ସାଜସଜ୍ଜା ସାରି ଘରକୁ ଡ୍ରେସ ବଦଳିବା ପାଇଁ ଆସିଥିଲେ । ତେବେ ଘର ଆଗରେ ଚିକୁନ ବସିଥିବା ବେଳେ ହଠାତ ଚତୁର୍ଭୁଜ ମଦ୍ୟପାନ କରି ଚିକୁନଙ୍କୁ ପଛରୁ ଏକ କଟୁରିରେ ହାଣି ଦେଇଥିଲା । ଏହା ଦେଖି ତୁରନ୍ତ ପରିବାର ଲୋକ ଚିକୁନଙ୍କୁ ମୂମୁର୍ଷୁ ଅବସ୍ଥାରେ ଏକ ମୋଟରସାଇକେଲରେ କୋଶଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ । ସେଠାରେ ଡାକ୍ତର ଚିକୁନଙ୍କୁ ମୃତ ଘୋଷଣା କରିଥିଲେ । ପରେ ଖବର ପାଇ ଛେଣ୍ଡିପଦା ପୁଲିସ ଋଙ୍ଗୁଡିଆ ଗ୍ରାମରେ ଘଟଣା ସ୍ଥଳରେ ପହଁଚି ହତ୍ୟାକାଣ୍ଡ ଘଟାଇଥିବା ଚତୁର୍ଭୁଜକୁ କାବୁ କରି ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି ।

## ବିଦ୍ୟାଳୟ ଗୃହର ଶୁଭ ଶିଳାନ୍ୟାସ କଲେ ମନ୍ତ୍ରୀ ପ୍ରଦିପବଲ ସାମନ୍ତ



ଦାନଗଦୀ :(ମହାଭାରତ) ଆଜି ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଦାନଗଦୀ ବ୍ଲକ ଅନ୍ତର୍ଗତ ତ୍ରିଜଙ୍ଗା ଓ ଧୂଳିଗଡ଼ ପଞ୍ଚାୟତର ଏକାଧିକ ବିଦ୍ୟାଳୟ ରେ ନୂତନ ଶ୍ରେଣୀ ଗୃହର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି,ଧୂଳିଗଡ଼ ପଞ୍ଚାୟତର ସୁଆଁଲ, ଧପଙ୍କି, ଧୂଳିଗଡ଼ ଗାଁ ରେ ନୂତନ ବିଦ୍ୟାଳୟ ଗୃହର ଶୁଭଭିତ୍ତି ପ୍ରସ୍ତର କାର୍ଯ୍ୟକ୍ରମ ଓ ତ୍ରିଜଙ୍ଗା ପଂଋୟତର ସିଙ୍ଗାଗଡିଆ, ସୋଲେଇ, ତ୍ରିଜଙ୍ଗା କଲୋନୀ, ଦାନଗଦି, ତ୍ରିଜଙ୍ଗା ଗାଁ ରେ ଥିବା ବିଦ୍ୟାଳୟ ଗୁଡିକରେ ନୂତନ ଶ୍ରେଣୀଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ, ଏହି କାର୍ଯ୍ୟକ୍ରମରେ ଧୂଳିଗଡ଼ ପଂଋୟତର ସରପଞ୍ଚ ମାନସ ରଣା, ମଣ୍ଡଳ ସଭାପତି ଅଜିତ ଦାସ, ସଞ୍ଜୟ ମହାନ୍ତି ପ୍ରମୁଖ ଯୋଗ ଦେବା ସହ ହଜାର ହଜାର କର୍ମୀ ଏକ ବିରାଟ ଶୋଭାଯାତ୍ରା ରେ ମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ, ସବୁ ଗାଁ ରେ ମା ଭଉଣୀ ମାନେ ଶଙ୍ଖ, ହୁଳହୁଳି, ପୁଷ୍ପ ଗୁଚ୍ଛ ଦେଇ ମନ୍ତ୍ରୀ ଙ୍କୁ ସ୍ୱାଗତ କରିଥିଲେ।

## ଏକ ଦିବସୀୟ ସମ୍ବିଧାନ ଅଧିକାର ଶିବିର

ରାଇଘର ବ୍ଲକ (ମହାଭାରତ) ହାଟଭରଣ୍ଡି ସୀମାନ୍ତ ଗୋଣ୍ଡୱାନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଦିବସୀୟ ସମ୍ୱିଧାନିକ ପ୍ରଶିକ୍ଷଣ ଶାବିର ରାଣୀ ଦୁର୍ଗାବତୀ ଋରିଟେବୁଲ ଟ୍ରଷ୍ଟ ତ□ାବଧାନରେ ଅନୁଷ୍ଠିତ ହୋଇ ଥିଲା। ଏହି ପ୍ରଶିକ୍ଷଣ ଶିବିରର ରେ ମୂଖ୍ୟ ଅତିଥି ତଥା ବକ୍ତା କୋୟା ଭୁମକାଲ କ୍ରାନ୍ତି ସେନା ଭାରତରଳ ( କେ. ବି. କେସ -ଭାରତ ) ସେନାପତି ତିରୁମାଲ ଅଶ୍ୱିନୀ କାଙ୍ଗେ, ତିରୁମାଲ ଜଗତ ମରକାମ, ତିରୁମାଲ ତୁଲସି ନେତାମ ଏବଂ ଗୋଣ୍ଡ ଶ ବିକାଶ ମଣ୍ଡଳ ରାଇଘର ସମ୍ପାଦକ ତିରୁମାଲ ଫଗନୁ ଗଣ୍ଡ, ଗୋଣ୍ଡ ମହାସଭା ଜିଲ୍ଲା ଉପ ସଭାପତି ତଥା ବାରାପାଲି ହାଟଭରଣ୍ଡି ବୈଜଷ୍ଠ ମୁରବି ସିଆନ ଶୁକଚନ୍ଦ ଗଣ୍ଡ, ଜନଜାତି ବିକାଶ ପରିଷଦ ହାଟଭରଣ୍ଡି ଶାଖା ସଭାପତି ପିଲାରାମ ଗଣ୍ଡ ଗୋଣ୍ଡ ସମାଜ ବାରାପାଲି ହାଟଭରଣ୍ଡି ସଭାପତି ସୋମନାଥ ଗଣ୍ଡ , ସମ୍ପାଦକ ଭାଗିରଥି ଗଣ୍ଡଏବଂ ରାଣୀ ଦୁର୍ଗାବତି ଋରିଟେବୁଲ ଟ୍ରଷ୍ଟ ର ସଭାପତି ଅଶ୍ୱିନୀ କୁମାର ଗଣ୍ଡ , ସମ୍ପାଦକ ଚନ୍ଦନ ଗଣ୍ଡ ଓ ଟ୍ରଷ୍ଟ ର କର୍ମକର୍ତ୍ତା ନକୁଳ ଗଣ୍ଡ ଏବଂ ୧୫୦ ରୁ ଉର୍ଦ୍ଧ ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ। ଉକ୍ତ ଶିବିରରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଆମ ରାଇଘର ମାଟିକୁ ଗୌରବାନ୍ୱିତ କରିଥିବା କୁ. ମଧୁସ୍ମିତା ଗଣ୍ଡ ଏବଂ ଗିତାଞ୍ଜଲି ଗଣ୍ଡଙ୍କୁ ଋରା ଗଛ ଦେଇ ସମ୍ମାନିତ କରାଯିବା ସହିତ ସମ୍ବିଧାନର ଉଲ୍ଲେଖ ଥିବା ମୌଳିକ ଅଧିକାର, ପଞ୍ଚମ ଅନୁସୂଚି, ପେସା, ସି. ଏଫ. ଆର , ଏଫ. ଆର. ସି ଇତ୍ୟାଦି ବିସ୍ତୃତ ଭାବରେ ଅଶ୍ୱିନୀ କାଙ୍ଗେ ଏବଂ ଜଗତ ମରକାମ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା ଉକ୍ତ ପ୍ରଶିକ୍ଷଣକୁ ସୀମାନ୍ତ ଗୋଣ୍ଡୱାନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ହାଟଭରଣ୍ଡି ନିର୍ଦ୍ଦେଶକ ସନରାଜ ଗଣ୍ଡ ସମସ୍ତଙ୍କୁ ଧନ୍ୟବାଦ ଦେଇ ପ୍ରଶିକ୍ଷଣ ସମାପ୍ତ କରିଥିଲେ।

# ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ

## ପଡ଼ିରହିଛି ଅର୍ଥ, ନିର୍ମାଣ ହୋଇପାରୁନି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

ଦଶରଥପୁର, (ମହାଭାରତ): ସରକାର ପ୍ରାଥମିକ ଶିକ୍ଷାର ବିକାଶ କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ କ୍ଷେତ୍ରରେ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଓଲଟା ଦେଖିବା ପାଇଁ ମିଳିଛି । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ କେତେକ ବିଦ୍ୟାଳୟରେ ଶିକ୍ଷାଦାନ ଦେବା ନିମନ୍ତେ ଶ୍ରେଣୀ ଗୃହର ଅଭାବ ତ ଆଉ କେଉଁଠି ବିଦ୍ୟାଳୟ ଚତୁର୍ପାର୍ଶ୍ୱରେ ପ୍ରାଚିର ନଥିବା ବେଳେ ଅନେକ ବିଦ୍ୟାଳୟରେ ଏବେବି ପିଇବା ପାଣିର ସମସ୍ୟା ସାଙ୍ଗକୁ ଶୌଋଳୟର ଅଭାବ ରହିଥିବା ନେଇ ଦେଖିବା ପାଇଁ ମିଳିଛି ଏପରି ସ୍ଥଳେ ଦଶରଥପୁର ବ୍ଲକରେ ପ୍ରାଥମିକ ଶିକ୍ଷାର ବହୁଳ ବିକାଶ ହେଉଥିବା ନେଇ ପ୍ରଶାସନିକ ସ୍ତରରେ ଡିଣ୍ଡିମ ଦିଆଯାଉଥିବା ବେଳେ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଲକ୍ଷ କଲେ ସରକାର ପ୍ରାଥମିକ ଶିକ୍ଷାର ବିକାଶ ନିମନ୍ତେ କେତେ ତତ୍ପର ତାହା ସହଜେ ଜାଣି ହେବ । ଏଠାରେ ପ୍ରକାଶ ଥାଉକି ଦଶରଥପୁର ବ୍ଲକର ଠିକ ପଛ ପାଖରେ ଯେଉଁ ବିଲଡିଙ୍ଗରେ ବର୍ତ୍ତମାନ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଟି ଋଲୁଅଛି ସେହି ଘରଟି ପ୍ରକୃତରେ ଶିକ୍ଷା ବିଭାଗର ନୁହେଁ ପଞ୍ଚାୟତ ବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପ୍ରତି ପଞ୍ଚାୟତରେ ଏକ ଭାରତ ନିର୍ମାଣ ରାଜୀବଗାନ୍ଧୀ ସେବାକେନ୍ଦ୍ର ନାମରେ ଏକ ଘର ନିର୍ମାଣ କରିଥିବା ବେଳେ ଦଶରଥପୁର ପଞ୍ଚାୟତ ବାସୀଙ୍କ ପାଇଁ ମଧ୍ୟ ଏହି ଘରଟି ୨୦୧୦ ମସିହାରେ ନିର୍ମାଣ କରାଯାଇଥିଲା ପଞ୍ଚାୟତ ବାସିଙ୍କର ଆଶାଥିଲା ଘରଟି ନିର୍ମାଣ ସରିଲେ ସାଧାରଣ ଲୋକ ମାନଙ୍କର



ଦରକାରରେ ଆସିବ କିନ୍ତୁ ଏହି ଘରଟିରେ ସେବେ ଠାରୁ ଦଶରଥପୁର ବ୍ଲକର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଋଲିଆସୁଅଛି ମାତ୍ର ଘର ନିର୍ମାଣକୁ ଏବେ ୧୪ ବର୍ଷ ପୁରିଥିବା ବେଳେ ଏବେ ଏହି ଘରଟି ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଦେଖିବା ପାଇଁ ମିଳିଛି ଘରର ଅନେକ ସ୍ଥାନର ଛାତରୁ ପାଣି ଖସୁଥିବା ବେଳେ ଅଧିକାଂଶ ସ୍ଥାନରେ ଛାତ ଫାଟିବା, ତାଜା ଫାଟିବା, ପ୍ଲାଷ୍ଟର ଝଡି ପଡିବା ଭଳି ଘଟଣା ଦେଖିବା ପାଇଁ ମିଳିଛି। ସେହିପରି ବର୍ଷା ହେଲେ କମ୍ପ୍ୟୁଟର ରୁମରେ ପାଣି ପଶିବା ସହ ଛାତରୁ ପାଣି ଖସିବା ଦ୍ୱାରା ବିଦ୍ୟାଳୟ ମାନଙ୍କ ପାଇଁ ଆସୁଥିବା ବହି ଓ ଅନ୍ୟାନ୍ୟ ଜିନିଷ ପତ୍ର ଗୁଡିକ ପାଣିରେ ନଷ୍ଟ ହେବା ସହ ଉଇ ଲାଗିଯାଉଥିବା ଦେଖିବା ପାଇଁ ମିଳିଛି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାଇଁ ବ୍ୟବହାର ହେଉଥିବା ସମସ୍ତ ଗୃହରେ ବର୍ଷା ପାଣି ପଶିବା ଦ୍ୱାରା ଅଧିକାରୀ ମାନଙ୍କୁ କାର୍ଯ୍ୟ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବା ପାଇଁ ପଡୁଥିବା ନେଇ ଜଣା ପଡିଛି ସାଧାରଣ ଭାବେ ଗୋଟିଏ ଘର ନିର୍ମାଣ ହେବା ପରେ ତାହା ୧୦୦ ବର୍ଷ ପାଇଁ ବ୍ୟବହାର କରାଯାଇଥାଏ ମାତ୍ର ଉକ୍ତ ଘର ନିର୍ମାଣକୁ ୧୪ ବର୍ଷ ପୁରି ନଥିବା ବେଳେ ବର୍ତ୍ତମାନ ଉକ୍ତ ଘରର ଅଧିକାଂଶ ସ୍ଥାନ ଭାଙ୍ଗି ରୁଜି ଯିବା ସହ ଛାତରୁ ପାଣି ଖସିବା ଘଟଣାକୁ ନେଇ ଏବେ ଘର ନିର୍ମାଣ ସଂସ୍ଥାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ସେହିପରି ବର୍ତ୍ତମାନ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୧ କୋଟିରୁ ଉର୍ଦ୍ଧ ଟଙ୍କା ଯୋଗେଇ ଦିଆଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗୃହ ନିର୍ମାଣ ନହୋଇ ଟଙ୍କା ପଡି ରହିଥିବା ବେଳେ ଏଥିପ୍ରତି ବିଭାଗୀୟ ଅଧିକାରୀ ମାନେ କାହିଁକି ଆନ୍ତରିକତା ପ୍ରକାଶ କରୁନାହାଁନ୍ତି ତାହାକୁ ନେଇ ଏବେ ବିରାଟ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ କିପରି ଖୁବ ଶୀଘ୍ର ନୂତନ ଭାବେ ନିର୍ମାଣ ହେବାକୁ ଥିବା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ମାଣ ହୋଇପାରିବ ସେଥିପ୍ରତି ପଦକ୍ଷପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ଜିଲ୍ଲାସ୍ତରୀୟ ଆପାତକାଳୀନ ବୈଠକ

ଗଜପତି(ମହାଭାରତ): ଗଜପତି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତା କରିଥିଲେ । ଏଥିରେ ଗଜପତି ଜିଲ୍ଲାରେ ଥିବା ସମସ୍ତ ପେଟ୍ରୋଲ, ଗ୍ୟାସ ମାଲିକ ଓ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ ,ବୃହତ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ମାନଙ୍କରେ ରସାୟନିକ ଦୁର୍ଘଟଣାକୁ କିପରି ମୁକାବିଲା କରିବା ଏବଂ ଆଗୁଆ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଜିଲ୍ଲା ଆପାତକାଳୀନ ବିଭାଗ କାର୍ଯ୍ୟ କରୁଅଛି । ସେହିଭଳି ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ପ୍ରସ୍ତୁତି ରହିବା ପାଇଁ ଜିଲ୍ଲାପାଳ ଶ୍ରୀଯୁକ୍ତ ଦାଶ ପେଟ୍ରୋଲ ଓ ଗ୍ୟାସ ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷ ମାନଙ୍କୁ ପରାମର୍ଶ ଦେଇଥିଲେ। ଅଫସାଇଟ୍ ଏମରଜେନ୍ସି ପ୍ଲାନ୍ ପ୍ରସ୍ତୁତ ରଖିବା,




ଅବିଛିନ୍ନ ଭାବେ ରାଜ୍ୟ ଓ କେନ୍ଦ୍ର କ୍ରାଇସେସ୍ ଗୃପକୁ ସୂଚନା ପଠାଇବା , ମକଡ୍ରିଲ୍ କରିବା, ବୃହତ ଶିଳ୍ପର ଆଖପାଖ ଅଞ୍ଚଳ ବାସିନ୍ଦା ମାନଙ୍କୁ ରସାୟନିକ ଦୁର୍ଘଟଣାର ଭୟାବହତା ଓ ଏହାର ମୁକାବିଲା କରିବା ନିମନ୍ତେ ସଚେତନତା କରାଇବା ଓ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜତିନ୍ଦ୍ର କୁମାର ପଣ୍ଡା କହିଥିଲେ ଯେ, ସମସ୍ତ ଶିଳ୍ପ କର୍ତୃପକ୍ଷ ମାନେ ରସାୟନିକ ଦୁର୍ଘଟଣାକୁ ଏଡାଇବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି ଓ ଅଧିକ ସୁରକ୍ଷା ପାଇଁ କଂଟ୍ରୋଲରୁମ୍ ର ଆବଶ୍ୟକତା ରହିଛି ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ କହିଥିଲେ। ସେହିପରି ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍, ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍ ,ଇଣ୍ଡିଆନ୍ ଓଏଲ୍ କର୍ପୋରେସନ୍ ଲିମିଟେଡ୍ ର ପ୍ରତିନିଧିମାନେ ଯୋଗଦେଇ ରସାୟନିକ ଦୁର୍ଘଟଣାକୁ କିପରି ରଖାଯାଇ ପାରିବ ସେ ଉପରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ସେଥି ମଧ୍ୟରୁ ପେଟ୍ରୋଲିୟମ କିମ୍ବା ଗ୍ୟାସ ସ୍ଥାନାନ୍ତରିତ କରିବା ସମୟରେ ଗାଡ଼ିର ମାନ ଯାଞ୍ଚ କରିବା, ଋଳକର ଲାଇସେନ୍ସ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ଉପରେ କିପରି ନଜର ରଖିହେବ ସେ ସଂପର୍କରେ ଅବଗତ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ,ଡେପୁଟି କଲେକ୍ଟର ଶ୍ରୀ କମଳ କାନ୍ତ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ଅଲ୍ଲୀ, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ଦାସ, ଶ୍ରୀ ବନିତ ଷଡ଼ଙ୍ଗୀ,ସହକାରୀ ନିର୍ଦ୍ଦେଶକ ଇସ୍ପାତ ଓ ବଏଲର ଡ଼ିଭିଜନ ରାୟଗଡ଼ା, ଶ୍ରୀ ପ୍ରଦୋଷ ଶତପଥି ଜିଲ୍ଲା ବିପର୍ଯ୍ୟୟ ପରିଋଳନା ମ୍ୟାନେଜର,ଜିଲ୍ଲା ଅଗ୍ନିଶମ ଅଧିକାରୀ ଓ ସମସ୍ତ ଶିଳ୍ପ,ଗ୍ୟାସ ଓ ପେଟ୍ରୋଲିୟମ ର ମାଲିକ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିକୁ ଛାଡି ବିଜେପି ରେ ଯୋଗ ଦେଲେ ସାହାରପଡା ବ୍ଲକ ଅଧକ୍ଷା ରୀନା ନାଏକ

ପାଟଣା:-(ମହାଭରତ)ସାଧାରଣ ନିର୍ବାଚନ ପରେ ସାହାରପଡା ବ୍ଲକର ତତ୍କାଳୀନ ଅଧକ୍ଷା ବିଜେପି ସମର୍ଥିତ ରମ୍ଭାବତୀ ଦେହୁରୀ ଙ୍କୁ ବିଜୁ ଜନତା ଦଳରେ ମିଶାଇ ତତ୍କାଳିନ ବିଧାୟକ ଜଗନ୍ନାଥ ନାଏକ ବିଜେପି କୁ ଚକମା ଦେଖାଇଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନ ପରେ ବିଜେପି ଏହାର ବଦଳା ନେଇଛି ।ପାଲଟା ଜବାବ ସୁରୂପ ଖୋଦ ପୂର୍ବତନ ବିଧାୟକ ଜଗଣାଥ ନାଏକଙ୍କ ଇଚ୍ଛାରେ ସାହାରପଡା ବ୍ଲକ୍ ଅଧକ୍ଷା ହୋଇଥିବା ବଡବିଲ ସମିତି ସଭ୍ୟା ରୀନା ନାଏକଙ୍କୁ ଆଜି ବିଜେପି ଦଳରେ ସାମିଲ କରିଛନ୍ତି ଖୋଦ ଜିଲ୍ଲା ବିଜେପି ଜିଲ୍ଲା ସଭାପତିଥିବା ସାହାରପଡା ବାସିନ୍ଦା ଅଂଶୁମାନ ସବୁଜ ମହାନ୍ତ ବର୍ମାୟ ତାଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇଥିବା ବେଳେ ଏଥିରେ ସାଂସଦ ଅନନ୍ତ ନାୟକଙ୍କ ପୂର୍ଣ୍ଣ ସମର୍ଥନ ଥିବା ଚର୍ଚ୍ଚା ହୋଇଛି ଯ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ରାଜଧାନୀ ବାସଭବନ ରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା ଯ ଦଳ ତରଫରୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କୁ ଦଳରେ ମିଶାଇଥିଲେ।

## ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ପ୍ରମୁଖ ଭୂମିକା ନେଇଛି ଟାଟା ଷ୍ଟିଲ ଫାଉଣ୍ଡେସନର ଜ୍ୟୋତି ଫେଲୋସିପ୍ କାର୍ଯ୍ୟକ୍ରମ

କଳିଙ୍ଗନଗର(ମହାଭାରତ): ଶିକ୍ଷା ସମାଜର ମାନଦଣ୍ଡୟ ସମାଜକୁ ଉତ୍ତତ, ମହତ ଓ ପ୍ରଗତିଶୀଳ କରିବାରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜୀବନକୁ ସୁସ୍ଥ, ସୁନ୍ଦର କରି ଗଢ଼ିତୋଳିବା ପାଇଁ ଶିକ୍ଷା ହିଁ ପଥପ୍ରଦର୍ଶକ ସାଜିଥାଏ । ଦେଶ ଓ ଜାତିର ସାମୂହିକ କଲ୍ୟାଣ ପାଇଁ ଶିକ୍ଷା ଏକ ଅମୋଘ ଅସ୍ତ୍ର ସଦୃଶ କାର୍ଯ୍ୟ କରେୟ ଛାତ୍ରଛାତ୍ରୀମାନେ ହିଁ ସମାଜର ମେରୁଦଣ୍ଡ ଓ ଦେଶର ଭବିଷ୍ୟତ ନିର୍ମାତା। ତେବେ ଯାଜପୁର ଜିଲ୍ଲା କଳିଙ୍ଗନଗର ଅ□ଳରେ ଅର୍ଥ ଅଭାବରୁ କୌଣସି ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ଛାତ୍ରଛାତ୍ରୀ ଯେପରୀ ଶିକ୍ଷା ଗ୍ରହଣ କରିବାରୁ ବଞ୍ଚିତ ନ ହୁଅନ୍ତି ସେ ନେଇ ଟାଟା ଷ୍ଟିଲ ଫାଉଣ୍ଡେସନ ସବୁବେଳେ କାର୍ଯ୍ୟ କରିଆସୁଛି । ଏଥିପାଇଁ ଜ୍ୟୋତି ଫେଲୋସିପ୍ ମେଧା ଭିତ୍ତିକ ବୃତ୍ତି କାର୍ଯ୍ୟକ୍ରମ ଋଲୁଅଛି । ଏହାର ମୁଖ୍ୟ ଉଦେଶ୍ୟ ହେଲା ଗ୍ରାମୀଣ ଓ ଦୁର୍ଗମ ଅଞ୍ଚଳର ମେଧାବୀ ଏସସି ଏବଂ ଏସଟି ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରିବା । ୨୦୨୩-୨୪ ଶିକ୍ଷାବର୍ଷରରେ କଳିଙ୍ଗନଗର ରୁ ୬୦୬ ଜଣ ଏବଂ ସୁକିନ୍ଦା ରୁ ୭୦୧ ଜଣ ମୋଟ ୧୩୦୭ ଜଣ ଏସସି ଏବଂ ଏସଟି ଛାତ୍ରଛାତ୍ରୀ ଜ୍ୟୋତି ଫେଲୋସିପ୍ ପାଇଥିଲେ ।ଯେଉଁଥିରେ ୭୦ ପ୍ରତିଶତରୁ ଅଧିକ ଛାତ୍ରୀ ଥିଲେ, ଯାହା ଗ୍ରାମୀଣ ଏବଂ ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କ ପାଇଁ ଶିକ୍ଷାକୁ ଉପଲବ୍ଧ କରିବାର କାର୍ଯ୍ୟ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ଦର୍ଶାଇଥାଏ। ପ୍ରତ୍ୟକ ବର୍ଷ ଏଥିରେ ଏସସି ଏବଂ ଏସଟି ପରିବାରର ହଜାର ହଜାର ଛାତ୍ରଛାତ୍ରୀ ଏହି ମେଧା ଭିତ୍ତିକ ବୃତ୍ତି ପାଇଁ ପ୍ରତିଦ୍ୱ–ିତା କରିବାର ସୁଯୋଗ ପାଇଛନ୍ତି । ଏଥିରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଶିକ୍ଷା ଓ କ୍ୟାରିୟର ଆକାଂକ୍ଷା ପୂରଣ ପାଇଁ ସଶକ୍ତ କରିବା କାର୍ଯ୍ୟ କରିଥାଏ। ଏହି ମେଧା ଭିତ୍ତିକ ବୃତ୍ତି ପରୀକ୍ଷାରେ ୫୯୮ ଜଣ ସ୍କୁଲ ଛାତ୍ରଛାତ୍ରୀ ଓ ୮୧ ଜଣ କଲେଜ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି।

# ସମୟ ସରିଗଲା ହେଲେ ମିଳିନାହିଁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପୋଷାକ




କୋକସରା ୧(ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ୟୁଜିଏମଇ ସ୍କୁଲ ତଥା ହାଇସ୍କୁଲ ରେ ପଢୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ଆଜି ଯାଏଁ ସ୍କୁଲ ପୋଷାକ ମିଳି ପାରିନାହିଁ। ଯାହା ଫଳରେ ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଛି। ଯେହେତୁ ଏଥି ପୂର୍ବରୁ ବିଦ୍ୟାଳୟ ଖୋଲିବାର କିଛିଦିନ ଅର୍ଥାତ ଅଗଷ୍ଟ ପନ୍ଦର ତାରିଖ ପୂର୍ବରୁ ବିଦ୍ୟାଳୟ ମାନଙ୍କରେ ସ୍କୁଲ ପୋଷାକ ସହ ଜୋତା ମୌଜା ସବୁ ଦିଆ ଯାଉଥିଲା। ହେଲେ ଚଳିତ ଶିକ୍ଷା ବର୍ଷରେ ସ୍କୁଲ ଖୋଲି ବିଦ୍ୟାଳୟ ମାନଙ୍କରେ ଅର୍ଧ ବାର୍ଷିକ ପରୀକ୍ଷା ସରି ଯାଇଛି କିନ୍ତୁ ଛାତ୍ର ଛାତ୍ରୀ ମାନଙ୍କୁ ସ୍କୁଲ ପୋଷାକ ବଣ୍ଟନ କରାଯାଇନାହିଁ। ସୂଚନାନୁସାରେ କୋକସରା ବ୍ଲକରେ ସମୁଦାୟ ୧୭୪ ଟି ସ୍କୁଲ ମଧ୍ୟରୁ ୨୨ ଟି ହାଇସ୍କୁଲ ରହିଥିବା ବେଳେ ବାକି ୧୫୨ ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ୟୁଜିଏମଇ ସ୍କୁଲ ରହିଛି ।ତେବେ ବ୍ଲକର କୌଣସି ସ୍କୁଲରେ ମଧ ଏଯାଏଁ ସ୍କୁଲ ପୋଷାକ ବଣ୍ଟନ ହୋଇନଥିବା ଅଭିଯୋଗ ହେଉଛି । ଛାତ୍ରଛାତ୍ରୀ ମାନେ ଫଟା ପୁରୁଣା ପ୍ୟାଣ୍ଟ ସାର୍ଟ ପିନ୍ଧି ସ୍କୁଲ ଯାଉଥିବା ବେଳେ ସ୍କୁଲ ପ୍ରଶାସନ ଏଦିଗରେ କୌଣସି ତତ୍ପରତା ଦେଖାଉ ନାହାନ୍ତି । ବ୍ଲକ ଶିକ୍ଷା ଅଧିକାରିଣୀ ରଶ୍ମିତା ନେତାମଙ୍କୁ ପଋରି ବୁଝିବାରୁ ଏ ବର୍ଷ ଇଲେକ୍ସନ ଥିବାରୁ ତଥା ଡ୍ରେସ କୋଡ଼ ପରିବର୍ତ୍ତନ ହୋଇଥିବାରୁ ପୋଷାକ ବାଣ୍ଟିବାରେ ବିଳମ୍ବ ହୋଇଛି ଏବଂ ବିଦ୍ୟାଳୟ ମାନଙ୍କରେ ସ୍କୁଲ ପୋଷାକ ସବୁ ଆସି ଯାଇଛି ଖୁବ ଶୀଘ୍ର ବଣ୍ଟନ କରାଯିବା ପାଇଁ ପ୍ରତିକ୍ରିୟା ରଖିଥିଲେ। ପୁଣି,ଚଳିତ ଶିକ୍ଷା ବର୍ଷରେ ବାଦାମୀ ରଙ୍ଗର ସ୍କୁଲ ପୋଷାକ ସବୁ ବଣ୍ଟନ କରାଯିବା କଥା କହିଥିଲେ। ହେଲେ ସ୍କୁଲ ମାନଙ୍କରେ ପୋଷାକ ଆସି ଅନେକ ଦିନ ହେଲା କିନ୍ତୁ ବଣ୍ଟା ଯାଉନାହିଁ। ତୁରନ୍ତ ପ୍ରଶାସନ ଛାତ୍ର ଛାତ୍ରୀଙ୍କୁ ସ୍କୁଲ ପୋଷାକ ସବୁ ବଣ୍ଟନ କରିବା ପାଇଁ ଦାବି ହୋଇଛି।

# ମାନପୁର ବ୍ରିଜ୍ ବିପଦସଙ୍କୁଳ: ଲୋକେ ହେଉଛନ୍ତି କଲବଲ

ଦାନଗଦି: (ମହାଭାରତ) କଳିଙ୍ଗନଗର ରେ ଦିନକୁ ଦିନ ଅଶାନ୍ତ ପରିବେଶ ସୃଷ୍ଟି ହେବାକୁ ଲାଗିଥିବାବେଳେ ମାନପୁର ବ୍ରିଜ ସାଜିଛି ଲୋକଙ୍କ ମରଣ ଯନ୍ତା , ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗିତୁଟି ରାସ୍ତା ମଝିରେ ପିଚୁ ଉଠି ରାସ୍ତା ମଝିରେ ବଡ଼ବଡ଼ ଖାଲରେ ପରିପୂର୍ଣ୍ଣ,ରାସ୍ତା ଜାମ ହେବାଫଳରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରାସ୍ତା ଅତିକ୍ରମ କରିବାକୁ ପଡୁଛି ଜନସାଧାରଣଙ୍କୁ। ପ୍ରତ୍ୟେକ ଦିନ ଏହି ପୋଲ ଦେଇ ହଜାର ହଜାର ସଂଖ୍ୟାର ଭାରିଜାନ





ସାଙ୍ଗକୁ ଅନେକ ଯାତ୍ରୀ ଯାତାୟାତ କରୁଥିବାବେଳେ, ମାନପୁର ବ୍ରିଜର ଜାମ ରେ ଫସି ଲୋକେ ହେଉଛନ୍ତି କଲବଲ,କାହିଁ କେତେ ଦୁର୍ଘଟଣା ହେବା ସହ ଦୁର୍ଘଟଣା ଘଟି ଅନେକ ଜୀବନ ମଧ୍ୟ ଗଲାଣି। ସଭିଙ୍କ ନଜର ଏହି ମାନପୁର ଓଭର ବ୍ରିଜ ଉପରେ , ରାସ୍ତା ଅତିକ୍ରମ କରିବା ସଭିଙ୍କୁ କଷ୍ଟକର ହୋଇପଡ଼ିଥିବାବେଳେ ,ରାସ୍ତା ଜାମ ହେବା ଫଳରେ ଆମ୍ବୁଲାନ୍ସ ରେ ରୋଗିଟିଏ ମେଡିକାଲ କୁ ଯିବା କଷ୍ଟକର ହୋଇପଡୁଛି । ଏହାର ମ ର । ମ ତ ହୋଇପାରୁନାହିଁ,ପ୍ରତ୍ୟେକଦିନ ହଜାର ହଜାର ସଂଖ୍ୟାର ଶ୍ରମିକ ମଧ୍ୟ ଏହି ପୋଲ ଦେଇ କାରଖାନାକୁ ବିପଦପୂର୍ଣ୍ଣ ଭାବେ ଯାତାୟାତ କରିବା ସହ ରାସ୍ତା ଜାମ ହୋଇ ସଭିଙ୍କୁ ଦୁର୍ଭାଗ୍ୟ ରେ ପକାଉଛି ,ପ୍ରଶାସନ ଏହାର ବ୍ୟାପକ ବ୍ୟବସ୍ଥା କରି ମରାମତି କରି କାର୍ଯ୍ୟ ସମ୍ପନ୍ତ କଲେ ଅନେକ ଦୁର୍ଘଟଣା ସହ ଜାମ ରୁ ବର୍ତ୍ତି ସୁରକ୍ଷିତରେ ଯାତାୟାତ କରିପାରନ୍ତେ ଜନସାଧାରଣ।

## ରୋଗ ଭଲ କରିଦେବା ବାହାନା ରେ ଡାକି ଯୁବତୀକୁ ବଳାତ୍କାର, ଅଭିଯୁକ୍ତ ଗିରଫ

କରଞ୍ଜିଆ,(ମହାଭାରତ) ରୋଗ ଭଲ କରିଦେବ କହି ଜଣେ ୧୯ ବର୍ଷୀୟା ଯୁବତୀ କୁ ବଳାତ୍କାର କରିବା ଅଭିଯୋଗ ରେ ପୋଲିସ ଜଣେ ୫୩ ବର୍ଷୀୟ ବ୍ୟକ୍ତି ଙ୍କୁ ଗିରଫ କରି ବୁଧବାର ଦିନ କୋର୍ଟ ଋଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ କେଶଡିହା ଗ୍ରାମର ବିଶେଶ୍ୱର ସଏ ବୋଲି ଜଣାପଡିଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅଞ୍ଚଳ ର ଜଣେ ଯୁବତୀ ର ଦେହ ଖରାପ ହେବାରୁ ଠାକୁରମୁଣ୍ଡା ବ୍ଲକ କେଶଡିହା ଗ୍ରାମ ର ବିଶେଶ୍ୱର ସଏ ତାକୁ ରୋଗ ଭଲ କରିଦେବାକୁ କହି କେଶଡିହା କୁ ଡାକି ପୂଜା ପାଠ କରି ଔଷଧ ଦେଇ ପଠେଇ ଦେଇଥିଲେ। ଯୁବତୀ ଜଣକ ଔଷଧ ଖାଇ ସୁସ୍ଥ ନ ହେବାରୁ ପୁଣି ତାକୁ ଔଷଧ ଦେଲେ ଭଲ ହୋଇଯିବ କହି ବିଶେଶ୍ୱର ତାଙ୍କୁ କେଶଡିହା ତାଙ୍କ ଘରକୁ ଡାକି ଥିଲେ ।ଗତ ଦୁଇ ତାରିଖ ଦିନ ଯୁବତୀ ଜଣକ କେଶଡିହା ରେ ପହଞ୍ଚିଲା ପରେ ଔଷଧ ଆଣିବା ପାଇଁ ଯୁବତୀ ଜଣକୁ ଜଙ୍ଗଲକୁ ଡାକି ନେଇ ଜଙ୍ଗଲ ଭିତରେ ତାଙ୍କୁ ବଳାତ୍କାର କରିଥିଲା । ପୀଡ଼ିତା ଜଣକ ମୁହୁଲଡିହା ଥାନା ରେ ଗତ ୫ ତାରିଖ ଦିନ ପହଞ୍ଚି ତାଙ୍କୁ ବଳାତ୍କାର ହୋଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ମହୁଲଡିହା ଥାନା ପୋଲିସ କେସ୍ ନଂ ୭୧/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କର୍ଟ ଋଲାଣ କରିଥିବା ମହୁଲଦଡିହା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଆଉ ନିର୍ବାଚନ ଲଢ଼ିବିନି

**ମୁମ୍ବାଇ,୬।୧୧(ଏଜେନ୍ସି):**ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ପାଖେଇ ଆସୁଛି । ଉଭୟ ମହାବିକାଶ ଅଘାଡି ଓ ମହାଯୁତି ମେଣ୍ଟ ରାଜ୍ୟବାସୀଙ୍କୁ ନିଜ ସପକ୍ଷରେ ଜିତିବା ପାଇଁ ଜୋରଦାର ପ୍ରଚାର ଚଳାଇଛନ୍ତି । ସେପଟେ ମହାରାଷ୍ଟ୍ର ରାଜନୀତିର ଅନ୍ୟତମ ପୁରୁଖା ନେତା କୁହାଯାଉଥିବା ଶରଦ ପାୱାର ଏକ ବୟାନ ଦେଇଛନ୍ତି ଯାହାକୁ ସକ୍ରିୟ ରାଜନୀତିରୁ ତାଙ୍କର ଅବସର ସଂକେତ ବୋଲି ବୁଝାଯାଉଛି । ଶରଦ ପାୱାର ତାଙ୍କ ଗଡ଼ ବାରାମତୀରେ କହିଛନ୍ତି, ମୁଁ କହିବାକୁ ଚାହୁଁଛି ଯେ ମୁଁ ଆଉ ସରକାରରେ ନାହିଁ । ରାଜ୍ୟସଭା କାର୍ଯ୍ୟକାଳ ଆଉ ଦେଢ଼ ବର୍ଷ ବାକି ଅଛି । ଏହାପରେ ରାଜ୍ୟସଭାକୁ ଯିବି କି ନାହିଁ ସେ ବିଷୟରେ ଚିନ୍ତା କରିବାକୁ ପଡ଼ିବ । ମୁଁ ଏବେ ଆଉ ନିର୍ବାଚନ ଲଢ଼ିବି ନାହିଁ । ମୁଁ ୧୪ଟି ନିର୍ବାଚନ ଲଢ଼ିଛି । ମୁଁ ଏବେ ବିଧାୟକ ହେବାକୁ ଚାହୁଁନାହିଁ କି ସାଂସଦ ହେବାକୁ ଚାହୁଁନାହିଁ । ମୋତେ ଲୋକଙ୍କ ପ୍ରଶ୍ନର ସମାଧାନ କରିବାକୁ ପଡ଼ିବ । ଏହି ଅବସରରେ ସେ



ତାଙ୍କ ପୁତୁରା ଯୁଗେନ୍ଦ୍ର ପାୱାରଙ୍କ କଥା ଉଲ୍ଲେଖ କରି କହିଛନ୍ତି ଯେ ଯୁଗେନ୍ଦ୍ର ନିର୍ବାଚିତ ହେଲେ ସେଠାକାର ଲୋକଙ୍କ ସମସ୍ୟାର ନିଶ୍ଚିତ ସମାଧାନ କରିବେ । ଯୁଗେନ୍ଦ୍ର ବାରାମତୀରୁ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନସିପି (ଏସପି) ପ୍ରାର୍ଥୀ, ଯେଉଁଠାରେ ସେ ତାଙ୍କ ବଡ଼ବାପା ତଥା ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଶରଦ ପାୱାର ନିଜେ ବାରାମତିରୁ ଯୁଗେନ୍ଦ୍ରଙ୍କ ପାଇଁ ପ୍ରଚାର କରୁଛନ୍ତି । ନଭେମ୍ବର ୨୦ତାରିଖରେ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ମତଦାନ ହେବ ଓ ନଭେମ୍ବର ୨୩ରେ ଫଳାଫଳ ପ୍ରକାଶ ପାଇବ ।

## ସଲମାନଙ୍କୁ ପୁଣି ହତ୍ୟା ଧମକ

**ମୁମ୍ବାଇ,୬।୧୧(ଏଜେନ୍ସି):**ବଲିଉଡ ଅଭିନେତା ସଲମାନ ଖାନ୍‌ଙ୍କୁ ପୁଣି ଧମକ । କୁହାଯାଉଛି ଯେ, ଏଥର ଗ୍ୟାଙ୍ଗଷ୍ଟ ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ପକ୍ଷରୁ ଧମକ ଦିଆଯାଇଛି । ତେବେ ପୋଲିସ ଏହାକୁ ନେଇ କେଣସି ସ୍ପଷ୍ଟ ସୂଚନା ଦେଇନାହିଁ । ଗତ ସପ୍ତାହରେ ମଧ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ନେତା ଜିଶାନ ସିଦ୍ଧିକି ଓ ସଲମାନଙ୍କୁ ଧମକ ମିଳିଥିଲା, ଯେଉଁଥିରେ ଅଭିନେତାଙ୍କଠାରୁ ୨ କୋଟି ଟଙ୍କା ଦାବି କରାଯାଇଥିଲା ।

ରିପୋର୍ଟ ଅନୁସାରେ, ମୁମ୍ବାଇ ଟ୍ରାଫିକ୍ କନଟ୍ରୋଲ ରୁମକୁ ଧମକପୂର୍ଣ୍ଣ ମେସେଜ୍ ଆସିଥିଲା । ଏଥିରେ କୁହାଯାଇଥିଲା ଏହା ଲରେନ୍ସର ଭାଇ ପକ୍ଷରୁ ପଠାଯାଇଥିବା ମେସେଜ୍ ଜରିଆରେ ୫ କୋଟି ଟଙ୍କା ମଗା ଯାଇଛି । ଲରେନ୍ସ ବର୍ତ୍ତମାନ ଗୁଜରାଟର ସାବରମତି ଜେଲରେ ଅଛି । ସେଭଳି ଏନ୍‌ଆଇଏ ତା'ର ଭାଇ ଅନମୋଲ ବିରୋଧରେ ପୁରସ୍କାର ଘୋଷଣା କରିଛି । ଖବର ଅନୁସାରେ, ଟ୍ରାଫିକକୁ ମିଳିଥିବା ଧମକପୂର୍ଣ୍ଣ ମେସେଜ୍ ସଲମାନଙ୍କଠାରୁ ଟଙ୍କା ମଗାଯିବା ସହ ମନ୍ଦିର ଯାଇ କ୍ଷମା ମାଗିବା ପାଇଁ କୁହାଯାଇଛି ।

## ଡଲାର ତୁଳନାରେ ଦୁର୍ବଳ ହେଲା ଟଙ୍କା

**ନୂଆଦିଲ୍ଲୀ,୬।୧୧(ଏଜେନ୍ସି):** ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଆହୁରି ଦୁର୍ବଳ ହୋଇପଡ଼ି ରେକର୍ଡ ନିମ୍ନ ସ୍ତରକୁ ଖସିଯାଇଛି । ଡଲାର ଦାମ ୮୪ ଟଙ୍କା ୦୯ ପଇସା ହୋଇଯାଇଛି, ଯାହା ହେଉଛି ଏକ ସର୍ବକାଳୀନ ରେକର୍ଡ । ଏହା ପୂର୍ବରୁ ଡଲାର କେବେବି ଭାରତରେ ଏତେ ମହଙ୍ଗା ହୋଇନଥିଲା । ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ବିପୁଳ ପରିମାଣର ପାଣ୍ଠି ପ୍ରତ୍ୟାହାର କରୁଥିବାରୁ ଟଙ୍କା ମୂଲ୍ୟ ଉପରେ ଚାପ ସୃଷ୍ଟି ହୋଇଛି । ଯେହେତୁ ବିଶ୍ୱର ସିଂହଭାଗ କାରବାର ଲାଗି ନେଣଦେଣ ଡଲାର ଜରିଆରେ ହେଉଛି ତେଣୁ ତାହା ମହଙ୍ଗା ହେବା ଭାରତୀୟ ଅର୍ଥନୀତି ଲାଗି ଆଦୌ ଶୁଭଙ୍କର ନୁହେଁ । କାରଣ ଭାରତ ତେଲଠାରୁ ଆରମ୍ଭ କରି ଖାଦ୍ୟଶସ୍ୟ, ଯନ୍ତ୍ରାଂଶ ପର୍ଯ୍ୟନ୍ତ ବିଭିନ୍ନ ଜିନିଷ ଆମଦାନୀ କରୁଛି । ସେଥିପାଇଁ ପୂର୍ବାପେକ୍ଷା ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ । ଯଦି ଚା ଦାମରେ ସେହି ଜିନିଷଗୁଡ଼ିକ ଦେଶ ଭିତରୁ ଆସିବ ତେବେ ଆହୁରି ଅଧିକ ଦାମ୍ରେ ବିକ୍ରି ହେବ । ତାହା ଦେଶର ଦରଦାମ୍ ସ୍ଥିତିକୁ ବେଲଗାମ କରି ଅଭିବୃଦ୍ଧିକୁ ମନ୍ଥର କରିବାର ଆଶଙ୍କା ରହିଛି । ସେହିପରି, ବିଦେଶରେ ପିଲାମାନଙ୍କୁ ପାଠପଢାଉଥିବା କିମ୍ବା ଭ୍ରମଣ ତଥା କାରବାର ଉଦ୍ଦେଶ୍ୟରେ ବିଦେଶ ଯାଉଥିବା ଲୋକମାନଙ୍କୁ ମଧ୍ୟ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ବିଶେଷଜ୍ଞମାନେ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଫଳାଫଳକୁ ନେଇ ଅନିଶ୍ଚିତତା ରହିଥିବାରୁ ନିବେଶକମାନେ ସତର୍କ ହୋଇପଡ଼ିଛନ୍ତି । ସେମାନେ ଦୁର୍ବଳ ବଜାରରୁ ପାଣ୍ଠି ପ୍ରତ୍ୟାହାର କରୁଛନ୍ତି । ସେହି ଧାରାରେ ସେମାନେ ଭାରତୀୟ ବଜାରରୁ ପାଣ୍ଠି ଉଠାଇ ନେଉଛନ୍ତି । ଯେଉଁଥିପାଇଁ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ସୃଷ୍ଟି ହୋଇଛି । ଏକଦା ୭୦,୦୦୦ କୋଟି ଡଲାରରୁ ଉପରେ ଥିବା ବୈଦେଶିକ ମୁଦ୍ରା ଭଣ୍ଡାରରେ ଦ୍ରୁତ ହ୍ରାସ ହେଉଛି । ଟଙ୍କାକୁ ସବଳ ରଖିବା ଲାଗି ରିଜର୍ଭ ବ୍ୟାଙ୍କ ଭଣ୍ଡାରରୁ ଡଲାର ବିକ୍ରି କରିବା ସହ ସ୍ଥିତି ଉପରେ ନିୟନ୍ତ୍ରଣ ହାସଲ କରିବାକୁ ଉଦ୍ୟମ କରୁଛନ୍ତି ।

# ଅସଦୁଦ୍ଦିନଙ୍କ ବିବାଦୀୟ ବୟାନ

**ନୂଆଦିଲ୍ଲୀ,୬।୧୧(ଏଜେନ୍ସି):** ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓ୍ୱାଇସି ଶନିବାର ଦିନ ଏକ ବିବାଦୀୟ ବୟାନ ଦେଇଛନ୍ତି । ସେ କହିଛନ୍ତି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଚେୟାରମ୍ୟାନ୍ ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟିଲିଆ ୱାକଫ ବୋର୍ଡ ଜମିରେ ନିର୍ମିତ । ଏକ ସାକ୍ଷାତକାରରେ, ଅସଦୁଦ୍ଦିନ ୱାକଫ ସଂଶୋଧନ ଅଧିନିୟମ, ୨୦୨୪ ଉପରେ ନିଜର ମତ ସେୟାର କରିଥିଲେ । ଯାହାର ଲକ୍ଷ୍ୟ ୧୯୯୫ ର ୱାକଫ ଅଧିନିୟମର ନାମ ପରିବର୍ତ୍ତନ କରି ଇଣ୍ଟିଗ୍ରେଟେଡ୍ ୱାକଫ୍ ମ୍ୟାନେଜମେଣ୍ଟ, ସଶକ୍ତିକରଣ, ଦକ୍ଷତା ଏବଂ ବିକାଶ ଅଧିନିୟମ କରିବା । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ ସୁଧାରିବା ନାମରେ ସେମାନେ ୱାକଫ ବୋର୍ଡକୁ ଶେଷ କରିପାରିବେ ନାହିଁ । ସେ କହିଛନ୍ତି, ନରେନ୍ଦ୍ର ମୋଦୀ, ଆପଣ ସଂଶୋଧନ ନାମରେ ୱାକଫ ବୋର୍ଡକୁ ଶେଷ କରିପାରିବେ ନାହିଁ! ସୁଧାର ବିଧେୟକରେ ଏକ ବ୍ୟବସ୍ଥା ଅଛି, ଯାହା ଅନୁଯାୟୀ ଆପଣ ଜିଲ୍ଲା କଲେକ୍ଟରଙ୍କ ନିକଟରେ ସେହି ସମ୍ପତ୍ତି ବିରୋଧରେ ଅଭିଯୋଗ ଦାଖଲ କରିପାରିବେ ଯାହାକୁ ଆପଣ ବେଆଇନ ୱାକଫ ସମ୍ପତ୍ତି ଭାବୁଛନ୍ତି । ୱାକଫ ସମ୍ପତ୍ତି ନାମରେ ମୁସଲମାନ ସମ୍ପ୍ରଦାୟ ଦ୍ୱାରା ଭୂମି ଉପରେ ବେଆଇନ ଦଖଲ ଅଭିଯୋଗର ଜବାବରେ ଅସଦୁଦ୍ଦିନ କହିଛନ୍ତି ଯେ ଏହା ବିଜେପି ଏବଂ ଆରଏସଏସ ଦ୍ୱାରା ପରିଚାଳିତ ଏକ ପ୍ରଚାର । ସେ କହିଛନ୍ତି, ସେପରି କିଛି ନାହିଁ। ମୁଁ ଆପଣଙ୍କୁ କହୁଛି । ଯଦି ମୁଁ ସଂସଦରେ ନମାଜ ପାଠ କରିବି, ତେବେ ସେହି କୋଠା ମୋର ହେବ କି? ନା, ଯଦି ମୁଁ ଏକ ନିର୍ଦ୍ଦିଷ୍ଟ ଜମିର ମାଲିକ, ତେବେ ସେତେବେଳେ ମୁଁ ଆଲ୍ଲାହାଙ୍କ ନାମ ଏହାକୁ ଦାନ କରିବାକୁ ସମର୍ଥ ହେବି । ଏହା କେବଳ ବିଜେପି ଏବଂ ଆରଏସଏସର ପ୍ରଚାର । ଏଥି ସହିତ ସେ କହିଛନ୍ତି, ମୁମ୍ବାଇରେ ଅମ୍ବାନୀଙ୍କ ବାସସ୍ଥାନ ୱାକଫ ଜମିରେ ନିର୍ମିତ ।

# କାନାଡାକୁ ଭାରତର କଡ଼ା ଜବାବ

**ନୂଆଦିଲ୍ଲୀ,୬।୧୧(ଏଜେନ୍ସି):**ଭାରତ ଦ୍ୱାରା ମୋଷ୍ଟ ୱାଣ୍ଟେଡ ଘୋଷିତ ହୋଇଥିବା ବହୁ ଆତଙ୍କବାଦୀଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ଭାବରେ ଉଭା ହୋଇଥିବା କାନାଡାରେ ହିନ୍ଦୁ ମନ୍ଦିରକୁ ଟାର୍ଗେଟ କରାଯାଇଛି । ଶ୍ରଦ୍ଧାଳୁଙ୍କ ଉପରେ ଆକ୍ରମଣ କରାଯାଉଛି । ଭାରତୀୟ କୂଟନୀତିଜ୍ଞଙ୍କ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରାଯାଇଛି । ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ସରକାର ଭାରତୀୟ କୂଟନୀତିଜ୍ଞଙ୍କ ଉପରେ ନଜର ରଖିଛନ୍ତି । ସେମାନଙ୍କ ଉପରେ ଗୁପ୍ତଚରୀ କରୁଛନ୍ତି । କାନାଡାର ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜରଙ୍କ ହତ୍ୟା ପରେ ଟ୍ରୁଡୋ ଭାରତ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ସେବେଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହେବାରେ ଲାଗିଛି । ବର୍ତ୍ତମାନ ଟ୍ରୁଡୋ ସରକାରଙ୍କ ସମର୍ଥିତ ଗୁଣ୍ଡା ଏବଂ ହିଂସାକାରୀଙ୍କ ଦ୍ୱାରା ହିନ୍ଦୁ ମନ୍ଦିର ଉପରେ ଆକ୍ରମଣର ଲକ୍ଷ୍ମଣ ରେଖା ଅତିକ୍ରମ କରିଛି । ସେଥିପାଇଁ ଟ୍ରୁଡୋଙ୍କ ଭିତ୍ତିହୀନ ଅଭିଯୋଗ ପରେ ମଧ ନିଜକୁ ନିୟନ୍ତ୍ରଣ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥର କାନାଡା ସରକାରଙ୍କୁ 'ନ୍ୟାୟ ସୁନିଶ୍ଚିତ କରିବା' ଏବଂ ଆଇନର ନିୟମ ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଛନ୍ତି ।





ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମନ୍ଦିର ଉପରେ ହୋଇଥିବା ଆକ୍ରମଣକୁ ଅତ୍ୟନ୍ତ ଚିନ୍ତାଜନକ ବୋଲି ମଧ କହିଛନ୍ତି । ବୈଦେଶିକ ମନ୍ତ୍ରୀ ଏହା ମଧ କହିଛନ୍ତି ଯେ କେଣସି ପ୍ରମାଣ ବିନା କାନାଡା ଅଭିଯୋଗ କରିବାର ଏକ ଢାଞ୍ଚା ପ୍ରସ୍ତୁତ କରିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିବୃତ୍ତିରୁ ଜଣାପଡିଛି ଯେ ଭାରତର ଧୈର୍ଯ୍ୟ ଏବେ ଭାଙ୍ଗି ଯାଇଛି ଏବଂ କାନାଡାକୁ ବର୍ତ୍ତମାନ ନିଜ ଭାଷାରେ ଉତ୍ତର ଦିଆଯିବ ବୋଲି ସ୍ପଷ୍ଟ ହୋଇଛି । ମନ୍ଦିର ଉପରେ ହୋଇଥିବା ଆକ୍ରମଣକୁ ଜୟଶଙ୍କର ଉଦବେଗଜନକ ବୋଲି କହିଛନ୍ତି । ଅଷ୍ଟ୍ରେଲିଆର ରାଜଧାନୀ କାନବେରାଠାରେ ସେ ଏହା କହିଛନ୍ତି । ଏହାପୂର୍ବରୁ ସୋମବାର ଦିନ ଜଷ୍ଟିନ୍ ଟ୍ରୁଡୋ ସରକାରଙ୍କୁ କାନାଡାର ହିନ୍ଦୁ ମନ୍ଦିର ଉପରେ ହୋଇଥିବା ଆକ୍ରମଣ ତଥା ଭାରତୀୟ କୂଟନୀତିଜ୍ଞଙ୍କୁ ଭୟଭୀତ କରିବାର ପ୍ରୟାସ ଉପରେ ପ୍ରଧାନମନ୍ତ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି । ସେ ଏକ୍ସରେ ଲେଖିଛନ୍ତି, 'ମୁଁ କାନାଡାର ଏକ ହିନ୍ଦୁ ମନ୍ଦିର ଉପରେ ହୋଇଥିବା ସୁଚିନ୍ତିତ ଆକ୍ରମଣକୁ ଦୃ ନିନ୍ଦା କରୁଛି । ଆମର କୂଟନୀତିଜ୍ଞମାନଙ୍କୁ ଭୟଭୀତ କରିବାର ପ୍ରୟାସ ମଧ ସମାନ ଭାବରେ ନିନ୍ଦନୀୟ । ଏଭଳି ହିଂସା କାର୍ଯ୍ୟ ଭାରତର ସଂକଳ୍ପକୁ ଦୁର୍ବଳ କରିପାରିବ ନାହିଁ । ଆମେ ଆଶା କରୁଛୁ କାନାଡା ସରକାର ନ୍ୟାୟ ସୁନିଶ୍ଚିତ କରିବେ ଏବଂ ଆଇନର ନିୟମ ବଜାୟ ରଖିବେ ।

# ଏସୀୟ ବୌଦ୍ଧ ଶିଖର ସମ୍ମିଳନୀରେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୬।୧୧(ପିଆଇବି): ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି (୫ ନଭେମ୍ବର ୨୦୨୪) ନୂଆଦିଲ୍ଲୀରେ ଅନ୍ତର୍ଜାତୀୟ ବୌଦ୍ଧ ମହାସଂଘ (ଆଇବିସି) ସହଯୋଗରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହୋଇଥିବା ପ୍ରଥମ ଏସୀୟ ବୌଦ୍ଧ ଶିଖର ସମ୍ମିଳନୀରେ ଯୋଗ ଦେଇଥିଲେ ।

ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ ଭାରତ ହେଉଛି ଧର୍ମର ଭୂମି । ପ୍ରତ୍ୟେକ ଯୁଗରେ, ଭାରତରେ ମହାନ ଗୁରୁ ଏବଂ ରହସ୍ୟବାଦୀ, ଦର୍ଶକ ଏବଂ ସାଧକ ରହିଆସିଛନ୍ତି, ଯେଉଁମାନେ ମାନବିକତା ଭିତରେ ଶାନ୍ତି ଏବଂ ବାହାରେ ସଦ୍ଭାବ ଖୋଜିବାର ମାର୍ଗ ଦେଖାଇଛନ୍ତି। ଏହି ପଥପ୍ରଦର୍ଶକମାନଙ୍କ ମଧ୍ୟରେ ବୁଦ୍ଧଙ୍କ ସ୍ଥାନ ଅଦ୍ୱିତୀୟ । ବୋଦ୍ଧଗୟା ସ୍ଥିତ ବୋଧି ଗଛ ତଳେ ସିଦ୍ଧାର୍ଥ ଗୌତମଙ୍କ ଜ୍ଞାନ ପ୍ରାପ୍ତି ଇତିହାସରେ ଅଦ୍ୱିତୀୟ ଘଟଣା । ସେ କେବଳ ମଣିଷ ମନର କାର୍ଯ୍ୟ ବିଷୟରେ ତୁଳନାତ୍ମକ ଭାବରେ ସମୃଦ୍ଧ ଜ୍ଞାନ ହାସଲ କରିନଥିଲେ, ବରଂ ଜନତାଙ୍କ କଲ୍ୟାଣ ପାଇଁ ସେ "ବହୁଜନ ସୁଖାୟ ବହୁଜନ ହିତାୟ ଚ" ଚିନ୍ତାଧାରା ସହିତ ସମସ୍ତ ଲୋକଙ୍କୁ ସାମିଲ କରିବାକୁ ମଧ ନିଷ୍ପତ୍ତି ନେଇଥିଲେ ।

ରାଷ୍ଟ୍ରପତି କହିଛନ୍ତି ଯେ, ଶତାବ୍ଦୀ ଧରି ଭିନ୍ନ ଭିନ୍ନ ଅଭ୍ୟାସକାରୀମାନେ ବୁଦ୍ଧଙ୍କ ବକ୍ତବ୍ୟର ଭିନ୍ନ ଅର୍ଥ ବାହାର କରୁଥିଲେ ଏବଂ ଏହପରି ଭାବରେ ବିଭିନ୍ନ ସମ୍ପ୍ରଦାୟର ସୃଷ୍ଟି ହୋଇଥିଲା । ବ୍ୟାପକ ବର୍ଗୀକରଣରେ ଆଜି ଆମର ଥେରବାଦ, ମହାଯାନ ଏବଂ ବଜ୍ରଯାନ ପରମ୍ପରା ଅଛି, ସେମାନଙ୍କ ମଧ୍ୟରେ ଅନେକ ବିଦ୍ୟାଳୟ ଏବଂ ସମ୍ପ୍ରଦାୟ ରହିଛି । ଏହାଛଡା, ବୁଦ୍ଧ ଧର୍ମର ଏପରି ବିକାଶ ଇତିହାସର ବିଭିନ୍ନ ସମୟ ମଧ୍ୟରେ ଅନେକ ଦିଗରେ ହୋଇଥିଲା । ବିସ୍ତାରିତ ଭୌଗଳିକ କ୍ଷେତ୍ରରେ ଧମ୍ମର ଏହି ବିସ୍ତାର ଏକ ସମ୍ପ୍ରଦାୟ, ଏକ ବଡ ସଂଘର ନିର୍ମାଣ କଲା । ଏକ ଅର୍ଥରେ, ଭାରତ ଯାହା ବୁଦ୍ଧଙ୍କ ଜ୍ଞାନ ଭୂମି ଅଟେ ଏହାର କେନ୍ଦ୍ରରେ ରହିଛି । କିନ୍ତୁ ଭଗବାନଙ୍କ ବିଷୟରେ ଯାହା କୁହାଯାଇଛି, ତାହା ଏହି ବୃହତ ବୌଦ୍ଧ ସଂଗଠନ ବିଷୟରେ ମଧ ସତ୍ୟ : ଏହାର କେନ୍ଦ୍ର ସବୁ ସ୍ଥାନରେ ରହିଛି ଏବଂ ପରିଧି କୌଣସି ସ୍ଥାନରେ ନାହିଁ ।

ରାଷ୍ଟ୍ରପତି କହିଛନ୍ତି ଯେ ଆଜି ଯେତେବେଳେ ବିଶ୍ୱ ଅନେକ କ୍ଷେତ୍ରରେ ଅସ୍ତିତ୍ୱ ସଂକଟର ସମ୍ମୁଖୀନ ହେଉଛି, ଏହା ସମ୍ମୁଖରେ କେବଳ ବିବାଦ ନୁହେଁ, ବରଂ ଜଳବାୟୁ ସଂକଟ ମଧ ଦେଖାଦେଇଛି, ସେତେବେଳେ ଏକ ବୃହତ ବୌଦ୍ଧ ସମ୍ପ୍ରଦାୟକୁ ମାନବ ଜାତିକୁ କିଛି ଦେବାକୁ ପଡିବ । ବୌଦ୍ଧ ଧର୍ମର ବିଭିନ୍ନ ବିଦ୍ୟାଳୟ ସମଗ୍ର ବିଶ୍ୱକୁ ଦର୍ଶାଏ ଯେ କିପରି ସଂକୀର୍ଣ୍ଣ ସାମ୍ପ୍ରଦାୟିକତାକୁ ପ୍ରତିହତ କରାଯିବ । ସେମାନଙ୍କର ମୁଖ୍ୟ ବାର୍ତ୍ତା ଶାନ୍ତି ଏବ ଅହିଂସା ଉପରେ କେନ୍ଦ୍ରୀତ । ଯଦି କୌଣସି ଗୋଟିଏ ଶବ୍ଦ ବୁଦ୍ଧ ଧମ୍ମକୁ ବ୍ୟକ୍ତ କରିପାରିବ, ତେବେ ତାହା ହେଉଛି, କରୁଣା କିମ୍ବା ଦୟା, ଯାହାର ଆବଶ୍ୟକତା ଆଜି ବିଶ୍ୱକୁ ସର୍ବାଧିକ ରହିଛି । ରାଷ୍ଟ୍ରପତି କହିଛନ୍ତି ଯେ ବୁଦ୍ଧଙ୍କ ଶିକ୍ଷାର ସଂରକ୍ଷଣ ଆମ ସମସ୍ତଙ୍କ ପାଇଁ ଏକ ବଡ ସାମୂହିକ ପ୍ରୟାସ ଅଟେ । ସେ ଖୁସିରେ କହିଛନ୍ତି ଯେ ଭାରତ ସରକାର ଅନ୍ୟ ଭାଷା ମଧ୍ୟରେ ପାଲି ଏବଂ ପ୍ରାକୃତକୁ 'ଶାସ୍ତ୍ରୀୟ ଭାଷା' ର ମାନ୍ୟତା ଦେଇଛନ୍ତି । ସେ କହିଛନ୍ତି ଯେ ପାଲି ଏବଂ ପ୍ରାକୃତ ଭାଷାକୁ ଏବେ ଆର୍ଥିକ ସହାୟତା ଦିଆଯିବ, ଯାହା ସେମାନଙ୍କର ସାହିତ୍ୟିକ ଭଣ୍ଡାରର ସଂରକ୍ଷଣ ତଥା ପୁନରୁତ୍ଥାନରେ ଯଥେଷ୍ଟ ସହାୟକ ହେବ ।

ରାଷ୍ଟ୍ରପତି କହିଛନ୍ତି ଯେ ଆମକୁ ଏସିଆକୁ ମଜବୁତ କରିବା ପାଇଁ ବୁଦ୍ଧ ଧର୍ମର ଭୂମିକା ଉପରେ ଆଲୋଚନା କରିବାର ଆବଶ୍ୟକତା ରହିଛି ।

## ହିରୋ ମୋଟୋକର୍ପ ରେକର୍ଡ ଉତ୍ସବ

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ହିରୋ ମୋଟୋକର୍ପ, ପୃଥିବୀର ସର୍ବବୃହତ୍ ମୋଟରସାଇକେଲ ଏବଂ ସ୍କୁଟର ନିର୍ମାଣକାରୀ ପ୍ରତିଷ୍ଠାନ ଭାବରେ ନବରାତ୍ରୀରୁ ଆରମ୍ଭ ହୋଇଥିବା ସଦ୍ୟତମ ଅଦ୍ୟାବଧି ରହିଥିବା ସର୍ବୋଚ୍ଚ ଖୁଚୁରା ବିକ୍ରୟର ସଫଳତା ଲାଭ କରିଛି। ୧୫.୯୮ ଲକ୍ଷ (୧.୬ ମିଲିୟନ)ରୁ ଅଧିକ ୟୁନିଟ୍ ବିକ୍ରୟ ସହିତ ଏହି ପ୍ରତିଷ୍ଠାନ ୨୦୨୩ ଉତ୍ସବ ଋତୁକାଳୀନ ବିକ୍ରୟ ତୁଳନାରେ ୧୩ ପ୍ରତିଶତ ବୃଦ୍ଧିର ଏକ ଦୃଷ୍ଟି ଆକର୍ଷଣକାରୀ ପଞ୍ଜିକୃତର ରେକର୍ଡ଼ କରିଛି। ହିରୋ ମୋଟୋକର୍ପ ଉତ୍ପାଦନର ଏହିବିଶାଳ ଚାହିଦା ଉଭୟ ସହରାଂଚଳ ଏବଂ ଗ୍ରାମାଂଚଳରେ ପରିଲକ୍ଷିତ ହୋଇଛି। ୧୨୫ସିସି ମୋଟୋର ସାଇକେଲ ବିଭାଗରେ, ୧୨୫ଆର ଏକ୍ସଟ୍ରିମ ସହିତ ଏହା ଏକ ପ୍ରମୁଖ ବୃଦ୍ଧିର ବାହକ ହୋଇପାରିଛି, ଯେତେବେଳେକି ୧୦୦ସିସି ବିଭାଗ ମଧ୍ୟ କମ୍ପାନୀର ବିକ୍ରୟ କାର୍ଯ୍ୟକଳାପକୁ ଅତି ଦୃଢ଼ସକାରାତ୍ମକ ଭାବରେ ଉପସ୍ଥାପିତ କରିପାରିଛି। ଏହି ସମୟ ମଧ୍ୟରେ ଭିଡ଼ା, ଯାହାକି ହିରୋ ମୋଟୋକର୍ପର ଏକ ଇଲେକ୍ଟ୍ରିକ୍ ଯାନ ବ୍ରାଣ୍ଡ ଅଟେ, ୧୧୬୦୦ ୟୁନିଟ୍ ଖୁଚୁରା ବିକ୍ରୟର ସଫଳତା ଆଣିବା ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପିତ କରିଛି। ଭିଡ଼ା ଯାନର ନେଟୱାର୍କ ବର୍ତମାନ ପ୍ରସାରିତ ହେବା ସହିତ ହିରୋ ପ୍ରିମିଆ ତଥା ହିରୋ ୨.୦ ସମସ୍ତ ଆଉଟଲେଟକୁ ଶକ୍ତିଶାଳୀ କରୁଛି ତଥା ପ୍ରମୁଖ ୩୦ଟି ସହରକୁ ସଂଯୋଗ କରିଥାଏ।

## ଜିନ୍ଦଲ ଫିଲ୍ମସ୍ ୟୁରୋପ ପକ୍ଷରୁ ବାର୍ଷିକ ୫-୧୦ ନୂଆ ଅଭିନବ ଫିଲ୍ମସ୍‌ର ଉନ୍ମୋଚନ କରାଯିବ

**ଭୁବନେଶ୍ୱର,୬।୧୧ (ମହାଭାରତ):**ପ୍ୟାକେଜିଂ ଶିଳ୍ପର ଅଗ୍ରଣୀ ସଂସ୍ଥା ଜିନ୍ଦଲ ଫିଲ୍ମସ୍ ୟୁରୋପ ପକ୍ଷରୁ ବାର୍ଷିକ ୫-୧୦ ନୂଆ ଅଭିନବ ଫିଲ୍ମସ୍ ଉନ୍ମୋଚନ କରିବା ଲାଗି ପ୍ରତିବଦ୍ଧତା ପ୍ରକାଶ କରାଯାଇଛି। ପରିବର୍ତିତ ଗ୍ରାହକ ଦୃଶ୍ୟପଟ୍ଟରେ ଶିଳ୍ପ ଓ ଚୂଡ଼ାନ୍ତ ବ୍ୟବହାରକାରୀମାନଙ୍କ ଲାଗି ସ୍ଥାୟିତ୍ୱ ଆଗକୁ ବଢ଼ାଇବାରେ କମ୍ପାନିର ପ୍ରତିବଦ୍ଧତାକୁ ଏହି ଉନ୍ମୋଚନ ଦର୍ଶାଉଛି। କମ୍ପାନି ଉତ୍ପାଦ ନବସୃଜନଠାରୁ ଆରମ୍ଭ କରି ରିସାଇକ୍ଲିଂ ଅଭିଯାନରେ ଭାଗ ନେବା ଏବଂ ରିସାଇକଲ୍ ଓ ଅକ୍ଷୟ ଉପକରଣ ବ୍ୟବାର କରିବା ଲାଗି ଉଦ୍ୟମ କରୁଛି। ଗ୍ରାହକମାନଙ୍କ ମଧ୍ୟର ସ୍ଥାୟିତ୍ୱକୁ ପ୍ରାଥମିକତା ପ୍ରଦାନ କରାଯାଉଥିବାରୁ ପରିବେଶ ଅନୁକୂଳ ପ୍ୟାକେଜିଂ ସମାଧାନ ବିକାଶ କରିବାରେ କମ୍ପାନି ନିଜକୁ ଆଗରେ ଉପସ୍ଥାପନ କରିଛି। କମ୍ପାନି ସ୍ଥାୟୀ, ରିସାଇକଲ୍ ଫିଲ୍ମ ସୃଷ୍ଟି କରିବା ଲାଗି ଗବେଷଣା ଓ ବିକାଶ ତଥା ମାନୁଫାକ୍‌ଚରିଂ ଦକ୍ଷତାରେ ବ୍ୟାପକ ନିବେଶ କରିଛି। ଏ ସମ୍ପର୍କରେ ଜିନ୍ଦଲ ଫିଲ୍ମସ ୟୁରୋପ (ଜେଏଫ୍‌ଇ)ର ସିଇଓ ମାଫ୍ରେଡ୍ କୌଫମ୍ୟାନ୍ କହିଛନ୍ତି ଯେ, "ଜେଏଫ୍‌ଇରେ ଆମେ ସ୍ଥାୟିତ୍ୱ ଆହ୍ୱାନ ପ୍ରତି ପ୍ରତିକ୍ରିୟାଶୀଳ ଥିବା ବେଳେ ପ୍ୟାକେଜିଂ ଭବିଷ୍ୟତକୁ ପ୍ରତ୍ୟକ୍ଷ ଭାବେ ଆକାର ପ୍ରଦାନ କରୁଛୁ। ଗ୍ରାହକମାନଙ୍କ ସହିତ ଆମର ନିବିଡ଼ ସହଯୋଗିତା ଆମକୁ ଏଭଳି ଫିଲ୍ମ ବିକାଶ କରିବାରେ ସହାୟକ ହେଉଛି ଯାହା ସେମାନଙ୍କ ମହତ୍ୱକାଂକ୍ଷୀ ସ୍ଥାୟିତ୍ୱ ଲକ୍ଷ୍ୟ ପୂରଣ କରୁଛି।"

## ରୋଷେଇ ଘରେ ସୁବିଧା ପାଇଁ କ୍ରମ୍ପଟନର ନାଇଜେଲା ପ୍ରୋ ମିକ୍ସର ଗ୍ରାଇଣ୍ଡର

**ଭୁବନେଶ୍ୱର,୬।୧୧ (ମହାଭାରତ):** ବୈଷୟିକ ପ୍ରଗତି ଏବଂ ଉପଭୋକ୍ତା ସନ୍ତୋଷତା ପାଇଁ ଚିରକାଳୀନ ପ୍ରତିବଦ୍ଧତା ପାଇଁ ପ୍ରସିଦ୍ଧ କ୍ରମ୍ପଟନ ଗ୍ରୀଭସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ ନାଇଜେଲା ପ୍ରୋ ୫୦୦ ଡବ୍ଲୁ ମିକ୍ସର ଗ୍ରାଇଣ୍ଡର – ଏହାର ସମ୍ପୂର୍ଣ୍ଣ ନୂତନ ରୋଷେଇ ଉପକରଣ ପରିସର ଉନ୍ମୋଚନ କରିଛି । ଆଧୁନିକ ସୌନ୍ଦର୍ଯ୍ୟତା ସହିତ କାର୍ଯ୍ୟକାରିତାକୁ ନିରବଚ୍ଛିନ୍ନ ମିଶ୍ରଣ କରି ସୁଖଦ ରନ୍ଧନ ଅଭିଜ୍ଞତା ପ୍ରଦାନ ପାଇଁ କାରଗରୀ କରାଯାଇଥିବା କ୍ରମ୍ପଟନ ନାଇଜେଲା ପ୍ରୋ ଯେକୌଣସି ଘରେ ରହିବା ଜରୁରୀ । ଦକ୍ଷତା ଏବଂ ସୁବିଧା ପାଇଁ ପରିକଳ୍ପିତ ଏହା ଆପଣଙ୍କର ସମସ୍ତ ରନ୍ଧନୀୟ ଆବଶ୍ୟକତା ପୂରଣ କରିଥାଏ । ଆପଣଙ୍କର ଦୈନନ୍ଦିନ ରନ୍ଧନ କାର୍ଯ୍ୟରେ ମୂଲ୍ୟବାନ ସମୟ ସଞ୍ଚୟ କରିବାରେ ସାହାଯ୍ୟ କରିବାକୁ ଏହାର ଶକ୍ତିଶାଳୀ ୫୦୦ଡ ପାୱାର ଟ୍ରନ ମୋଟର ଦ୍ୱାରା ଏହା ଶୀଘ୍ର ଗ୍ରାଇଣ୍ଡିଂ ଏବଂ ମିଶ୍ରଣ ପ୍ରଦାନ କରିଥାଏ। ଏହାର ଶକ୍ତିଶାଳୀ ରନ୍ଧନ କ୍ଷମତା ଦ୍ୱାରା କ୍ରମ୍ପଟନ ନାଇଜେଲା ପ୍ରୋ ମିକ୍ସରର ଗ୍ରାଇଣ୍ଡର ଆପଣଙ୍କ ରନ୍ଧନ କାର୍ଯ୍ୟକୁ ସରଳ କରିବାକୁ ପ୍ରସ୍ତୁତ କରାଯାଇଛି। ମିଶ୍ରଣ, ଗ୍ରାଇଣ୍ଡିଙ୍ଗ, ଗଚ୍ଛିତ ରଖିବା ଏବଂ ଉପାଦାନ ବହନ କରିବାକୁ ଏହାର ଅନେକ ପାତ୍ର ଦ୍ୱାରା ଦକ୍ଷତା ଏବଂ ସୁବିଧା ପ୍ରଦାନ କରି ଏହି ବହୁ ଉଦ୍ଦେଶ୍ୟ ସାଧ କରୁଥିବା ଗ୍ରାଇଣ୍ଡରବିନା ପ୍ରୟାସରେ ମୂଲ୍ୟବାନ ସମୟ ସଞ୍ଚୟ କରିଥାଏ । ଅତ୍ୟଧିକ ଚାହିଦା ରେସିପି ପାଇଁ ମଧ ସୁଗମ କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ୩୦ମିନିଟର ନିରନ୍ତର ଗ୍ରାଇଣ୍ଡିଙ୍ଗ କ୍ଷମତା ଥିବା ଯୋଗୁଁ ନାଇଜେଲା ପ୍ରୋ ଆପଣଙ୍କର ରନ୍ଧନ ପ୍ରକଳ୍ପ ପାଇଁ ଏକ ନିର୍ଭରଶୀଳ ଅଂଶୀଦାର । ଆପଣ ସକାଳର ତ୍ୱରିତ ଗାଢାମିଶ୍ରଣ କରନ୍ତୁ, ନ ହେଲେ ଶିଶୁ ଖାଦ୍ୟ ପ୍ରସ୍ତୁତ କରନ୍ତୁ, କିମ୍ବା ସ୍ୱାଦିଷ୍ଟ ଚଟଣି ତିଆରି କରନ୍ତୁ, ନାଇଜେଲା ପ୍ରୋ ମକ୍ସଚର ଗ୍ରାଇଣ୍ଡର କେବଳ ଅନ୍ୟ ଏକ ରୋଷେଇ ଉପକରଣ ନୁହେଁ – ଏହା ଏକ ଜୀବନଶୈଳୀ ସମୃଦ୍ଧକାରୀ ଅଟେ । ସର୍ବାଧିକ ଦକ୍ଷତା ଏବଂ ସୁବିଧା ପାଇଁ ପରିକଳ୍ପିତ ଏହି ଗ୍ରାଇଣ୍ଡର ଅନନ୍ୟ ଗ୍ରାଇଣ୍ଡ, ବ୍ଲେଣ୍ଡ,ଷ୍ଟୋର, ଏବଂ ବହନ ପାତ୍ର ଦ୍ୱାରା ଆପଣଙ୍କର ସମସ୍ତ ରନ୍ଧନ ଆବଶ୍ୟକତା ପୂରଣ କରିଥାଏ ।

## ନେକ୍ସସ ଟ୍ରଷ୍ଟ ୧୦୦୦ କୋଟି ଟଙ୍କା ସଂଗ୍ରହ କରିଛି ସମ୍ପ୍ରସାରଣ ପାଇଁ ଅଣ-ରୂପାନ୍ତରୀୟ ଡିବେଂଚର

**ଭୁବନେଶ୍ୱର,୬।୧୧ (ମହାଭାରତ):** ଭାରତରେ ପ୍ରଥମ ଶୁଦ୍ଧ-ପ୍ଲେ ରିଟେଲ ରିଅଲ୍ ଇଷ୍ଟେଟ୍ ଇନଭେଷ୍ଟମେଟ୍ ଟ୍ରଷ୍ଟ ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟ ପକ୍ଷରୁ ୧୦୦୦ କୋଟି ଟଙ୍କାର ନନ୍-କନଭର୍ଟିବଲ୍ ଡିବେଂଚର (ଏନସିଡି) ସଫଳତାର ସହ ୭.୭୦% ବୃଦ୍ଧି କରାଯାଇଛି। ଏହି ଏନସିଡିଗୁଡ଼ିକ ୬୦୦ କୋଟି ଏବଂ ୪୦୦ କୋଟି ଟଙ୍କାର ଦୁଇଟି ପର୍ଯ୍ୟାୟରେ ସଂଗ୍ରହ କରାଯାଇଥିଲା ଏବଂ ପରିପକ୍ୱତା ପରେ ବୁଲେଟ୍ ପରିଶୋଧରେ ଏହା ସମ୍ଭବ ନୁହେଁ। ଏହି ପ୍ରସଙ୍ଗରେ ଉଭୟ ନୂତନ ଏବଂ ପୁରୁଣା ନିବେଶକଙ୍କ ତୀବ୍ର ଆଗ୍ରହ ଦେଖିବାକୁ ମିଳିଥିଲା ଏବଂ ଋଣ ପୁଞ୍ଜି ମାଧ୍ୟମରେ ଅଜୈବିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଆରଇଆଇଟିର ଦକ୍ଷତା ଉପରେ ନିବେଶକଙ୍କ ଦୃଢ଼ ବିଶ୍ୱାସ ସୃଷ୍ଟି ହୋଇଥିଲା । ବ୍ଲାକଷ୍ଟୋନ ସମର୍ଥିତ ଆରଇଆଇଟିର ବର୍ତମାନର ଋଣ ଟୁ ଭାଲ୍ୟୁ ରେସିଓ (ଏଲଟିଭି) ମାତ୍ର ଯ ୧୪% ଯାହା ସେମାନଙ୍କୁ ଋଣ ପୁଞ୍ଜି ବ୍ୟବହାର କରି ଅଭିବୃଦ୍ଧି ପାଇଁ ଏକ ବଡ଼ ମାର୍ଗ ପ୍ରଦାନ କରେ , ନେକ୍ସସ ସେଲେକ୍ଟ ଟ୍ରଷ୍ଟ ନୂତନ ମଲ୍ ଅଧିଗ୍ରହଣ ଏବଂ ସାଧାରଣ କର୍ପୋରେଟ୍ ଉଦ୍ଦେଶ୍ୟରେ ଋଣ ପୁଞ୍ଜିବ୍ୟବହାର କରିବାକୁ ଚାହୁଁଛି । ଏନସିଡିଗୁଡିକ ବର୍ତମାନ ବିଏସଇ ଲିମିଟେଡର ହୋଲସେଲ ଋଣ ବଜାରରେ ତାଲିକାଭୁକ୍ତ ହୋଇଛି ।

## ସାମସଙ୍ଗ ଭାରତର ସ୍ମାର୍ଟଫୋନ ବଜାରରେ ସର୍ବୋଚ୍ଚ ସ୍ଥାନରେ

**ଭୁବନେଶ୍ୱର,୬।୧୧ (ମହାଭାରତ):** କାଉଂଟରପଏଂଟ ରିସର୍ଚ୍ଚର ତଥ୍ୟ ଆଧାରରେ ସାମସଙ୍ଗ ଭାରତରେ ମୂଲ୍ୟ ଆଧାରରେ ୨୦୨୪ ପ୍ରତ୍ୟକ୍ଷ ତ୍ରୈମାସିକରେ ସ୍ମାର୍ଟଫୋନ ବ୍ରାଣ୍ଡରେ ଏକ ନମ୍ବର ସ୍ଥାନରେ ରହିଥିଲା। ୨୦୨୪ ରେ ରିସର୍ଚ୍ଚ ପ୍ରତିଷ୍ଠାନ ମତବ୍ୟକ୍ତ କରିଛି ଯେ, ଭାରତୀୟ ସ୍ମାର୍ଟଫୋନ ବଜାରରେ ସାମସଙ୍ଗ ନିଜର ମୂଲ୍ୟଯୁକ୍ତ ପ୍ରତିନିଧିତ୍ୱ ଆଧାରରେ ୨୩ ପ୍ରତିଶତ ମୂଲ୍ୟ ଅଂଶଧନ ପାଇପାରିଛି।

"ଆକ୍ରମଣାତ୍ମକ ଇଏମଆଇ ରିହାତି ତଥା ଟ୍ରେଡ଼-ଆଇଏନଏସର ପ୍ରୋତ୍ସାହନ ଦ୍ୱାରା ମୂଲ୍ୟଯୁକ୍ତ ବିକାଶ ଅଭିମୁଖେ ଆଡ଼କୁ ଏହାର ବୃଦ୍ଧିକୁ ସ୍ଥାନାନ୍ତରିତ କରିପାରିଛି ଏକ ଉତ୍କୃଷ୍ଟ ଧରଣର ଧାରାର ଇନ୍ଧନ ଦ୍ୱାରା। ବର୍ତମାନ ସାମସଙ୍ଗ ଏହାର ଫ୍ଲାଗସିପ ଗାଲାକ୍ସି ଏସ ଶୃଙ୍ଖଳ ତଥା ପରିବ୍ୟାପ୍ତ ମୂଲ୍ୟ – ଆଧାରିତ ପୋର୍ଟଫୋଲିଓକୁ ଅଗ୍ରାଧିକାର ଦେଇ ବଜାରରେ ୨୩ ପ୍ରତିଶତ ମୂଲ୍ୟ ଅଂଶଧନ ସହିତ ଆଗକୁ ବଢ଼ି □ଲିଛି। ଏହାର ବଜାର ଉପସ୍ଥିତିକୁ ଅଧିକ ଶକ୍ତିଶାଳୀ କରିବାକୁ ଯାଇ, ସାମସଙ୍ଗ ମଧ୍ୟମବର୍ଗ ତଥା ଗ୍ରହଣଯୋଗ୍ୟ ପ୍ରିମିୟମ ମଡ଼େଲ ଏ ଶୃଙ୍ଖଳରେ ଗାଲାକ୍ସି ଏଆଇ ବିଶେଷତ୍ୱକୁ ସମନ୍ୱିତ କରିବା ସହିତ ଏହାର ପ୍ରିୟ ଗ୍ରାହକମାନଙ୍କୁ ଉଚ୍ଚ ମୂଲ୍ୟଯୁକ୍ତ ବିଭାଗ ଗୁଡ଼ିକ ଆଡ଼କୁ ଅଧିକ ଆକୃଷ୍ଟ କରିପାରିଛି", ମତବ୍ୟକ୍ତ କରି କହିଛନ୍ତି ବରିଷ୍ଠ ରିସର୍ଚ୍ଚ ବିଶ୍ଳେଷକ ପ୍ରାଚୀର ସିଂହ।

କାଉଂଟରପଏଂଟ ମତବ୍ୟକ୍ତ କରି କହିଛି, ଏକକ ତ୍ରୈମାସିକରେ ସର୍ବକାଳୀନ ରେକର୍ଡ଼ ସଂଖ୍ୟକ ୧୨ ପ୍ରତିଶତର ବର୍ଷରେ ବର୍ଷ ଭିତିକ ଅଧିକ ଆକର୍ଷଣୀୟ ତୃତୀୟ ତ୍ରୈମାସିକ (ଜୁଲାଇ-ସେପ୍ଟେମ୍ବର ୨୦୨୪) ର ଅବଧି ମୂଲ୍ୟ ବିକାଶକୁ ଅଧିକ ମାତ୍ରାରେ ପ୍ରଭାବିତ କରିଛି। କାଉଂଟରପଏଂଟ ଆହୁରି ମଧ୍ୟ କହିଛି, ସଂଖ୍ୟାକୁ ଦୃଷ୍ଟିରେ ରଖି ସ୍ମାର୍ଟଫୋନ ବଜାର ବର୍ଷରେ ବର୍ଷ ଭିତିରେ ୩ ପ୍ରତିଶତ ବୃଦ୍ଧି ପାଇଛି।

ମୂଲ୍ୟ ଅଭିବୃଦ୍ଧି ପ୍ରଚଳିତ ଉତ୍କୃଷ୍ଟ ଧାରାକୁ ନେଇ ଗତିଶୀଳ ହୋଇଥିବା ବେଳେ ସଂଖ୍ୟା ଅଭିବୃଦ୍ଧି ବର୍ତମାନର ପ୍ରଚଳିତ ଉତ୍ସବ ଋତୁକୁ ନେଇ ଗତିମାନ ହୋଇପାରିଛି। ଓଇଏମର ଅଧିକ କ୍ରିୟାଶୀଳ ଦିଗଗୁଡ଼ିକ ସୁନିଶ୍ଚିତ କରିଛି ଯେ, ଖୁଚୁରା ବ୍ୟବସାୟୀମାନେ ଉତ୍ସବ ଋତୁର ବିକ୍ରୟ ପାଇଁ ଅଧିକ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଯେହେତୁ ଉତ୍ସବ ଋତୁର ବିକ୍ରୟ ଧାରା ଗତ ବର୍ଷ ତୁଳନାରେ ମାନ୍ଦା ଯୋଗୁଁ ଏହି ବିକ୍ରୟ କିଛି ମାତ୍ରାରେ ବାଧାପ୍ରାପ୍ତ ହୋଇଛି ଯାହାକି ଏହି ରିସର୍ଚ୍ଚ ଅନୁଷ୍ଠାନ ଏଥିରେ ମତ ରଖିଛି।

## ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପକ୍ଷରୁ ଅକ୍ଟୋବରରେ ୫,୯୭,୭୧୧ ଗାଡ଼ି ବିକ୍ରି

**ଭୁବନେଶ୍ୱର,୬।୧୧ (ମହାଭାରତ):** ଚଳିତ ବର୍ଷ ଉତ୍ସାହଜନକ ଧାରାକୁ ଜାରି ରଖି ଉତ୍ସବ ଋତୁରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିଥିବା ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ପକ୍ଷରୁ ୨୦୨୪ ଅକ୍ଟୋବର ମାସର ବିକ୍ରି ଫଳାଫଳ ଘୋଷଣା କରାଯାଇଛି। ଏହି ମାସରେ କମ୍ପାନି ୫,୯୭,୭୧୧ ଗାଡ଼ି ବିକ୍ରି କରିଛି ଯାହା ଗତବର୍ଷ ତୁଳନାରେ ୨୧ ପ୍ରତିଶତ ଅଧିକ। କମ୍ପାନି ପକ୍ଷରୁ ଦେଶ ଭିତରେ ୫,୫୩,୧୨୦ ଗାଡ଼ି ବିକ୍ରି କରାଯାଇଥିବା ବେଳେ ୪୪,୫୯୧ ଗାଡ଼ି ରପ୍ତାନି କରାଯାଇଛି। ଦେଶ ଭିତର ବିକ୍ରିରେ କମ୍ପାନି ୨୦ ପ୍ରତିଶତ ଓ ରପ୍ତାନିରେ ବ୍ୟାପକ ୪୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଚଳିତ ବର୍ଷ ଏପ୍ରିଲ୍‌ରୁ ଅକ୍ଟୋବର ମାସ ଭିତରେ କମ୍ପାନିର ମୋଟ ବିକ୍ରି ୩୭,୫୬,୦୮୮ ଗାଡ଼ି ହୋଇଛି। ଏହି ସମୟ ଭିତରେ କମ୍ପାନି ଦେଶ ଭିତରେ ୩୪,୩୪,୫୩୯ ଗାଡ଼ି ବିକ୍ରି କରିଥିବା ବେଳେ ୩,୨୧,୫୪୯ ଗାଡ଼ି ରପ୍ତାନି କରିଛି। ଏହି ମାସରେ କମ୍ପାନି ଉତରପ୍ରଦେଶ, ମଧ୍ୟପ୍ରଦେଶ, ଉତରାଖଣ୍ଡ ଓ ଛତିଶଗଡ଼ରେ ୧ କୋଟି ଦୁଇଚକିଆ ଯାନ ବିକ୍ରି କରିବାର ମାଇଲଖୁଂଟ ହାସଲ କରିଛି। କର୍ଣ୍ଣାଟକରେ କମ୍ପାନି ୫ ନିୟୁତ ଗାଡ଼ି ବିକ୍ରି କରିବାର ମାଇଲଖୁଂଟ ହାସଲ କରିଛି ଯାହା ଦକ୍ଷିଣ ଭାରତୀୟ ରାଜ୍ୟରେ କମ୍ପାନିର ଗାଡ଼ି ଗ୍ରାହକଙ୍କ ପସନ୍ଦ ପାଲଟିଥିବାକୁ ଦର୍ଶାଉଛି। ଏହି ମାସରେ କମ୍ପାନି ପକ୍ଷରୁ ନୂଆ ସିବି୩୦୦ଏଫ୍ ଫ୍ଲେକ୍ସ ଫୁଏଲ୍‌କୁ ଉନ୍ମୋଚନ କରାଯାଇଛି ଯାହାର ଏକ୍ସ ସୋ'ରୁମ୍ ମୂଲ୍ୟ ୧,୭୦,୦୦୦ ଟଙ୍କା ରହିଛି।

## ହିରୋ ମୋଟୋକର୍ପ ଏହାର ଚଳମାନ ଭବିଷ୍ୟତର ଦୂରଦୃଷ୍ଟିତାକୁ ଇଆଇସିଏମଏ ୨୦୨୪ରେ ପ୍ରଦର୍ଶିତ କରିଅଛି

**ଭୁବନେଶ୍ୱର,୬।୧୧ (ମହାଭାରତ):** "ଭବିଷ୍ୟତରେ ଚଳମାନ ହେବା" ଆମର ଏହି ଦୂରଦୃଷ୍ଟିତା ସହିତ, ହିରୋ ମୋଟୋକର୍ପର ମୂଳ ଲକ୍ଷ୍ୟ, ନବୀକରଣ ତଥା ପୋଷଣୀୟତା ନିମନ୍ତେ ଏକ ନୂତନ ମାନକ ସୃଷ୍ଟି କରି ସମସ୍ତ ସୀମା ପାର କରିବା। ଆମର ପ୍ରତିଶ୍ରୁତିବଦ୍ଧତା ସହିତ ତାଳ ଦେଇ ବୈଷୟିକ ଦିଗରେ ନିଜକୁ ଅଗ୍ରଣୀ କରିବା ସହିତ ଏକ ଚଳମାନ ଭବିଷ୍ୟତ ଗଠନ କରିବା ଯାହା ଦ୍ୱାରା ବଂଶାନୁକ୍ରମିକ ଭାବରେ ଏହା ଦ୍ୱାରା ଅନେକ କିଛି ସୁବିଧା ପ୍ରାପ୍ତ ହୋଇପାରିବ। ପୃଥିବୀର ସର୍ବବୃହତ୍ ଦୁଇଚକିଆ ଯାନର ନିର୍ମାଣକାରୀ ଭାବରେ ହିରୋ ମୋଟୋକର୍ପ "ସମଗ୍ର ପୃଥିବୀ ପାଇଁ ନବୀକରଣୀୟ ତଥା ମେକିଙ୍ଗ ଇନ୍ ଇଣ୍ଡିଆ"ର ସେହି ଭାବକୁ ବାସ୍ତବତାରେ ପରିଣତ କରିପାରିଛି। ଏଭଳି ଏକ ଧାରା ଆମର ସମସ୍ତ ପ୍ରକାର କାର୍ଯ୍ୟ ଧାରାର ଦିଗକୁ ତଥା ରହିଥିବା ୧୨୦ ମିଲିୟନ ପ୍ରିୟ ଗ୍ରାହକମାନଙ୍କୁ ଆମର ଉତ୍ସର୍ଗୀକୃତ ସେବା ଦ୍ୱାରା ମଜବୁତ୍ କରିବା ସହିତ ଏକ ପରିବେଶ ଅନୁକୂଳିତ ପୋଷଣତ୍ୱକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛି। "ହିରୋ ମୋଟୋକର୍ପ ଏକ ବିଶ୍ୱସ୍ତରୀୟ ନେତୃତ୍ୱର ବିଶ୍ୱାସ ଉପରେ ଆଗକୁ ବଢ଼ି, ଏହାର ବିଶ୍ୱସନୀୟତା ତଥା ଯନ୍ତ୍ରାଂଶ ଉପରେ ନମନୀୟତାକୁ ଧରି ରଖିପାରିଛି। ଏଭଳି ଏକ ବିଶ୍ୱାସକୁ ପାଥେୟ କରି ଆମର ବିଶ୍ୱସ୍ତରୀୟ ଏହି ଉତ୍ପାଦନ ସାମଗ୍ରୀ ୟୁରୋପ ତଥା ୟୁକେରେ ଏହାର ଭିତି ସ୍ଥାପନ ପ୍ରସାରିତ ପାଇଁ ଉଦ୍ୟମ ଜାରି ରଖିଛି। ଚାରୋଟି ବିଶ୍ୱସ୍ତରୀୟ ଉତ୍ପାଦନର ଅନାବରଣ ଯାହା ମଧ୍ୟରେ ପ୍ରତ୍ୟେକଟିରେ ରହିଛି ବିଶ୍ୱସ୍ତରୀୟ ପରିଚୟ, ବିଭାଗ-ନେତୃତ୍ୱକାରୀ ବିଶେଷତ୍ୱ, ଆଧୁନିକ ଜ୍ଞାନକୌଶଳ ତଥା ଏକ ଯାନ୍ତ୍ରିକୀ ଦକ୍ଷତା ଯାହାକି ହିରୋ ମୋଟୋକର୍ପକୁ ଏକ ସର୍ବକାଳୀନ ବୈଶିଷ୍ଟ ସମ୍ପନ୍ନ ପ୍ରତିଷ୍ଠାନ ଭାବରେ ସୂଚିତ କରିଛି। ହିରୋ ମୋଟୋକର୍ପ, ପୃଥିବୀର ସର୍ବବୃହତ୍ ମୋଟୋରସାଇକେଲ ଏବଂ ସ୍କୁଟର ନିର୍ମାଣକାରୀ ଭାବରେ ଇଆଇସିଏମଏ ୨୦୨୪ରେ ବିଭିନ୍ନ ବର୍ଗର ଆକର୍ଷଣୀୟ ଉଚ୍ଚ -ଭରସା ଯୋଗ୍ୟ ନୂତନ ମୋଟୋରସାଇକେଲ ଏବଂ ଏକ ଇଲେକ୍ଟ୍ରିକ୍ ସ୍କୁଟରର ଅନାବରଣ କରିଛି। ୨୦୨୪ ଦ୍ୱିତୀୟାର୍ଦ୍ଧରେ କମ୍ପାନୀ ୟୁରୋପ ଏବଂ ୟୁକେର ଏହାର ବିବିଧ ଯୋଜନାର ଘୋଷଣା କରିଛି। "ଭବିଷ୍ୟତରେ ଚଳମାନ ହେବା" ଏଭଳି ଏକ ଦୂରଦୃଷ୍ଟିତା ସହିତ ଏକାଠି ହୋଇ ହିରୋ ମୋଟୋକର୍ପ ଏହାର ପ୍ରିମିୟମ ଦୂରତାର ନୂତନ ପ୍ରସ୍ତାବିତ ଇଂଟରନାଲ କମ୍ବସନ ଇଞ୍ଜିନ (ଆଇସିଇ) ତଥା ପୁରସ୍କାର ବିଜେତା ଇଲେକ୍ଟ୍ରିକ ଯାନ, ଭବିଷ୍ୟତକାରୀ ସର୍ଜ ଏସ୩୨, ଏଫଆଇଏମ ବିଶ୍ୱ ଚମ୍ପିୟନସିପ ବିଜେତା ରୋମାଂଚକର ମେସିନ ହିରୋ ୪୫୦ ର୍ୟାଲି ତଥା ପଥ ବିସ୍ଫୋରକ ଇଲେକ୍ଟ୍ରିକ ପ୍ରସଙ୍ଗକୁ ଏଠାରେ ପ୍ରଦର୍ଶିତକରିଛି।

# ଲାଡ୍ ଓ ଆୟାରଙ୍କ ଶତକ, ମୁମ୍ବାଇ ୩୮୫/୩





**ମୁମ୍ବାଇ,୬।୧୧:** ଟସ୍ ଜିଣି ବୋଲିଂ ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଥିବା ଓଡିଶା ଅଧିନାୟକ ଗୋବିନ୍ଦା ପୋଦ୍ଦାରଙ୍କ ଶେଷରେ ବୁମେରାଂ ସାବ୍ୟସ୍ତ ହୋଇଛି। ବୁଧବାର ଦିନ ଶରଦ ପାଓ୍ୱାର କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ରଣଜୀ ମ୍ୟାଚରେ ଶକ୍ତିଶାଳୀ ମୁମ୍ବାଇ ବିଶାଳ ସ୍କୋର ଅଭିମୁଖେ ଯାତ୍ରା କରିଛି। ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ମୁମ୍ବାଇ ୩୮୫ ରନ୍ କରି ମାତ୍ର ୩ ଓ୍ୱିକେଟ ହରାଇଛି।

ତାଙ୍କର ଦ୍ୱିତୀୟ ପ୍ରଥମ ଶ୍ରେଣୀରେ ଓପନର୍ ଅଙ୍ଗକ୍ରିଶ୍ ରଘୁଭାନ୍ସି (୯୨, ୧୨୪ ବଲ, ୧୩ ଚୌକା, ୩ ଛକା) ଓଡିଶା ବୋଲରଙ୍କ ମେରୁଦଣ୍ଡ ଭାଙ୍ଗିଥିଲେ। ରଘୁଭାନ୍ସି ତାଙ୍କର ପ୍ରଥମ ଶତକରୁ ବଞ୍ଚିତ ହୋଇଥିବାବେଳେ ସିଦ୍ଧେଶ ଲାଡ ଶତକ (୧୧୬ ରନ୍, ୨୯୮ ବଲରୁ ୨୩ ଚୌକ, ୧ ଛକା) ଏବଂ ଶ୍ରେୟାସଙ୍କ ୪ର୍ଥ ଓ୍ୱିକେଟ ପାଇଁ ୨୩୧ ରନ୍‌ର ଅବିଭକ୍ତ ଭାଗିଦାରୀ କରି ଓଡ଼ିଶା ଉପରେ ଚାପ ସୃଷ୍ଟି କରିଛନ୍ତି।

ଆଜି ରଣଜୀ ଟ୍ରଫି ମ୍ୟାଚର ପ୍ରଥମ ଦିନରେ ମୁମ୍ବାଇର ଅଙ୍ଗକ୍ରିଶ ରଘୁଭାନ୍ସି ଓଡ଼ିଶାର ତିନି ପେସ୍‌ରଙ୍କ ବିରୁଦ୍ଧରେ ଚମତ୍କାର ପ୍ରଦର୍ଶନ କରିଥିଲେ। ରଘୁବଂଶୀ ଭଲ ବ୍ୟାଟିଂ କରୁଥିବାବେଳେ ଅନ୍ୟତମ ଓପନର ଆୟୁଷ ମଥ୍ରେ (୧୮)ଙ୍କୁ ଶୀଘ୍ର ହରାଇଥିଲା। ପରେ ଲାଡ୍‌ଙ୍କ ସହ ମିଶି ରଘୁବାଂଶୀ ୧୩୫ ରନ୍ ଯୋଗ କରିଥିଲେ। ପରେ ରଘୁବଂଶୀ ୯୨ ରନ୍ କରି ଆଉଟ୍ ହୋଇଥିଲେ। ପରେ ଅଧିନାୟକ ଆଜିଙ୍କ୍ୟା ରାହାଣେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଅନ୍ୟତମ ଷ୍ଟାର ଖେଳାଳି ଶ୍ରେୟସ ଆୟାର ଓ ଲାଡ ଆଉ ଦଳକୁ କୌଣସି କ୍ଷତି ହେବାକୁ ଦେଇନଥିଲେ। ଉଭୟ ୪ର୍ଥ ଓ୍ୱିକେଟ ପାଇଁ ୨୩୧ ରନ୍ ଯୋଗ କରିଛନ୍ତି। ଲାଡ୍ ୧୧୬ ଓ ଆୟାର ଆକ୍ରମଣାତ୍ମକ ଶୈଳୀରେ ୧୬୪ ବଲରୁ ୧୮ ଚୌକା, ୪ ଛକା ବଳରେ ୧୫୨ ରନ୍ କରି ଅପରାଜିତ ଅଛନ୍ତି। ଓଡ଼ିଶା ପକ୍ଷରୁ ବିପ୍ଲବ ସାମନ୍ତରାୟ ସର୍ବାଧିକ ୨ ଓ୍ୱିକେଟ ନେଇଛନ୍ତି।

ସ୍କୋର ବୋର୍ଡ: ମୁମ୍ବାଇ - ପ୍ରଥମ ଇନିଂସ: ଅଙ୍ଗକ୍ରିଶ ରଘୁଭାନ୍ସି ବି ସାମନ୍ତରାୟ ୯୨, ଆୟୁଷ ମଥ୍ରେ ଏଲ୍‌ବିଡବ୍ଲୁ ସୂର୍ଯ୍ୟକାନ୍ତ ୧୮, ସିଦ୍ଧେଶ ଲାଡ (ବ୍ୟାଟିଂ) ୧୧୬, ଅଜିଙ୍କ୍ୟ ରାହାନେ ଏଲ୍‌ବିଡବ୍ଲୁ ସାମନ୍ତରାୟ ୦, ଶ୍ରେୟାସ ଆୟର (ବ୍ୟାଟିଂ) ୧୫୨। ମୋଟ (୯୦ ଓଭରରେ ୩ ଓ୍ୱିକେଟ): ୩୮୫। ଓ୍ୱିକେଟ୍ ପତନ: ୧-୧୯, ୨-୧୫୪, ୩-୧୫୪

ଓଡ଼ିଶା ବୋଲିଂ: ସୂର୍ଯ୍ୟକାନ୍ତ ୧୨-୪-୩୬-୧, ଦେବବ୍ରତ ୧୨-୧-୫୫-୦, ରାଉଲ ୧୪-୦-୬୯-୦, ହର୍ଷିତ ରାଥୋଡ ୨୪-୧-୯୪-୦, ସାମନ୍ତରାୟ ୭-୨-୩୬-୨, ବିଶ୍ୱ୪-୦-୨୮-୦, ପୋଦ୍ଦାର ୧୭-୦-୬୧-୦ ।

# ଆଇସିସି ର୍‍ୟାଙ୍କିଙ୍ଗରେ ତଳକୁ ଖସିଲେ କୋହଲି



**ଦୁବାଇ,୬।୧୧(ଏଜେନ୍ସି):** ଭାରତୀୟ ଟିମର ବିରିଷ୍ଠ ବ୍ୟାଟର ବିରାଟ କୋହଲି ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ବିରାଟଙ୍କ ବ୍ୟାଟ ଆଦୌ ଚାଲି ନଥିଲା। ତେଣୁ ବୁଧବାର ଆଇସିସି ଜାରି କରିଥିବା ବ୍ୟାଟିଂ ରାଙ୍କିଙ୍ଗରେ ବିରାଟ ୮ଟି ସ୍ଥାନ ତଳକୁ ଖସି ଯାଇଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୩ଟି ଟେଷ୍ଟରେ ବିରାଟ କେବଳ ୯୩ ରନ କରିବାକୁ ସକ୍ଷମ ହୋଇଥିଲେ। ଏଥିପାଇଁ ସେ ଆଇସିସି ବ୍ୟାଟିଂ ରାଙ୍କିଙ୍ଗର ୨୨ତମ ସ୍ଥାନରେ ପହଞ୍ଚିଛନ୍ତି।

ବିରାଟ ଓ ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଫ୍ଲପ ହୋଇଥିଲେ। ଏଥିପାଇଁ ନ୍ୟୁଜିଲ୍ୟାଣ୍ଡ ଐତିହାସିକ ବିଜୟ ସହ ଭାରତକୁ ମୂଳପୋଛ କରି ୩-୦ରେ ସିରିଜ ଜିତିଥିଲା ରୋହିତ ଶର୍ମା। ରାଙ୍କିଙ୍ଗର ୨ଟି ସ୍ଥାନ ତଳକୁ ଖସି ୨୬ତମ ସ୍ଥାନରେ ରହିଛନ୍ତି।

## ଟେଷ୍ଟ ର୍‍ୟାଙ୍କିଙ୍ଗ ଟପ୍ ୧୦ରେ ଯଶସ୍ୱୀ ଓ ପନ୍ତ

ବର୍ତ୍ତମାନ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ଇଂଲଣ୍ଡର ଜୋ ରୁଟ ରହିଛନ୍ତି। ସେ ପାକିସ୍ତାନ ବିପକ୍ଷରେ ଡବଲ ଟନ ହାସଲ କରିଥିଲେ। ରୁଟଙ୍କ ପଛକୁ କେନ ଓ୍ୱିଲିୟମସନ, ହ୍ୟାରୀ ବ୍ରୁକ, ଯଶସ୍ୱୀ ଜୈସୱାଲ ଓ ଷ୍ଟିଭ ସ୍ମିଥ ରହିଛନ୍ତି।

ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଏକାକୀ ସବୁ ମ୍ୟାଚ୍‌ରେ ଲଢ଼େଇ କରିଥିବା ଭାରତର ଋଷଭ ପନ୍ତଙ୍କ ରାଙ୍କିଙ୍ଗରେ ଉନ୍ନତି ଆସିଛି। ସେ ୫ଟି ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ୬ଷ୍ଠ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଟପ୍ ୧୦ରେ ପନ୍ତ ଓ ଜୈସୱାଲ ଦୁଇ ଭାରତୀୟ ଭାବେ ରହିଛନ୍ତି। ଶୁବମନ ଗିଲ୍ ରାଙ୍କିଙ୍ଗର ୧୬ତମ ସ୍ଥାନରେ ରହିଛନ୍ତି।ଏହି ୩ ଜଣଙ୍କୁ ଛାଡ଼ି ଦେଲେ ବ୍ୟାଟିଂ ରାଙ୍କିଙ୍ଗର ଟପ୍ ୨୦ରେ କୌଣସି ଭାରତୀୟ ଖେଳାଳି ରହିବାକୁ ସକ୍ଷମ ହୋଇନାହାନ୍ତି।

# ଆଇପିଏଲ ନିଲାମିରେ ଇଟାଲୀୟ ଖେଳାଳି



ନୂଆଦିଲ୍ଲୀ,୬।୧୧: ଆଇପିଏଲ ୨୦୨୫ ପାଇଁ ହେବାକୁ ଥିବା ମେଗା ନିଲାମ ତାରିଖ ପାଇଁ ଅପେକ୍ଷା ସମାପ୍ତ ହୋଇଛି। ଏହି ମେଗା ନିଲାମ ୨୪ ଏବଂ ୨୫ ନଭେମ୍ବରରେ ସାଉଦି ଆରବର ଜେଦ୍ଦା ଠାରେ ଅନୁଷ୍ଠିତ ହେବ। ବିସିସିଆଇ କହିଛି ଯେ ଇଟାଲୀର ଜଣେ ଖେଳାଳିଙ୍କ ସମେତ ଚଳିତ ବର୍ଷର ମେଗା ନିଲାମ ପାଇଁ ମୋଟ ୧୫୭୪ ଖେଳାଳି ପଞ୍ଜିକୃତ କରିଛନ୍ତି ଆଇପିଏଲ ଇତିହାସରେ ଏହା ପ୍ରଥମ ଥର ପାଇଁ ମେଗା ନିଲାମ ପାଇଁ ଜଣେ ଇଟାଲୀୟ ଖେଳାଳି ରେଜିଷ୍ଟର କରିଛନ୍ତି।ତେବେ ଆସନ୍ତୁ ଜାଣିବା ଏହି ଇଟାଲୀୟ ଖେଳାଳି କିଏ।ଇଟାଲୀରୁ ରେଜିଷ୍ଟର କରିଥିବା ଖେଳାଳିଙ୍କ ନାମ ହେଉଛି ଥୋମାସ ଡ୍ରକା। ସେ ଏ ପର୍ଯ୍ୟନ୍ତ ଇଟାଲୀ ପାଇଁ ଚାରୋଟି ଟି -୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଏହା ବ୍ୟତୀତ ସେ ଗ୍ଲୋବାଲ ଟି -୨୦ କାନାଡା ଲିଗରେ ଭାଗ ନେଇଥିଲେ। ଥୋମାସ ଜଣେ ଦ୍ରୁତ ବୋଲର, ଯିଏ ଚାରୋଟି ଟି -୨୦ ଅନ୍ତର୍ଜାତୀୟ ମ୍ୟାଚରେ ୮ ଉଇକେଟ୍ ନେଇଛନ୍ତି।ଯେଉଁଥିରେ ତାଙ୍କର ଶ୍ରେଷ୍ଠ ୩/୯ ଥିଲା।

କହୁରଖୁଛୁ ଯେ ଭାରତ ବ୍ୟତୀତ ଦକ୍ଷିଣ ଆଫ୍ରିକାର ସର୍ବାଧିକ ସଂଖ୍ୟକ ଖେଳାଳି ଆଇପିଏଲ ମେଗା ନିଲାମ ପାଇଁ ପଞ୍ଜୀକୃତ କରିଛନ୍ତି। ଆଫ୍ରିକାର ମୋଟ ୯୧ ଖେଳାଳି ପଞ୍ଜିକୃତ କରିଛନ୍ତି। ତେବେ ଅଷ୍ଟ୍ରେଲିଆ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି ଅଷ୍ଟ୍ରେଲିଆର ମୋଟ ୭୬ ଖେଳାଳି ନିଲାମ ପାଇଁ ରେଜିଷ୍ଟର କରିଥିବା ଜଣାପଡିଛି।

## ଅଷ୍ଟ୍ରେଲିଆରେ ବି ଫେଲ୍ ମାରିବେ ରୋହିତ-ବିରାଟ : ଭନ୍

ନୂଆଦିଲ୍ଲୀ,୬।୧୧: ଭାରତୀୟ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ସମୟ ଠିକ୍ ଚାଲିନାହିଁ। ବାଲାଂଦେଶ ବିପକ୍ଷରେ ଉଭୟ ରନ୍ କରିବାରେ ବିଫଳ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ବିପକ୍ଷରେ ମଧ ସମାନ ଘଟିଥିଲା । ଫଳସ୍ୱରୂପ ଏବେ ଦୁହେଁ ପ୍ରଶ୍ନ ଘେରରେ ଅଛନ୍ତି। ପ୍ରଶଂସକମାନେ ଅଷ୍ଟ୍ରେଲିଆରେ ସେମାନେ ଫର୍ମକୁ ଫେରିପାରନ୍ତି ବୋଲି ଆଶା ରଖିଛନ୍ତି। ଭାରତ ବିରୋଧରେ ସବୁବେଳେ ମତ ରଖୁଥିବା ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭାଓନ ସେଭଳି ଆଶା ନ ଥିବା କହିଛନ୍ତି।

କ୍ସ କ୍ରିକେଟ ସହ ଆଲୋଚନାରେ ମାଇକେଲ ଭାଓନ କହିଛନ୍ତି, ଅଷ୍ଟ୍ରେଲିଆରେ ଟିମ୍ ଇଣ୍ଡିଆ। ଯଦି ଜିତିଯାଏ ତେବେ ରୋହିତ ଏବଂ କୋହଲିଙ୍କୁ ବଡ଼ ସ୍କୋର କରିବାକୁ ହେବ ଭଲ ଫର୍ମକୁ ଫେରିବାକୁ ହେବ ଆଶା ଥିଲେ ହେଁ ଡ଼ର ରହିଛି ଯେ ସେଭଳି କିଛି ହେବ ନାହିଁ। କାରଣ ଅଷ୍ଟ୍ରେଲିଆରେ କଙ୍ଗାରୁ ବୋଲରଙ୍କ ବିପକ୍ଷରେ ଖେଳିବାକୁ ହେଲେ କୌଶଳ ସହ ଉନ୍ନତ ଚିନ୍ତାଧାରା ସହ ମଇଦାନକୁ ଓହ୍ଲାଇବାକୁ ହେବ ବୋଲି ସେ କହିଛନ୍ତି।

### ଖୋର୍ଦ୍ଧା ଜିଲ୍ଲା ଇଣ୍ଟ୍ରା କ୍ଲବ୍ କ୍ରିକେଟ୍

## ଜଟଣୀ କ୍ରିକେଟ୍ ଏକାଡେମୀ ବିଜୟୀ

ଖୋର୍ଦ୍ଧା:୦୬/୧୧/୨୪: କ୍ରିକେଟ୍ ଆସୋସିଏସନ୍ ଅଫ ଦି ଦିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୁଲ୍ୟରେ ସିନିୟର୍ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ତୃତୀୟ ଦିବସରେ ଜଟଣୀ କ୍ରିକେଟ୍ ଏକାଡେମୀ ଖୋର୍ଦ୍ଧା କ୍ରିକେଟ୍ କ୍ଲବକୁ ୮୩ ରନ ରେ ପରାସ୍ତ କରିଛି। ଟସ୍ ଜିତି ଜଟଣୀ କ୍ରିକେଟ୍ ଏକାଡେମୀ ପ୍ରଥମେ ବ୍ୟାଟିଙ୍ଗ କରି ୩୮.୪ ଓଭର ରେ ସମସ୍ତ ୧୦ ଟି ଓ୍ୱିକେଟ ହରାଇ ୧୯୭ ରନ୍ କରିଥିଲେ। ଦଳ ପକ୍ଷରୁ ଜାକିର ଓ୍ୱଷ୍ଟ ୭୪ ରନ୍, ସତ୍ୟଚନ୍ଦ୍ର ଲେଙ୍କା ୪୦ ରନ୍ ଏବଂ ସନ୍ଦୀପ ପାଇକରାୟ ୩୮ ରନ୍ କରିଥିଲେ। ଖୋର୍ଦ୍ଧା କ୍ରିକେଟ୍ କ୍ଲବ ପକ୍ଷରୁ ସୁମିତ ମହାରଣା ୪ ଟି ଓ ଅନୁରାଗ ପଟ୍ଟନାୟକ ୨ ଟି ଓ୍ୱିକେଟ ନେଇଥିଲେ। ଜବାବରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ୨୪ ଓଭର ରେ ସମସ୍ତ ୧୦ ଟି ଓ୍ୱିକେଟ ହରାଇ ୧୧୪ ରନ୍ କରିଥିଲେ ଦଳ ପକ୍ଷରୁ ତାରିଣୀ ନାୟକ ୩୦ ରନ୍ ଓ ସୁମିତ ମହାରଣା ଅପରାଜିତ ୨୧ ରନ୍ କରିଥିଲେ। ଜଟଣୀ କ୍ରିକେଟ୍ ଏକାଡେମୀ ତରଫରୁ ସତ୍ୟଚନ୍ଦ୍ର ଲେଙ୍କା ୩ ଟି ଓ ସାକିର ଅଲ୍ଲି ୨ ଟି ଓ୍ୱିକେଟ ନେଇଥିଲେ ଏବଂ ଏହି ମ୍ୟାଚ୍ କୁ ଜଟଣୀ ଦଳ ୮୩ ରନ୍ ରେ ଜିତି ନେଇଥିଲେ। ଏହି ମ୍ୟାଚ୍ କୁ ପ୍ରିତିରଞ୍ଜନ ବିଜୟସିଂ ଓ ଚନ୍ଦ୍ରମୋହନ ବରାଳ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ୍ ରେଫେରି ଭାବେ ସମୀର ବଳିୟାରସିଂହ ଓ ସଂଯୋଜକ ଭାବେ ବ୍ରିଜେଶ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଥିଲେ। ଆସନ୍ତାକାଲି ରାଇଜିଂଷ୍ଟାର କ୍ଲବ୍ ଓ କେ ଟି ଗ୍ଲୋବାଲ କ୍ଲବ୍ ମଧ୍ୟରେ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

# +୩ ଆନ୍ତଃକଲେଜ ଫୁଟବଲ : ଫାଇନାଲରେ ଏନ୍ ସି କଲେଜ



ଯାଜପୁର ରୋଡ଼,୬।୧୧(ସ୍ୱାଧିକାର୍ ନ୍ୟୁଜ) : ବ୍ୟାସନଗର ସ୍ୱୟଂଶାସିତ ଖେଳପଡ଼ିଆଠାରେ +୩ ଆନ୍ତଃ କଲେଜ ଟୁର୍ଣ୍ଣାମେଂଟକୁ କଲେଜର ଅଧକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଥଲେଟିକ୍ କ୍ଲବର ଉପସଭାପତି କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ପ୍ରଶିକ୍ଷକ ନିରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ସ୍ୱାଇଁ, ରଞ୍ଜନ ସାହୁ, ପ୍ରଦୋଶ ରାୟ, ଆର ଆର କାନୁନଗୋ, ଶରତ ଜେନା, ମାନସ ପତି, ପ୍ରଦୀପ ବିଶ୍ୱାଳ, ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ ଏନ ସି କଲେଜ, ଯାଜପୁର ଓ ନୟାଗଡ଼ କଲେଜ , ନୟାଗଡ଼ ମଧ୍ୟରେ ହୋଇଥିଲା, ୨- ୧ରେ ଏନ ସି କଲେଜ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବିଆରଏମ ଭୁବନ ଓ ଏନ ସି କଲେଜ ମଧ୍ୟରେ ହୋଇଥିଲା। ୧-୦ରେ ଏନ ସି କଲେଜ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ଏସ. ଭି ନିତାର ଓଲଟପୁର ଓ ଜେ.କେ.ବି.କେ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଜେ.କେ.ବି.କେ ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଏନ ସି କଲେଜ ଓ ଜେ.କେ.ବି.କେ ମଧ୍ୟରେ ହୋଇଥିଲା। ୧-୦ ଗୋଲ ରେ ଏନ ସି କଲେଜ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କଲା। ଆଜିର ଖେଳକୁ ଅନ୍ଦ୍ରିୟାସ କାଣ୍ଡୁଲିନା, ଅବଦୁଲ ମାର୍ଟିନ୍, ଶୁକାନ୍ତ ମଲ୍ଲିକ, ପୂର୍ଣ୍ଣ ସୋରେନ୍ , ଆଲୋକ ବେହେରା ଓ ନଟବର ମଲ୍ଲିକ ପରିଚାଳନା କରିଥିଲେ।

## ଅଚାନକ ବଦଳିଲେ ଅଷ୍ଟ୍ରେଲିଆ ଅଧିନାୟକ



ସିଡନୀ,୬।୧୧: ଦିନିକିଆ ଏବଂ ଟି-୨୦ ପାଇଁ ଅଷ୍ଟ୍ରେଲିଆର ନୂତନ ଅଧିନାୟକ ଘୋଷଣା କରାଯାଇଛି। ଜୋସ ଇଂଲିସଙ୍କୁ ଅଷ୍ଟ୍ରେଲିଆର ଦାୟିତ୍ୱ ଦିଆଯାଇଛି। ସେ ଅଧିନାୟକ ଭାବେ ଦିନିକିଆରେ ପ୍ୟାଟ କମିନ୍ସ ଏବଂ ଅନ୍ତର୍ଜାତୀୟ ଟି-୨୦ରେ ମିଚେଲ ମାର୍ଶଙ୍କ ସ୍ଥାନ ନେବେ। ଜୋସ ଇଂଲିଶ ଅଷ୍ଟ୍ରେଲିଆର ୩୦ତମ ଅଧିନାୟକ ଏବଂ ଟି-୨୦ରେ ୧୪ତମ ଅଧିନାୟକ ହେବେ। ଜୋଶ ଇଂରାଜୀ ପାକିସ୍ତାନ ବିପକ୍ଷରେ ହ୍ୱାଇଟ ବଲ ସିରିଜରେ ଦାୟିତ୍ୱ ଗ୍ରହଣ କରୁଥିବା ଦେଖିବାକୁ ମିଳିବ।

ଜୋଶଙ୍କୁ କେବଳ ପାକିସ୍ତାନ ବିପକ୍ଷ ସିରିଜ ପାଇଁ ଅଧିନାୟକ କରାଯାଇଛି ଏବଂ ଏହା ପଛର କାରଣ ହେଉଛି ଭାରତ ଏବଂ ଅଷ୍ଟ୍ରେଲିଆ। ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫି ୨୨ ନଭେମ୍ବରରୁ ଆରମ୍ଭ ହେବ। ଅଷ୍ଟ୍ରେଲିଆର ନିୟମିତ ଦିନିକିଆ ଅଧିନାୟକ ପ୍ୟାଟ କମିନ୍ସ ଏବଂ ଟି-୨୦ ଅଧିନାୟକ ମିଚେଲ ମାର୍ଶ ମଧ୍ୟ ଏଥିପାଇଁ ପ୍ରସ୍ତୁତିରେ ବ୍ୟସ୍ତ ରହିବେ। ତେଣୁ ପାକିସ୍ତାନ ବିପକ୍ଷ ସିରିଜରେ ସେ ଆଉ ଖେଳିବେ ନାହିଁ।

ପାକିସ୍ତାନ ବିପକ୍ଷ ସିରିଜର ତୃତୀୟ ଦିନିକିଆରୁ ଜୋଶ ଇଂରାଜୀ ଅଷ୍ଟ୍ରେଲୀୟ ଦଳର କମାଣ୍ଡ ନେବେ ଦୁଇ ଦେଶ ମଧ୍ୟରେ ତୃତୀୟ ଦିନିକିଆ। ନଭେମ୍ବର ୧୦ରେ ଖେଳାଯିବ। ଏହା ପରେ ଏକ ୩ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ହେବ ଯାହା ନଭେମ୍ବର ୧୮ ପର୍ଯ୍ୟନ୍ତ ଚାଲିବ।

# ଆଇପିଏଲ୍ ନିଲାମିରେ ୧୫୭୪ ଖେଳାଳି



### ଅକ୍ସନ ତାଲିକାରେ ନାହାଁନ୍ତି ଷ୍ଟୋକ୍ସ

### ୪୦୯ ଜଣ ବିଦେଶୀ ସାମିଲ

### ପ୍ରଥମ ଥର ଆଇପିଏଲ୍ ଖେଳିପାରନ୍ତି ଆଣ୍ଡରସନ୍

ନୂଆଦିଲ୍ଲୀ,୬।୧୧: ଆସନ୍ତା ୨୦୨୫ ଆଇପିଏଲର ମେଗା ଅକ୍ସନ ପାଇଁ ବିସିସିଆଇ ତାରିଖ ଘୋଷଣା କରିଛି। ସାଉଦି ଆରବର ଜେଦ୍ଦାରେ ଆସନ୍ତା ନଭେମ୍ବର ୨୪ ଓ ୨୫ ଦୁଇ ଦିନ ଧରି ୧୦ ଫ୍ରାଞ୍ଚାଇଜ୍ ଖେଳାଳି କିଣିବେ। ଅକ୍ସନ ପାଇଁ ମୋଟ ୧୫୭୪ ଜଣ ଖେଳାଳି ପଞ୍ଜିକରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୧୬୫ ଜଣ ଭାରତୀୟ ଓ ୪୦୯ ଜଣ ବିଦେଶୀ ଖେଳାଳି ରହିଛନ୍ତି। ସେହିପରି କ୍ୟାପଡ ଖେଳାଳିଙ୍କ ସଂଖ୍ୟା ୩୨୦, ଅନକ୍ୟାପଡ ଖେଳାଳିଙ୍କ ସଂଖ୍ୟା ୧୨୨୪ ଓ ଆସୋସିଏଟ ଦେଶର ଖେଳାଳିଙ୍କ ସଂଖ୍ୟା ୩୦ ରହିଛି।

ରିପୋର୍ଟ ଅନୁସାରେ, ଇଂଲଣ୍ଡର ଷ୍ଟାର ଅଲରାଉଣ୍ଡର ବେନ ଷ୍ଟୋକ୍ସଙ୍କ ନାଁ ଅକ୍ସନ ତାଲିକାରେ ନାହିଁ ସେ ନିଜ ନାଁକୁ ପଞ୍ଜିକରଣ କରିନାହାନ୍ତି। ଏତେ ସଂଖ୍ୟକ ଖେଳାଳି ଅକ୍ସନ ପାଇଁ ପଞ୍ଜିକରଣ କରିଥିବାରୁ ଆୟୋଜକ ସଂସ୍ଥା ଫ୍ରାଞ୍ଚାଇଜମାନଙ୍କ ସହ ଏସମ୍ପର୍କରେ ଆଲୋଚନା କରିବ ଏହାପରେ ଚୂଡ଼ାନ୍ତ ଅକ୍ସନ ତାଲିକା ପ୍ରକାଶ କରାଯିବ। ନିଜ ନିଜ ଫ୍ରାଞ୍ଚାଇଜ ତରଫରୁ ରିଲିଜ ହୋଇଥିବା ୩ ପୂର୍ବତନ ଅଧିନାୟକ ଋଷଭ ପନ୍ତ, କେଏଲ ରାହୁଲ ଓ ଶ୍ରେୟସ ଆୟର ମଧ ଅକ୍ସନରେ ସାମିଲ ହେବେ ସେମାନଙ୍କ ବେସ୍ ପ୍ରାଇସ ବା ମୂଳ ଦର ୨ କୋଟି ଟଙ୍କା ଲେଖାଏ ରହିଛି। ସେହିପରି ରାଜସ୍ଥାନ ରିଲିଜ କରି ଦେଇଥିବା ଦୁଇ ସ୍ପିନର ରବି ଅଶ୍ୱିନ ଓ ଯୁଜି ଚହଲ ମଧ ୨ କୋଟି ଟଙ୍କାର ବେସ୍ ପ୍ରାଇସ ବ୍ରାକେଟରେ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଥିବା ଇଂଲଣ୍ଡର ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ପ୍ରଥମଥର ପାଇଁ ଆଇପିଏଲ ଅକ୍ସନରେ ନିଜକୁ ସାମିଲ କରିଛନ୍ତି। ତାଙ୍କ ବେସ୍ ପ୍ରାଇସ ୧.୨୫ କୋଟି ଟଙ୍କା ରହିଛି। ୨ କୋଟି ବେସ୍ ପ୍ରାଇସ ମଧ୍ୟରେ ଥିବା ଅନ୍ୟ ଭାରତୀୟ ଖେଳାଳିମାନେ ହେଲେ ଖଲୀଲ ଅହମଦ, ଦୀପକ ଚହର, ଭେଙ୍କଟେଶ ଆୟର, ଆବେଶ ଖାନ, ଇଶାନ କିଶନ, ମୁକେଶ କୁମାର, ଭୁବନେଶ୍ୱର କୁମାର, ପ୍ରସିଦ୍ଧ କ୍ରିଷ୍ଣା, ଟି ନଟରାଜନ, ଦେବଦତ୍ତ ପାଡିକ୍କଲ, କୃନାଲ ପାଣ୍ଡ୍ୟା, ହର୍ଷଲ ପଟେଲ, ଅର୍ଶଦୀପ ସିଂହ, ଓ୍ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଲ ଠାକୁର, ମହମ୍ମଦ ସିରାଜ, ମହମ୍ମଦ ଶାମି ଓ ଉମେଶ ଯାଦବ। ପୃଥ୍ୱୀ ଶ ଓ ସର୍ଫରାଜ ଖାନଙ୍କ ଭଳି ଯୁବ ଖେଳାଳିଙ୍କ ବେସ ପ୍ରାଇସ ମାତ୍ର ୭୫ ଲକ୍ଷ ଟଙ୍କା ରହିଛି। ଏହାବାଦ ୨୦୨୪ରେ ରେକର୍ଡ ୨୪.୫୦ କୋଟି ଟଙ୍କାରେ କୋଲକାତା ପଟୁ ଖେଳୁଥିବା ମିଚେଲ ଷ୍ଟାର୍କଙ୍କ ବେସ ପ୍ରାଇସ ମଧ ୨ କୋଟି ରହିଛି।

### ଦ.ଆଫ୍ରିକା ବିପକ୍ଷ ଟି-୨୦ ସିରିଜ

# ବୋଲରଙ୍କ ଚିନ୍ତାରେ ଭାରତ



ନୂଆଦିଲ୍ଲୀ: ଭାରତୀୟ ଯୁବ କ୍ରିକେଟ୍ ଦଳ ସଂପ୍ରତି ଦକ୍ଷିଣ ଆଫ୍ରିକା ଗସ୍ତରେ ଅଛନ୍ତି। ଏହି ଗସ୍ତରେ ଘରୋଇ ଦଳ ବିପକ୍ଷରେ ସୂର୍ଯ୍ୟକୁମାର ଯାଦବଙ୍କ ଦଳ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ପ୍ରଥମ ଟି-୨୦ ନଭେମ୍ବର ୮ରେ ଡର୍ବାନରେ ଖେଳାଯିବ।

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଖେଳିଥିବା ଖେଳାଳିଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ଚୟନ କରାଯାଇ ନାହିଁ। ଏକ ଯୁବ ଭାରତୀୟ ଦଳକୁ ପୁଣି ଥରେ ଟି-୨୦ ସିରିଜ୍ ପାଇଁ ଚୟନ କରାଯାଇଛି।ଯେଉଁ ଦଳ ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ୍ ଖେଳିଥିଲେ, ସେହି ସମାନ ଦଳକୁ ଦକ୍ଷିଣ ଆଫ୍ରିକା ଗସ୍ତରେ ପଠା ଯାଇଛି ।

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ରେ ଓ୍ୱିକେଟ୍ କିପର ବ୍ୟାଟର ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଇନିଂସ ଓପନ କରିବେ। ଦୀର୍ଘ ସମୟ ପରେ ଦଳକୁ ଫେରିଥିବା ତିଳକ ବର୍ମା ତୃତୀୟ କ୍ରମରେ ବ୍ୟାଟିଂ କରିପାରନ୍ତି ।ଚାରି ନମ୍ବରରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିବେ। ପାଞ୍ଚ ନମ୍ବରରେ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଛଅ ନମ୍ବରରେ ରିଙ୍କୁ ସିଂ ଫିନିସର ଭୂମିକା ନିର୍ବାହ କରିବେ। ଏହି ଦୁଇ ଖେଳାଳିଙ୍କ ଉପରେ ବିସ୍ଫୋରକ ବ୍ୟାଟିଂ କରି ରନ ଗତି ବଢାଇବାର ଦାୟିି ରହିବ ଏହା ପରେ ଅକ୍ଷୟ ପଟେଲ୍ ନିମ୍ନ କ୍ରମରେ ବ୍ୟାଟିଂ କରିବେ।

ବୋଲିଂରେ ହାର୍ଦ୍ଦିକ ପାଣ୍ଡ୍ୟା ରହୁଥିବାରୁ ଦଳରେ କେବଳ ଦୁଇ ଜଣ ଦ୍ରୁତ ବୋଲର ଖେଳିବାର ଆଶା କରାଯାଉଛି। ସ୍ପିନ ବୋଲର ଭାବେ ରବି ବିଷ୍ଣୋଇ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିବା ନିଶ୍ଚିତ ଲାଗୁଛି। ଏହିପରି ଭାରତ ପାଖରେ ବୋଲର ଭାବେ ଛଅ ବିକଳ୍ପ ରହିବେ। ଅର୍ଶଦୀପ, ଅଭେଶ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ବୋଲିଂ ସମ୍ଭାଳୁଥିବା ବେଳେ ଚକ୍ରବର୍ତ୍ତୀ, ବିଷ୍ଣୋଇ ଓ ଅକ୍ଷର ସ୍ପିନ ବିଭାଗ ସମ୍ଭାଳିବେ। ପ୍ରଥମ ଥର ଟି-୨୦ ଦଳରେ ସ୍ଥାନ ପାଇଥିବା ବାମହାତୀ ଦ୍ରୁତ ବୋଲର ଯଶ ଦୟାଲଙ୍କୁ ଭାରତୀୟ ଦଳ ପକ୍ଷରୁ ପଦାର୍ପଣ ପାଇଁ କିଛି ସମୟ ଅପେକ୍ଷା କରିବାକୁ ପଡ଼ିପାରେ।

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ ପାଇଁ ସମ୍ଭାବିତ ଚୂଡ଼ାନ୍ତ ଏକାଦଶ- ଅଭିଷେକ ଶର୍ମା, ସଞ୍ଜୁ ସାମସନ(ଓ୍ୱିକେଟ୍ କିପର), ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ଅକ୍ଷର ପଟେଲ୍, ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂ ଓ ଅଭେଶ ଖାନ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ